

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୨ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 02 OCTOBER 2022
Vol.No. 32 ■ No. 257 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦେଶରେ ୫ଜି ସେବାର ଶୁଭାରମ୍ଭ

ନୂଆଦିଲ୍ଲୀ, ୦୧/୯ : ଆଜିଠୁ ସାରା ଦେଶରେ ଆରମ୍ଭ ହୋଇଛି ୫ଜି ସେବା । ଏଥିସହ ଗ୍ରାହକଙ୍କୁ ଆଜିଠାରୁ ଅତ୍ୟାଧୁନିକ ମୋବାଇଲ ସେବା ମିଳିବ । ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ ଇଣ୍ଡିଆ ମୋବାଇଲ କଂଗ୍ରେସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶୁଭ ଉଦଘାଟନ କରିଛନ୍ତି । ଅତ୍ୟାଧୁନିକ ଟେଲିକମ୍ ସର୍ଭିସ ସହ ଭାରତ ମଧ୍ୟ ସେହି ଦେଶ ତାଲିକାରେ ଯୋଡି ହୋଇଛି, ଯେଉଁଠି ୫ଜି ସେବା ଉପଲବ୍ଧ ହେଉଥିଲା । ପ୍ରଥମ ପର୍ଯ୍ୟାୟରେ ଏହା ୧୩ଟି ସହରରେ ଆରମ୍ଭ ହୋଇଛି । ଅହମ୍ମଦାବାଦ, ବେଙ୍ଗାଲୁରୁ, ଚଣ୍ଡିଗଡ, ଗାନ୍ଧିନଗର, ଗୁରୁଗ୍ରାମ,




ହାଇଦ୍ରାବାଦ, ଜାମନଗର, କୋଲକତା, ଚେନ୍ନାଇ, ଲକ୍ଷ୍ନୌ, ପୁନେ, ଦିଲ୍ଲୀ ଓ ମୁମ୍ବାଇରେ ୫ଜି ସେବା ଆରମ୍ଭ ହୋଇଛି । ଏୟାରଟେଲ ପକ୍ଷରୁ ବାରାଣସୀ ଓ ଜିଓ ପକ୍ଷରୁ ଅହମ୍ମଦାବାଦରେ ୫ଜି ନେଟୱର୍କ ସେବା ଆରମ୍ଭ ହେବ । ୨୦୩୦ ସୁଦ୍ଧା ଏହି ସେବା ଧୀରେ ଧୀରେ ସମଗ୍ର ଦେଶରେ ଆରମ୍ଭ ବୋଲି ଆଶା କରାଯାଉଛି । ଆଜିର ଏହି ୫ଜି ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ ଓ ପୁଅ ଆକାଶ ଅମ୍ବାନୀ ପ୍ରମୁଖ ସାମିଲ ହୋଇଥିଲେ । ପ୍ରଥମେ ମେଟ୍ରୋ ସହରରେ ଏହି ସେବା ଆରମ୍ଭ ହେବ । ପରେ ପର୍ଯ୍ୟାୟ କ୍ରମେ ଧୀରେ ଧୀରେ ଏହା ଅନ୍ୟ ସହରରେ ଆରମ୍ଭ କରାଯିବ । ଫାଇଭ ଜି ସେବା ଫୋର୍ଜିଠୁ ୧୦ ଗୁଣା ସ୍ପିଡ୍ ସେବା ଦେବା । ଆବଶ୍ୟକ ସ୍ଥଳେ ଏହି ସ୍ପିଡ ୧୦୦ ଗୁଣା ଯାଏଁ ବଢିପାରିବ । ୟୁଜର୍ସଙ୍କ ପାଇଁ ଡାଉନଲୋଡ୍ ସ୍ପିଡ ବଢ଼ାଇବ ୫ଜି । ଅକ୍ଟୋବର ପହିଲାରୁ ଦିଲ୍ଲୀର ପ୍ରଗତି ମଇଦାନରେ ଭାରତୀୟ ମୋବାଇଲ୍ କଂଗ୍ରେସ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି କାର୍ଯ୍ୟକ୍ରମ ଅକ୍ଟୋବର ୪ ପର୍ଯ୍ୟନ୍ତ ଚାଲିବ ।

## ରୁଷ ବିରୋଧରେ ଜାତିସଂଘରେ ନିନ୍ଦା ପ୍ରସ୍ତାବ : ଭୋଟରୁ ଦୂରେଇ ରହିଲେ ଭାରତ, ଚୀନ, ବ୍ରାଜିଲ



ନୂଆଦିଲ୍ଲୀ, ୦୧/୯ : ମିଳିତ ଜାତିସଂଘ ସୁରକ୍ଷା ପରିଷଦ ବା ୟୁଏନଏସସିରେ ରୁଷ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଆଣିଛି ଆମେରିକା । ଶୁକ୍ରବାର ରୁଷ ୟୁକ୍ରେନର ୪ଟି ଅଂଚଳକୁ ନିଜ ଦେଶରେ ସାମିଲ କରିଛି । ଏହାକୁ ବିରୋଧ କରି ଆମେରିକା ଜାତିସଙ୍ଘରେ ନିନ୍ଦା ପ୍ରସ୍ତାବ ଆଣିଥିଲେ । ତେବେ ଏହି ପ୍ରସ୍ତାବକୁ ୧୦ଟି ଦେଶର ସମର୍ଥନ ଜଣାଇଛନ୍ତି । ହେଲେ ଭୋଟିଂ ବେଳେ ଭାରତ ଏଥିରୁ ନିଜକୁ ଦୂରେଇ ରଖିଛି । ଭାରତ ସମେତ ଚୀନ, ବ୍ରାଜିଲ, ଗାବନ୍ ମଧ୍ୟ ପ୍ରସ୍ତାବ ଉପରେ ଭୋଟିଂ ଦେଇନହାନ୍ତି । ଏହି ନିନ୍ଦା ପ୍ରସ୍ତାବରେ ଭୋଟ ନଦେଇ ଭାରତ ପୁଣି ଥରେ ରୁଷ ପ୍ରତି ନିଜର ବନ୍ଧୁତା ଦେଖାଇଛି । ସେପଟେ ଜାତିସଙ୍ଘରେ ରୁଷ ନିଜ ଭିଟୋ ପାୱାର ଜରିଆରେ ପ୍ରସ୍ତାବକୁ ଖାରଜ କରିଦେଇଛି ।

## ଦଶହରା ପାଇଁ କଟକରେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

କଟକ/ଭୁବନେଶ୍ୱର, ୦୧/୯(ନି.ପ୍ର): ଦଶହରା ପାଇଁ କଟକରେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ସହରରେ ଏଥରେ ୨୮ ଚାନ୍ଦୀ ମେଢ଼ ହେଉଛି । ବିଭିନ୍ନ ସ୍ଥାନରେ ପୋଲିସ ଏଡ ପୋଷ୍ଟ ରହିବ । ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା । ସହରକୁ ୮ ଭାଗରେ ବିଭକ୍ତ କରାଯାଇଛି । ପ୍ରତିଟି ଭାଗରେ ଜଣେ ଲେଖାଏଁ ଅଧିକାରୀ ରହିବେ । ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମେଢ଼ ପାଖରେ ପୋଲିସ ରହିବେ । ମଦ ବିରୋଧି ଅଭିଯାନ ଚାଲିଛି । ବିଭିନ୍ନ ସ୍ଥାନରେ ଷ୍ଟ୍ରାଇକିଂ ଫୋର୍ସ ମୁତୟନ ରହିବେ । ସେହିପରି ମସଜିଦ୍, ଗିର୍ଜା ସମ୍ମୁଖରେ ପୋଲିସ କର୍ମୀ ମୁତୟନ ରହିବେ ।

## ରୁଷ ଉପରେ ଆମେରିକାର ଅଙ୍କୁଶ : ଶହ ଶହ କମ୍ପାନୀକୁ କଳା ବ୍ୟାନ୍

ନୂଆଦିଲ୍ଲୀ, ୦୧/୯ : ୟୁକ୍ରେନର ୪ଟି ଅଂଚଳକୁ କବଜାକୁ ନେଇଛି ରୁଷ । ଦକ୍ଷିଣ ପୂର୍ବ ୟୁକ୍ରେନର ଦୋନେତସ୍କ, ଲୁହାନ୍ସ୍କ, ଖେର୍ସାନ୍, ଏବଂ ଜାପୋରିଝଝିଆ ଏହି ୪ ଅଂଚଳକୁ ରୁଷ ଅକ୍ତିଆର କରିବା ନେଇ ଘୋଷଣା ପରେ ପାଶ୍ଚ୍ୟତା ଦେଶଗୁଡିକୁ ଲାଗିଛି ବଡ ଝଟ୍କା । କ୍ରେମଲିନ୍ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟପତି ଭଦ୍ଲମିର ପୁଟିନ୍ ଘୋଷଣା କରିଥିଲେ ଯେ, ୟୁକ୍ରେନର ଏବେ ୧୫ ପ୍ରତିଶତ ଅଂଚଳ ରୁଷ ନିଜ ଦଖଲକୁ ନେଇଛି । ତେବେ ରାଷ୍ଟ୍ରପତିଙ୍କ ଏଭଳି ଘୋଷଣା ପରେ ଚିହିଙ୍କି ଉଠିଛନ୍ତି ପାଶ୍ଚତ୍ୟ ଦେଶ ସମୁହ । ରୁଷର ଏହି ପଦକ୍ଷେପ ପରେ ଆମେରିକା, ବିଟ୍ରେନ ସମେତ ଅନେକ ପାଶ୍ଚାତ୍ୟ ଦେଶ କ୍ରୋଧିତ ହୋଇପଡିଛନ୍ତି । ନିଷ୍ପତିକୁ ଅସ୍ୱିକାର କରିବା ସହ ଏହା ଅର୍ନ୍ତରାଷ୍ଟ୍ରିୟ ନିୟମର ଉଲଙ୍ଘନ



ବୋଲି କହିଛି ଆମେରିକା । ଏଥିସହ ଆମେରିକା ରୁଷ ଉପରେ ବିଭିନ୍ନ ଅଙ୍କୁଶ ଲଗାଇଛି । ପ୍ରାୟ ୧୦୦୦ରୁ ଅଧିକ ଲୋକଙ୍କ ସହ ଅନେକ କମ୍ପାନୀକୁ ବ୍ୟାନ୍ କରିଛି ଆମେରିକା । ୟୁକ୍ରେନ- ରୁଷ ପ୍ରସଙ୍ଗକୁ ନେଇ କଡା ଚେତାବନୀ ଦେଇଛନ୍ତି ବାଇଡେନ୍ ସରକାର । ଆମେରିକା ସମତେ ସମସ୍ତ ପାଶ୍ଚତ୍ୟ ଦେଶ ଗୁଡିକ ୟୁକ୍ରେନ ସହ ରହିଛି । ତେଣୁ ପଡୋଶୀଙ୍କ ସୁରକ୍ଷା ପାଇଁ ପ୍ରଥମ ପ୍ରାଥମିକତା ବୋଲି କହିଛି ଆମେରିକା । ବାଇଡେନ୍ ଆହୁରି ମଧ୍ୟ କହିଛନ୍ତି ଆମେରିକା ନାଟୋ ଦେଶ ପ୍ରତି ଯତ୍ନବାନ ରହିଛି । ତେଣୁ ନାଟୋ ଦେଶର ଇଂଚେ ବି ଜାଗା କବଜ୍ ହେବାକୁ ଦେବୁନାହିଁ । ପାଶ୍ଚାତ୍ୟ ରାଷ୍ଟ୍ରୀ ବିଭିନ୍ନ ପଦକ୍ଷେପକୁ ସମାଲୋଚନା କରିଛନ୍ତି ରୁଷ ରାଷ୍ଟ୍ରପତି ପୁଟିନ । ସେ କହିଛନ୍ତି ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ଔପନିବେଶିକ ନୀତିକୁ ରୁଷ ତ୍ରୀବ ବିରୋଧ କରୁଛି ।

## ଖାଦ୍ୟ ସୁରକ୍ଷା ରାଜ୍ୟ ହିତାଧିକାରୀ ଆଉ ତିନି ମାସ ପାଇଁ ଅତିରିକ୍ତ ଚାଉଳ ପାଇବେ

ଭୁବନେଶ୍ୱର, ୦୧/୯(ନି.ପ୍ର): ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ ମାନଙ୍କୁ ଆଉ ତିନି ମାସ ପାଇଁ ଅତିରିକ୍ତ ୫ କେ.ଜି ଚାଉଳ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ୨.୯୨ ଲକ୍ଷ ପରିବାରର ୯.୦୫ ଲକ୍ଷ ହିତାଧିକାରୀ ଉପକାର ପାଇବେ । ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ୨୦୨୨, ଏହି ତିନି ମାସ ପାଇଁ ହିତାଧିକାରୀ ମାନେ ଏ ନ ଏ ଫ ଏ ସ ଏ ହିତାଧିକାରୀମାନଙ୍କ ପରି ମୁଣ୍ଡପିଛା ମାସକୁ ୫ କେ.ଜି ଲେଖାଏ ଅତିରିକ୍ତ ଚାଉଳ ମାଗଣାରେ ପାଇପାରିବେ ।

## ଷଷ୍ଠୀରେ ମା'ଙ୍କର ବେଲବରଣୀ ପୂଜା

ଭୁବନେଶ୍ୱର, ୦୧/୯(ନି.ପ୍ର): ଆଜି ମା'ଙ୍କର ଷଷ୍ଠୀ ପୂଜା । ପରମ୍ପରା ଅନୁଯାୟୀ, ଷଷ୍ଠୀରେ ମା'ଙ୍କର ବେଲବରଣୀ ପୂଜା କରାଯାଇଥାଏ । ଅର୍ଥାତ ବେଲ ଗଛ ନିକଟରେ ପୂଜା କରାଯାଇ ଘଟ ଆସି ମଣ୍ଡପରେ ରଖାଯିବ । ବେଲ ଗଛରେ ମା' ସରସ୍ୱତୀ, ମା' କାଳୀ, ମା' ଲକ୍ଷ୍ମୀ ବିରାଜମାନଥାନ୍ତି ବୋଲି ବିଶ୍ୱାସ ରହିଛି । ତେବେ କିଛି ପୂଜା ମଣ୍ଡପରେ ଏହି ନୀତି ସକାଳେ ସମ୍ପନ୍ନ ହୋଇଥିବା ବେଳେ କିଛି ମଣ୍ଡପରେ ସନ୍ଧ୍ୟାରେ



କରାଯାଉଛି । ରବିବାର ମହାସପ୍ତମୀରେ ମା'ଙ୍କର ଚକ୍ଷୁଦାନ ହେବ । ଏହା ପରେ ସୋମବାର ଦିନ ମହାଷ୍ଟମୀରେ ▶▶ପୃଷ୍ଠା ୭

## ଆଜିଠୁ ବର୍ଷାର ପରିମାଣ ବଢିବ

ଭୁବନେଶ୍ୱର, ୦୧/୯(ନି.ପ୍ର): ପଶ୍ଚିମ-କେନ୍ଦ୍ରୀୟ ତଥା ଆନ୍ଧ୍ର ଉପକୂଳ ସମୁଦ୍ର ମଧ୍ୟରେ ଗତକାଲି ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବର୍ତ୍ତମାନ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତାକାଲି ଠାରୁ ବର୍ଷାର ପରିମାଣ ବଢିବ । ବିଶେଷ କରି ୨ ତାରିଖରୁ ୫ ତାରିଖ ମଧ୍ୟରେ ସାରା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ । ତେଣୁ ଦୁର୍ଗାପୂଜା ମାହୋଲକୁ ବର୍ଷା ଧୋଇନେଇପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଜଗତସିଂହପୁର,



କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨ ରୁ ୩ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ ଏବଂ ଢେଙ୍କାନାଳ ଜିଲ୍ଲାର କିଛି ଅଂଚଳରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ବର୍ଷା ହୋଇପାରେ । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ଆଗକୁ ମଧ୍ୟ ଜାରି ରହିବ ମାଗଣା ଟିକାକରଣ

ଭୁବନେଶ୍ୱର, ୦୧/୯(ନି.ପ୍ର): ବିନା ମୂଲ୍ୟରେ ଟିକାକରଣ ଅବଧି ଗତକାଲି ଶେଷ ହୋଇଛି । ତେବେ ରାଜ୍ୟରେ ଆଗକୁ ମଧ୍ୟ ମାଗଣାରେ ଟିକାକରଣ ଜାରି ରହିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଗତ ଜୁଲାଇ ୧୫ରୁ ସେପଟ୍ଟେମ୍ବର ୩୦ ପର୍ଯ୍ୟନ୍ତ କୋଭିଡ ଟିକାକରଣର ଅମୃତ ମହୋତ୍ସବ ଚାଲିଥିଲା । ଏହି କ୍ରମରେ ୧୮ ରୁ ୫୯ ବୟସର ଲୋକଙ୍କୁ ମାଗଣାରେ ଟୀକା ଦିଆ ହେଉଥିଲା । ଏହି ଅବଧି ମଧ୍ୟରେ



ଏକ କୋଟି ୨୧ ଲକ୍ଷ ୫୦ହଜାର ପ୍ରିକସନ ଡୋଜ ଟୀକା ଦିଆ ଯାଇଛି । ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଗଣା ଟୀକା ଆଗରୁ ଦିଆଯାଉଥିଲା । ସେମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ଲୋକ ମଧ୍ୟ ଟୀକା ନେଇ ସାରିଛନ୍ତି । ୩୮ ପ୍ରତିଶତ ଲୋକ ପ୍ରିକସନ ଡୋଜ ନେଇ ସାରିଛନ୍ତି । ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଗଣା ଟିକାକରଣ ବନ୍ଦ ପାଇଁ କୌଣସି ▶▶ପୃଷ୍ଠା ୭

## ଉତ୍ତରାଖଣ୍ଡରେ ଭୟଙ୍କର ହିମସ୍ଖଳନ

ନୂଆଦିଲ୍ଲୀ, ୦୧/୯ : ଉତରାଖଣ୍ଡରେ ଭୟଙ୍କର ହିମସ୍ଖଳନ । କେଦାରନାଥରୁ ଧସିଲା ବିଶାଳକାୟ ପଥରଖଣ୍ଡ । ଶନିବାର ସକାଳ ୬ଟାରେ ହିମାଳୟ ପର୍ବତରୁ ବିଶାଳକାୟ ବରଫ ଖଣ୍ଡ ଧସିଛି । ତେବେ ଏଥିରେ ମନ୍ଦିରର କୌଣସି କ୍ଷୟକ୍ଷତି ହୋଇନଥିବା ସୁଚନା ମିଳିଛି । ଘଟଣାସ୍ଥଳରେ ଥିବା ଯାତ୍ରୀମାନେ କିନ୍ତୁ ଭୟଭୀତ ହୋଇଯାଇଥିଲେ । ସେପଟେ ହିମସ୍ଖଳନ ବେଳର ଏକ ଭିଡିଓ ସାମ୍ନାକୁ ଆସିଛି । ଏଥିରୁ କିଭଳି ପାହାଡରୁ ବରଫଖଣ୍ଡ ଧସୁଛି, ତାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି । ଗତ ମାସ ୨୩ରେ ବି କେଦାରନାଥ ମନ୍ଦିର ନିକଟ ପାହାଡରେ ହିମସ୍ଖଳନ ଘଟିଥିଲା । ଗତ ୧୦ ଦିନରେ ଦୁଇ ଥର ପଥର ଖସିବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ଅଛନ୍ତି ।

## ପୂଜା ପୂର୍ବରୁ ଅବକାରୀ ଧରପଗଡ : ଦଶ ଦିନରେ ୮ କୋଟି ଟଙ୍କାରୁ ଅଧିକ ସାମଗ୍ରୀ ଜବତ

ଭୁବନେଶ୍ୱର, ୦୧/୯(ନି.ପ୍ର): ଦଶହରାର ଅବ୍ୟବହିତ ପୂର୍ବରୁ ରାଜ୍ୟରେ ଅବକାରୀ ଧରପଡଗ ଜୋରଦାର ହୋଇଛି । ପାର୍ବଣ ସମୟରେ ଯେଭଳି ବେଆଇନ୍ ନିଶା କାରବାର ନହୁଏ ସେଥିପାଇଁ ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହଙ୍କ ନିର୍ଦ୍ଦେଶରେ ସମଗ୍ର ରାଜ୍ୟରେ ଅବକାରୀ ଅଧିକାରୀମାନେ ଚଢଉକୁ ଜୋରଦାର କରିଛନ୍ତି । ସେପ୍ଟେମ୍ବର ୨୧ ରୁ ୩୦ ତାରିଖ ମଧ୍ୟରେ ୧୫୪ ନାର୍କୋଟିକ୍ସ ମାମଲା ସହିତ ନକଲି ବିଦେଶୀ ମଦ ଜବତ ହୋଇଛି । ଏହି ଚଢଉ ସମୟରେ ୨୪୮୪ ଗ୍ରାମ ହିରୋଇନ୍ , ୧୧୦୩ କିଲୋ ଗଞ୍ଜେଇ, ୫୨.୭ ଲିଟର କଫ ସିରପ, ୧୪୧୮ ଲିଟର ନକଲି ବିଦେଶୀ ମଦ, ୯୫୦ ଲିଟର ସ୍ପିରିଟ୍ ଜବତ ହୋଇଛି । ଏଥି ସହିତ ଏହି କାରବାରରେ ସାମିଲ ୧୬୩ ଜଣ ବ୍ୟକ୍ତି ଗିରଫ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୯୯ଜଣ ବିରୁଦ୍ଧରେ ଏନଡିପିଏସ ଦଫା ଲାଗିଛି । ୯୯ଜଣ ନକଲି ବିଦେଶୀ ମଦ କାରବାର ପାଇଁ ଗିରଫ ହୋଇଛନ୍ତି । ସେହିଭଳି ଅବକାରୀ ଚଢଉ ସମୟରେ ୧୪୭ଟି ମୋଟରଯାନ ଜବତ ହୋଇଛି । ଜବତ ଅବକାରୀ ସାମଗ୍ରୀ ଓ ଯାନବାହାନର ମୂଲ୍ୟ ୮.୨୭ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

## ନିର୍ବାଚନ ମଇଦାନରେ ଶଶି ଥରୁର ବନାମ ମଲ୍ଲିକାର୍ଜୁନ ଖଡଗେ

ନୂଆଦିଲ୍ଲୀ, ୦୧/୯ : କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ପାଇଁ ହେବ ଜୋରଦାର ଟକ୍କର । ଦୁଇ ପ୍ରଭାବଶାଳୀ ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରେ ହେବାକୁ ଯାଉଛି ଲଢେଇ । ଝାଡଖଣ୍ଡ ନେତା କେ ଏନ୍ ତ୍ରିପାଠୀଙ୍କ ନାମାଙ୍କନ ରଦ୍ଦ ହେବା ପରେ ମଲ୍ଲିକାର୍ଜୁନ ଖଡଗେ ଓ ଶଶୀ ଥରୁର ହେବେ ମୁହାଁମୁହିଁ । ଆସନ୍ତା ୧୭ରେ ହେବ କଂଗ୍ରେସ ପ୍ରେସିଡେଣ୍ଟ ଇଲେକ୍ସନ । ଏଥର ଜଣେ ଅଣଗାନ୍ଧୀ ପାଲଟିବେ କଂଗ୍ରେସ ଅଧ୍ୟକ୍ଷ । ରାଜସ୍ଥାନ ଡ୍ରାମା, ଗେହଲଟଙ୍କୁ ନେଇ ଅନିଶ୍ଚିତତାର ପର୍ବ ପରେ ଏବେ ପ୍ରସ୍ତୁତ ହୋଇଯାଇଛି ମୈଦାନ । କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ପାଇଁ



ହେବ ଦ୍ୱିପାକ୍ଷିକ ଲଢ଼େଇ । ମୈଦାନରେ ଏବେ ଦୁଇ ପ୍ରତିଦ୍ୱନ୍ଦ୍ୱୀ । ମଲ୍ଲିକାର୍ଜୁନ ଖଡ଼ଗେ ବନାମ ଶଶୀ ଥରୁର । କାରଣ ଝାଡ଼ଖଣ୍ଡର କଂଗ୍ରେସ ନେତା କେଏନ ତ୍ରିପାଠୀଙ୍କ ନାମାଙ୍କନ ରଦ୍ଦ ହୋଇଯାଇଛି । କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କମିଟିର ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରୀ ଏନେଇ ସୂଚନା ଦେଇଛନ୍ତି । ତ୍ରିପାଠୀ ଦୌଡ଼ରୁ ବିଦା ହେବା ପରେ ଏବେ ଥରୁର ଓ ଖଡ଼ଗେଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବ । ତେବେ ବର୍ତ୍ତମାନର ସ୍ଥିତି ଦେଖିଲେ ଖଡ଼ଗେଙ୍କ ପଲ୍ଲା ଭାରି ରହିଛି । ତାଙ୍କ ନାମାଙ୍କନ ବେଳେ କଂଗ୍ରେସର ପ୍ରାୟ ସବୁ ବଡ଼ ନେତାଙ୍କୁ ଦେଖିବାକୁ ମିଳିଥିଲା । ଏହାସହ ଖଡ଼ଗେଙ୍କ ପଛରେ ଉଭୟ ସୋନିଆ ଓ ରାହୁଲଙ୍କ ସମର୍ଥନ ଥିବା କୁହାଯାଉଛି । ତେବେ ଏତେ ସହଜରେ ହାର ମାନିଯିବାକୁ ଥରୁର ମଧ୍ୟ ପ୍ରସ୍ତୁତ ନୁହଁନ୍ତି । ନିଜର ବାକଚାତୁରୀ ପାଇଁ ବେଶ୍ ପ୍ରସିଦ୍ଧ ଥରୁର କହିଛନ୍ତି ଯେ, ଯଦି ଦଳର ବର୍ତ୍ତମାନର ସ୍ଥିତି ନେଇ କଂଗ୍ରେସ କର୍ମୀମାନେ ସନ୍ତୁଷ୍ଟ ଅଛନ୍ତି, ତାହେଲେ ଖଡ଼ଗେଙ୍କ ସପକ୍ଷରେ ଭୋଟ୍ ଦିଅନ୍ତୁ, ହେଲେ ଯଦି ପରିବର୍ତ୍ତନ ଚାହାନ୍ତି, ତାହେଲେ ତାଙ୍କ ସପକ୍ଷରେ ମତ ଯିବା ଉଚିତ ବୋଲି ଥରୁର କହିଛନ୍ତି । ତେବେ ଏଥିରେ ବିଚାରଧାରାର କୌଣସି ସମସ୍ୟା ନାହିଁ ବୋଲି କହିଛନ୍ତି ଶଶୀ ଥରୁର । ସେପଟେ ବିଜେପି କହିଛି ଯେ, ଯିଏ ବି କଂଗ୍ରେସ ଅଧ୍ୟକ୍ଷ ହେବ, ଗାନ୍ଧୀ ପରିବାରର ହାତରେ କଣ୍ଢେଇ ସାଜିବ । ଅକ୍ଟୋବର ୮ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି । କିଛି କଂଗ୍ରେସ ନେତା ନାମାଙ୍କନ ପ୍ରତ୍ୟାହାର ପାଇଁ ଥରୁରଙ୍କୁ ଅପିଲ କରିଛନ୍ତି । ଯଦି ଥରୁର ନାମାଙ୍କନ ପ୍ରତ୍ୟାହାର ନକରନ୍ତି ତା ହେଲେ ଅକ୍ଟୋବର ୧୭ରେ ନିର୍ବାଚନ ହେବ । ଅନ୍ୟପଟେ ରାଜ୍ୟସଭାରେ ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି ମଲ୍ଲିକାର୍ଜୁନ ଖାଡ଼ଗେ । ଏବେ ଦିଗବିଜୟ ସିଂ କିମ୍ୱା ପି ଚିଦାମ୍ବରମଙ୍କୁ ଏହି ଦାୟିତ୍ୱ ମିଳିବ ବୋଲି ଚର୍ଚ୍ଚା ହେଉଛି ।

# ଏନସିସି ମହାନିର୍ଦ୍ଦେଶକ - ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା

ଭୁବନେଶ୍ୱର,୦୧/୧୦ (ନି.ପ୍ର): ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅତିବିଶିଷ୍ଟ ସେବା ମେଡ଼ାଲପ୍ରାପ୍ତ ମହାନିର୍ଦ୍ଦେଶକ (ଡିଜି,ଏନ୍‌ସିସି) ଲେଫ୍‌ଟନାଂଟ ଜେନେରାଲ ଗୁରୁବୀରପାଲ୍ ସିଂ ସଂପ୍ରତି ଓଡ଼ିଶା ଗସ୍ତରେ ଆସିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ସେ ଲୋକସେବା ଭବନରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କାର୍ଯ୍ୟ ଏବଂ ଦେଶକୁ ଗଢ଼ିତୋଳିବା ପାଇଁ ସେମାନେ ନେଉଥିବା ବିଭିନ୍ନ ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ନିର୍ଦ୍ଦେଶାଳୟ, ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସାମାଜିକ, ରଚନାତ୍ମକ କାର୍ଯ୍ୟରେ ସଶକ୍ତ କରିବାରେ ଏବଂ ଦୁଃସାହସିକ କାର୍ଯ୍ୟକ୍ରମରେ ବଳିଷ୍ଠ ଭୂମିକା ନେବା ସହ ଦେଶଭକ୍ତି, ନେତୃତ୍ୱ ଗ୍ରହଣ, ଦକ୍ଷତା ବିକାଶ, ସମାଜସେବୀ, ନିର୍ମଳ ପରିବେଶ, କ୍ରୀଡ଼ା ଓ ଲିଙ୍ଗଗତ ସମାନତା ପାଇଁ ଗ୍ରହଣ କରୁଥିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିବା ବିଷୟ ନେଇ ବିଶଦ ଆଲୋଚନା ହୋଇଥିଲା। ମହାନିର୍ଦ୍ଦେଶକ ଶ୍ରୀ ସିଂ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ରେଷ୍ଟ ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ସମ୍ବଲପୁର ଜିଲ୍ଲାରେ ପଂଚମ ଏନ୍‌ସିସି ନାଭାଲ୍ ୟୁନିଟ୍ ପ୍ରତିଷ୍ଠା ତଥା ମହାବିଦ୍ୟାଳୟରେ କ୍ୟାଡେଟ୍ ସଂଖ୍ୟା ବୃଦ୍ଧି ସଂପର୍କରେ ମହାନିର୍ଦ୍ଦେଶକଙ୍କ ସହ ବିଶଦ ଆଲୋଚନା କରିଥିଲେ।

ଉକ୍ତ ପରିଦର୍ଶନ ସମୟରେ ଉପମହାନିର୍ଦ୍ଦେଶକ କମୋଡ଼ର ସୋମେନ୍ ବାନାର୍ଜୀ, କର୍ଣ୍ଣେଲ ସାଗର କେ. ମହାନ୍ତି ନିର୍ଦ୍ଦେଶକ, ଏନ୍‌ସିସି ନିର୍ଦ୍ଦେଶାଳୟ, ଓଡ଼ିଶା ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁରୀ ସମୁଦ୍ରକୂଳ ବେଳାଭୂମିରେ ଏନସିସିର ପୁନିତ୍ ସାଗର ଅଭିଯାନ

ପୁରୀ,୦୧/୧୦ (ନି.ପ୍ର): ଏନସିସିର ମହାନିର୍ଦ୍ଦେଶକଙ୍କ ଉପସ୍ଥିତିରେ ପୁରୀ ସମୁଦ୍ରକୂଳ ବେଳାଭୂମିରେ ଏନସିସିର ପୁନିତ୍ ସାଗର ଅଭିଯାନ ଜାତୀୟ କ୍ୟାଡେଟ୍ କୋର (ଏନସିସି) ଦ୍ୱାରା ସମୁଦ୍ର କୂଳ ତଥା ହ୍ରଦ, ନଦୀ, ପୁଷ୍କରିଣୀ ଓ ଜଳସ୍ରୋତକୁ ପରିଷ୍କାର ଏବଂ ଅବକ୍ଷୟ ଯୋଗ୍ୟ ବର୍ଜ୍ୟବସ୍ତୁରୁ ମୁକ୍ତ ରଖିବା ପାଇଁ ସଚେତନତା ସୃଷ୍ଟି କରିବାର ଏକ ଅଭିନବ ପ୍ରୟାସ। ଆଜି ପ୍ରତ୍ୟୁଷରୁ ପୁରୀ ଜିଲ୍ଲା ପ୍ରଶାସନ ପ୍ରଶାସନ ଓ ଷଷ୍ଠ ଓଡିଶା ଏନସିସି ବାଟାଲିୟନର ମିଳିତ ଆନୁକୂଲ୍ୟରେ ଏହି ସଫେଇ କାର୍ଯକ୍ରମ ଦିଗବାରେଣୀ ଠାରୁ ଲାଇଟ ହାଉସ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୫୦ ଏନସିସି କ୍ୟାଡେଟ୍, ୫୦ ଏନସିସି ଆଲୁମିନି, ପୂର୍ବତନ ସେନାବାହିନୀ ଏବଂ ତଟରକ୍ଷୀ ବାହିନୀ ସମେତ ସେନା, ନୌସେନା, ବାୟୁସେନାର ୧୦୦ ଜଣ, ଜିଲ୍ଲା ପ୍ରଶାସନ, ପୁରୀ ପୌରପାଳିକାର ଅଧିକାରୀ, ସମୁଦ୍ରକୂଳ ବିକ୍ରେତା ଏବଂ ପର୍ଯ୍ୟଟକମାନେ ଏକତ୍ରିତ ହୋଇଥିଲେ। ସମୁଦାୟ ୭୫୬ କିଲୋଗ୍ରାମ ପ୍ଲାଷ୍ଟିକ ଏବଂ ଅବକ୍ଷୟ ଯୋଗ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ପୁରୀ ପୌରପାଳିକାର ପ୍ରତିନିଧିଙ୍କୁ ହସ୍ତାନ୍ତର କରାଯାଇଥିଲା।

ଏହି କାର୍ଯ୍ୟକ୍ରମର ମହତ୍ୱକୁ ଆଲୋକିତ କରିବା ପାଇଁ ଏନସିସି କ୍ୟାଡେଟମାନେ ନୁକ୍କଡ ନାଟକ "ଜଳ ଲକ୍ଷ୍ୟ ତଳେ ଜୀବନ" ଏବଂ "ସ୍ୱଚ୍ଛ ସାଗର ସୁରକ୍ଷିତ୍ ସାଗର" ପ୍ରଦର୍ଶନ କରିଥିଲେ। ପୁରୀ ବେଳାଭୂମିର ସୁବର୍ଣ୍ଣ ବାଲି ବର୍ଜ୍ୟବସ୍ତୁ ଦ୍ୱାରା ନଷ୍ଟ ହେବା ବିରୋଧରେ ଏନସିସି କ୍ୟାଡେଟମାନେ ବିକ୍ରେତା ଏବଂ ପର୍ଯ୍ୟଟକଙ୍କୁ ମଧ ସଚେତନ କରିଥିଲେ। ତାଙ୍କର ଅବଦାନ ଏବଂ ନେତୃତ୍ୱ ଗୁଣ ପାଇଁ ଏନସିସି କ୍ୟାଡେଟ୍ ଶୁଭେନ୍ଦୁ ଶଙ୍କର ପ୍ରଧାନଙ୍କୁ ଡିଜି ଏନସିସି ପଦକ ପ୍ରଦାନ କରାଯାଇଥିଲା ଏବଂ ତାଙ୍କୁ "ପୁନିତ୍ ସାଗର ଯୋଡା" ଭାବରେ ମନୋନୀତ କରାଯାଇଥିଲା। ବର୍ଷ ବର୍ଷ ଧରି ସମୁଦ୍ର କୂଳକୁ ପରିଷ୍କାର ରଖିବାରେ ଉତ୍ସର୍ଗୀକୃତ ହୋଇଥିବାରୁ ପୁରୀ ମ୍ୟୁନିସିପାଲିଟି ଡିଜି ଏନସିସିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ଆମର ସମୁଦ୍ର କୂଳକୁ ସଫା ରଖିବାର ମହତ୍ୱ ଦର୍ଶାଇବା ପାଇଁ ପୁରୀ ସାଗର ବେଳାଭୂମିରେ ଜଣାଶୁଣା ବାଲୁକା କଳାକାର ମାନସ କୁମାର ସାହୁଙ୍କ ଦ୍ୱାରା ଏକ "ବାଲୁକା କଳା" ସୃଷ୍ଟି କରାଯାଇଥିଲା।

ଏହି ଉତ୍ସବରେ ଏନସିସିର ମହା ନିର୍ଦ୍ଦେଶକ ଲେଫ୍ଟନାଂଟ ଜେନେରାଲ ଗୁରୁବୀରପାଲ ସିଂ, ଏଭିଏସଏମ, ଭିଏସଏମ, ଓଡିଶା ଏନସିସି ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଜେନେରାଲ କମୋଡୋର ସୋମନ ବାନାର୍ଜୀ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଯୋଗ ଦେଇଥିଲେ। ଡିଜି ଏନସିସି ତାଙ୍କ ଉଦବୋଧନରେ ପୁରୀ ବିଚକୁ ପରିଷ୍କାର ରଖିବାରେ ଉତ୍ସାହ ଏବଂ ଉତ୍ସର୍ଗୀକୃତତା ପାଇଁ ଏନସିସି କ୍ୟାଡେଟମାନଙ୍କୁ ସାଧୁବାଦ ଜଣାଇଥିଲେ। ରାଷ୍ଟ୍ର ନିର୍ମାଣର ଏହି ଉତମ କାରଣକୁ ସମର୍ଥନ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ସ୍ୱଚ୍ଛ ଭାରତ ପଦକ୍ଷେପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଡିଜି ଏନସିସି ଜିଲ୍ଲା ପ୍ରଶାସନର ଉଦ୍ୟମକୁ ମଧ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଷଷ୍ଠ ଓଡିଶା ବାଟାଲିୟନ ଏନସିସିର କମାଣ୍ଡିଂ ଅଫିସର ଲେଫ୍ଟନାଂଟ କର୍ଣ୍ଣେଲ ପ୍ରସୁନ କୁମାର ପଣ୍ଡା ସଂଯୋଜନା କରିଥିଲେ ଏବଂ କ୍ୟାପଟ୍ନେ ଡକ୍ଟର ଶୁଭେନ୍ଦୁ ମିଶ୍ର ଏବଂ ସୁବେଦାର ମେଜର ରୋହତଶ ସକ୍ରିୟ ଭାବରେ ସହଯୋଗ କରିଥିଲେ। ଜିଲ୍ଲା ପ୍ରଶାସନ ପୁରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୀ ପୌରପାଳିକା ସରୋଜ ସ୍ୱାଇଁଙ୍କ ସହ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମ କରାଯାଇଥିଲା।

ପୁରୀ ସାଗର ବେଳାଭୂମି କୁ ଷଷ୍ଠ ଓଡିଶା ବାଟାଲିୟନ ଏନସିସିର କ୍ୟାଡେଟ ମାନେ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି ଏବଂ ଏହାକୁ ପରିଷ୍କାର ଏବଂ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ସ୍ଥାନୀୟ ତଥା ପର୍ଯ୍ୟଟକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଏନସିସି ପ୍ରତିଶ୍ରୁତି ଦେଇଛି। ଏହାର ମୁକାବିଲା ପାଇଁ ଏନସିସି ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନଇପି) ସହିତ ଏମଓୟୁ ସ୍ୱାକ୍ଷର କରିଛି, ଏନସିସି ପକ୍ଷରୁ ଏହି ସୂଚନା ଦିଆଯାଇଛି।

# ସଂସ୍କାରକ ଶ୍ରୀବତ୍ସ ପଣ୍ଡା ଓଡ଼ିଆ ଜାତିର ନମସ୍ୟ

ଭୁବନେଶ୍ୱର,୦୧/୧୦ (ନି.ପ୍ର): ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ସଦସ୍ୟ, ଓଡ଼ିଶାରେ ଆର୍ଯ୍ୟ ସମାଜର ପ୍ରଥମ ବାର୍ତ୍ତାବହ, ଗଞ୍ଜାମ ଜିଲ୍ଲାର ପ୍ରଥମ ସ୍ନାତକ, ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ପ୍ରଥମ ସଭାପତି, 'ସଂସ୍କାରକ' ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ, ଓଡ଼ିଶାରେ ନାରୀଶିକ୍ଷା ଓ ବିଧବା ବିବାହର ପ୍ରଥମ ପ୍ରୋତ୍ସାହକ ସଂସ୍କାରକ ଶ୍ରୀବତ୍ସ ପଣ୍ଡାଙ୍କ **୧୫୨**ତମ ଜୟନ୍ତୀ ଆର୍ଯ୍ୟ ସମାଜ ଓଡ଼ିଶା ପକ୍ଷରୁ ଶ୍ରୀ ଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାର ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ପ୍ରଥମ ସମ୍ପାଦକ ସ୍ୱର୍ଗତ ନିରଞ୍ଜନ ପଟ୍ଟନାୟକଙ୍କ ସୁପୁତ୍ରୀ, ଭାରତବର୍ଷର ନାରୀ ଜାଗରଣର ଅନନ୍ୟା ନେତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଧର୍ମପତ୍ନୀ, ପୂର୍ବତନ ସାଂସଦ ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି, ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ବିଂଶ ଶତାବ୍ଦୀର ଆଦ୍ୟ ଦଶକର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ସୁରକ୍ଷା ଦେଇଥିବା, ଗୋପାଳ ଚନ୍ଦ୍ର ପ୍ରହରାଜ, ନିଳମଣି ବିଦ୍ୟାରତ୍ନ ପ୍ରମୁଖ ଶ୍ରୀବତ୍ସ ପଣ୍ଡାଙ୍କୁ ସଂସ୍କାରକ ଭାବେ ସମ୍ବୋଧନ କରିବା ପରେ ସମଗ୍ର ଓଡ଼ିଶାରେ ସେ ସଂସ୍କାରକ ଶ୍ରୀବତ୍ସ ପଣ୍ଡା ଭାବେ ପରିଚିତ ହୋଇଥିଲେ। ସେ ଅତ୍ୟନ୍ତ ସ୍ପଷ୍ଟବାଦୀ ଥିଲେ। ସେ ପ୍ରକୃତରେ ଓଡ଼ିଆ ଜାତିର ଚିର ନମସ୍ୟ। ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, କେନ୍ଦ୍ରୀୟ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ଆର୍ତ୍ତତ୍ରାଣ ମିଶ୍ର କେତୋଟି ଐତିହାସିକ ଉଦାହରଣ ଦେଇ, ଭକ୍ତକବି ମଧୁସୂଦନ ରାଓଙ୍କ ପ୍ରଦତ୍ତ ଉପାଧି 'ଉତ୍କଳର ବିଦ୍ୟାସାଗର' ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଦକ୍ଷିଣ ଓଡ଼ିଶାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଦୀର୍ଘ ୫୦ ବର୍ଷ ଧରି କାର୍ଯ୍ୟ କରୁଥିବା ପାକ୍ଷିକ ଘଡ଼ଘଡ଼ିର ସମ୍ପାଦକ ତଥା ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କୁ ପ୍ରଫେସର ଶତପଥି ଓ ସ୍ୱାମିଜୀ ମିଳିତ ଭାବେ ମାନପତ୍ର, ଉ ରୀୟ ଓ ସ୍ମୃତି ଫଳକ ପ୍ରଦାନ କରି 'ସଂସ୍କାରକ ଶ୍ରୀବତ୍ସ ପଣ୍ଡା' ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତରରେ ଶ୍ରୀ ମହାପାତ୍ର କହିଲେ ଯେ, ଓଡ଼ିଆ ଜାତି ପାଇଁ ଶ୍ରୀବତ୍ସ ପଣ୍ଡାଙ୍କର ଅବଦାନକୁ, ଓଡ଼ିଆ ଜାତି ଠିକଣା ଭାବେ ମୂଲ୍ୟାୟନ କରିନାହିଁ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ଶିକ୍ଷାବିତ୍ ଡ଼ଃ ସୌରେନ୍ଦ୍ର କୁମାର ମହାପାତ୍ର, ପୂର୍ବ ପ୍ରଶାସକ ଗୋପାଳ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମାଜସେବୀ ସୀତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଓ ବାସ୍ତୁବିତ ଡଃ ମନୋଜ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଜନ୍ମେଜୟ ନାୟକ, ନଳିନୀକାନ୍ତ ରାଉତ, ଭବାନୀକାନ୍ତ ରାଉତ, ପଣ୍ଡିତ ବିନୋଦ ବିହାରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚ୍ଳନା କରିଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ପରିବେଷଣ କରିଥିଲେ ରଞ୍ଜନ କୁମାର ସାହୁ ଓ ତାଙ୍କ ସାଥୀମାନେ।

# ବଲାଙ୍ଗିର ଜିଲ୍ଲାର ୩୧୭ ପଂଚାୟତରେ ବାଳସଭା ଅନୁଷ୍ଠିତ

ବଲାଙ୍ଗୀର,୦୧/୧୦ (ନି.ପ୍ର): ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ବିରୋଧ ତଥା କିଶୋର ସଶକ୍ତିକରଣ ଟାସ୍କଫୋର୍ସ ବଲାଙ୍ଗିର ଚଂଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗିର ଜିଲ୍ଲାର ୩୧୭ଟି ଯାକ ପଂଚାୟତରେ ପଂଚାୟତ ସ୍ତରୀୟ ବାଲ୍ୟ ବିବାହ ନିରୋଧ ଓ କିଶୋର ସଶକ୍ତିକରଣ ଟାସ୍କ-ଫୋର୍ସ ଏବଂ ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ମିଳିତ ଉଦ୍ୟମରେ ବାଳସଭା (ଶିଶୁଙ୍କ ପାଇଁ ଦିନଟିଏ) ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପଂଚାୟତ ସ୍ତରୀୟ ଟାସ୍କଫୋର୍ସର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ସମସ୍ତ ସରପଂଚ, ଆବାହିକା ଭାବେ ସଂପୃକ୍ତ ଆଇସିଡିଏସ୍ ସୁପରଭାଇଜର, ପିଇଓ, ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ, ଏ.ଏନ୍?.ଏମ୍?/ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଭାପତି, ସଂପାଦିକା, କିଶୋରୀ କ୍ଲବ, ଆଂଚଳିକ ଯୁବ ଗୋଷ୍ଠୀ, ଆଶା କର୍ମୀ, ବାଳକ ଓ ବାଳିକା ପ୍ରତିନିଧି, ସାମାଜିକ ପ୍ରତିଷ୍ଠିତ ଭଦ୍ରବ୍ୟକ୍ତି ତଥା ଜିଲ୍ଲା ଶୁଶୁ ସୁରକ୍ଷା ୟୁନିଟର ପ୍ରତିନିଧିଗଣ ଯୋଗ ଦେଇଥିଲେ। ସମସ୍ତ ବାଳସଭାମାନଙ୍କରେ ଅଂଚଳରେ ଥିବା ଶିଶୁମାନଙ୍କର ସମସ୍ୟା ସଂପର୍କରେ ସମସ୍ତ ପ୍ରତିଭାଗୀ ଆଲୋଚନା କରି ସମ୍ଭାବ୍ୟ ସମାଧାନ ଉପରେ ବିଚାର ବିମର୍ଷ କରି ସମାଧାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ବାଳ ସଭା କ୍ରମେ ସମସ୍ତେ ପଦଯାତ୍ରା କରି, ବାଲ୍ୟ ବିବାହକୁ ନା, ଶିଶୁ ଶ୍ରମିକ କୁ ନିର୍ମୁଳ, କୁପୋଷଣର ଶିକାର ନ ହେବାକୁ, ଶିଶୁ ଚାଲାଣ ସଂପୂର୍ଣ୍ଣ ରୋକାଯିବାକୁ ଓ ସ୍କୁଲଯିବା ବୟସର ସମସ୍ତ ଶିଶୁ ନିୟମିତ ଓ ନିଶ୍ଚିତ ଶିକ୍ଷା ଅଧିକାର ପ୍ରାପ୍ତ ହେବେ। ନାରାବାଜି ହୋଇଥିଲା। ଏହା ପରେ ସମସ୍ତ ପଂଚାୟତରେ ଶିଶୁ ମଙ୍ଗଳ ଧର୍ମୀ କାର୍ଯ୍ୟ ପାଇଁ ସଂକଳ୍ପ ଓ ଶପଥ ପାଠ ହୋଇଥିଲା।

# ଓୟୁଜେର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

ଜୟପୁର,୦୧/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ସେମିଲିଗୁଡା କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଜାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମାନ୍ନିତ ଅତିଥି ଭାବେ ଶ୍ରିତମ କଲେଜର ଅଧକ୍ଷ କୃଷ୍ଣ ସିଂ, ଅଧ୍ୟାପକ ଚିତରଞ୍ଜନ ମହାନ୍ତି, ସମାଜ ସେବି ମମତା ରାୟ ପ୍ରମୁଖ ଜୋଗ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ସାମନ୍ତ ରାୟ, ପରିକ୍ଷୀତ ବିଶ୍ୱାଳ, କୋରାପୁଟ ଜିଲ୍ଲାସାମ୍ବାଦିକ ସଂଘର ସଭାପତି ଭବାନି ଶଙ୍କର ମିଶ୍ର ସମ୍ପାଦକ ରାଜେନ୍ଦ୍ର ଗୌଡ, ନବରଙ୍ଗପୁର ଜିଲ୍ଲା ସଂଘ ସଭାପତି ସୁସାନ୍ତ କୁମାର ବେହେରା, ରାୟଗଡା ଜିଲ୍ଲାଉପ ସଭାପତି ରାଜେସ ପଟନାୟକ,ଜୟପୁରର ପୁର୍ବତନ ଉପାଧକ୍ଷ ବାଲା ରାୟ,ସ୍ୱେଛାସେବି ସଂଗଠିକା ସ୍ନିଗ୍ଧା ରାଣି ମିଶ୍ର,ଜଗନାଥ ପ୍ରେମି ଲଳିତ ପଟନାୟକ ଯୋଗ ଦେଇଥିଲେ।ଏଇ ବୈଠକ ଉପଲକ୍ଷେ ସେମିଲିଗୁଡା ଓ ସୁନା ବେଡା ଅଂଚଳର ୨୬ ଜଣ କିଛି ପୁରୁଣା ଓ ନୁଆ ସାମ୍ବାଦିକ ଏଇ ସଙ୍ଘରେ ସ୍ୱଇଛାରେ ସାମିଲ ହୋଇଥିବା ବେଳେ ଅତିଥି ମାନଙ୍କ ଦ୍ୱାରା ସେମାନଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ।ଏଥିସହ ନିମନ୍ତ୍ରୀତ ଅତିଥି ମାନେ ସାମ୍ବାଦିକ ମାନଙ୍କର କାର୍ଯ୍ୟକୁ ଭୁୟସି ପ୍ରସଂସା କରିଥିଲେ।ବୈଠକରେ ସାମ୍ବାଦିକ ମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ବିମା ରାଶି ୨ ଲକ୍ଷରୁ ବଢେଇକି ଲକ୍ଷ କରିବା,ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ କରାଜିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଧେଶ୍ୟରେ ସ୍ଥାନିୟ ବିଡିଓଙ୍କ ଜରିଆରେ ପ୍ରଦାନ କରାଜାଇଥିଲା। ଓୟୁଜେ ଏକ ଅପ୍ରତିଦ୍ୱନ୍ଦି ସଂଗଠନ,ଏହି ସଂଗଠନର ପ୍ରତିଦ୍ୱନ୍ଦି କେହି ନାହାନ୍ତି, ନିରବିଛିନ୍ନ ଭାବେ ସାମ୍ବାଦିକ ମାନଙ୍କ ପଛରେ ଓୟୁଜେ ରହିଚି ବୋଲି ମୁଖ୍ୟ ଅତିଥି ପ୍ରସନ୍ନ ମହାନ୍ତି ପ୍ରକାସ କରିଥିଲେ। ନବରଙ୍ଗପୁର ଜିଲ୍ଲାରେ ସାମ୍ବାଦିକ ମାନଙ୍କ ଉପରେ ପୋଲିସର ବର୍ବରତାକୁ ନିନ୍ଦା କରାଜିବା ସହ ସେଥିରେ ସମ୍ପୃକ୍ତ କର୍ମଚାରି ମାନଙ୍କ ଉପରେ ଦୃଢ କାର ?ୟ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଜିବ ବୋଲି କୁହା ଜାଇଥିଲା। ଏଥିରେ କୋରାପୁଟ, ରାୟଗଡା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର ସତାଧିକ ସାମ୍ବାଦିକ ଯୋଗ ଦେଇ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ଟି ଗୋ ?ରୀ ଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।ସୁନାବେଡା ପ୍ରେସ କ୍ଲବର ସଦସ୍ୟ ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ଟିଟିଲାଗଡ଼ ନୂତନ ଏସଡିପିଓ ରୂପେ ଅଙ୍କିତା କୁମ୍ଭାରଙ୍କ ଯୋଗଦାନ

ବଲାଙ୍ଗୀର,୦୧/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ପୁଲିସ ଆରକ୍ଷୀ ଅଧିକ୍ଷକ ଭାବେ ଯୋଗ ଦେଇଛନ୍ତି ଅଙ୍କିତା କୁମ୍ଭାର। ସେ ୨୦୧୯ ବ୍ୟାଚ୍ର ଓପିଏସ୍ ଅଫିସର। ପୂର୍ବରୁ ସେ ଜଳେଶ୍ୱର ଏସଡିପିଓ ଭାବରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ଏବେ ଟିଟିଲାଗଡ଼ରେ ଯୋଗଦାନ କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବତନ ଏସଡିପିଓ ସୁରେନ୍ଦ୍ର ନାଥ ଶତପଥିଙ୍କର କଟକ ବଦଳି ହୋଇଥିବା ଜଣାପଡିଛି। ନୂତନ ଏସଡିପିଓ ଭାବେ ଯୋଗଦେବା ପରେ ଟିଟିଲାଗଡ଼ ପୁଲିସ ଉପଖଣ୍ଡରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଢ଼ତାର ସହିତ ବଜାୟ ରଖିବା ଓ ଅପରାଧ ଏବଂ ଅପରାଧିଙ୍କୁ ଦୃଢ଼ତାର ସହିତ ଦମନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଖଣିଜ ପାଣ୍ଠିର ଅର୍ଥକୁ ଚାରିହାତରେ ଖର୍ଚ୍ଚ ନେଇ ବାରମ୍ବାର ମୁହଁ ଖୋଲୁଛି କଂଗ୍ରେସ, ଭାଜପା ନିରବ : କାର୍ଯ୍ୟାନୁଷ୍ଠାନ ଶୂନ

ରାଉରକେଲା,୦୧/୧୦ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ)କୁ ବିଗତ ଦୁଇ ବର୍ଷରେ ଜିଲ୍ଲା ପ୍ରଶାସନ ଓ ଏହି କମିଟି ମନଇଛା ଚାରିହାତରେ ଖର୍ଚ୍ଚ କରିବା ନେଇ ଜିଲ୍ଲା କଂଗ୍ରେସ ରାଉରକେଲା ତରଫରୁ ବାରମ୍ବାର ଅଭିଯୋଗ ହେବା ସହ ନିକଟରେ ଏହାର ତଦନ୍ତ ଲାଗି ଏସପି ଭିଜିଲାନ୍ସଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ୨୦୨୪ରେ ଶାସନକୁ ଆସିବା ଲାଗି ଲଢେଇ କରିବାକୁ ବିଜେପି ଜାତୀୟ ସଭାପତି ନଡ୍ଡା ଗୁରୁମନ୍ତ୍ର ଦେବା ପରେ ମଧ ଭାରତୀୟ ଜନତା ପାର୍ଟି ଏନେଇ ପଦେ ହେଲେ ମୁହଁ ନଖୋଲିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଗତ କୋଭିଡ ସମୟରେ ଏହି ଅର୍ଥ ଲୋକଙ୍କ ସେବାରେ ଲଗାଇବା ଲାଗି ନିଷ୍ପତି ହୋଇଥିବା ବେଳେ ବିଭିନ୍ନ ଡାକ୍ତରଖାନାରେ ସେବା ପାଇଥିବା ରୋଗୀଙ୍କର ଆବଶ୍ୟକ ଅର୍ଥ ବାବଦରେ ଜିଲ୍ଲା ପ୍ରଶାସନ ଏହି ପାଣ୍ଠିରୁ ଡାକ୍ତରଖାନା ଗୁଡିକୁ ଅର୍ଥ ଯୋଗାଇ ଦେଇଥିଲେ। ତେବେ ବିନା ମେଡିକାଲ କଲେଜରେ ଚାଲିଥିବା ରାଉରକେଲା ଜୟପ୍ରକାଶ ଡାକ୍ତରଖାନାକୁ ପ୍ରଶାସନ ଅହେତୁକ ଅନୁକଂପା ପ୍ରଦର୍ଶନ ନେଇ ଜିଲ୍ଲା କଂଗ୍ରେସ ଅଭିଯୋଗ ଆଣିଥିଲା। କୁହାଯାଇଥିଲା କି, ଭୁବନେଶ୍ୱରର ମେଡିକାଲ କଲେଜ ଡାକ୍ତରଖାନା ସମ, କିଶ୍ ଭଳି ଡାକ୍ତରଖାନା କରୋନା ରୋଗୀ ପିଛା ଚିକିତ୍ସା ଲାଗି ୧ ଲକ୍ଷ ଭିତରେ ଓ୧ ଲକ୍ଷ ୨୪ ହଜାର ୬୬୨ ଟଙ୍କା ନେଇଥିବା ବେଳେ ରାଉରକେଲାର ଜେପି ଡାକ୍ତରଖାନାକୁ ରୋଗୀ ପିଛା ୫ ଲକ୍ଷ ୧୮ ହଜାର ୯୬୯ ଟଙ୍କା କିଭଳି କେଉଁ କାରଣ ଲାଗି ଦିଆଗଲା ବୋଲି କଂଗ୍ରେସ ଦଳ ପ୍ରଶ୍ନ କରିଥିଲା। ଏ ବାବଦରେ ମୋଟ ଶହେ ୫ କୋଟୀ ୩୦ ଲକ୍ଷ ଟଙ୍କା ପ୍ରଦାନ ପଛରେ କିଛି ଅସାଧୁ ସରକାରୀ ବାବୁ ଓ ସରକାରୀ ଦଳର କିଛି ଦଲାଲ ରହିଥିବା ନେଇ କଂଗ୍ରେସ ଅଭିଯୋଗ ଆଣି ଏହାର ସିଏଜି ତଦନ୍ତ ଦାବି କରିବା ସହ ଭିଜିଲାନ୍ସ ତରଫରୁ ଏହାର ତଦନ୍ତ ଲାଗି ଦାବି କରାଯାଇଛି। ଏନେଇ ଏକ ଏତଲା ମଧ କଂଗ୍ରେସ ଦଳ ପକ୍ଷରୁ ରାଉରକେଲା ଭିଜିଲାନ୍ସ ପାଖରେ କରାଯାଇଛି ବୋଲି ଜିଲ୍ଲା ସଭାପତି ଦେବବ୍ରତ ବିହାରୀ ପ୍ରକାଶ କରିଛନ୍ତି। ତେବେ ଏତେ ବଡ ହରିଲୁଟକୁ ନେଇ ଜିଲ୍ଲା ବିଜେପି କିମ୍ବା ରାଜ୍ୟ ବିଜେପି ସଂପୁର୍ଣ ନିରବ। ଏହି ପାଣ୍ଠିର ପରିଚାଳନା ଏହାର ତିଆରିକୁ ନେଇ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ ସମସ୍ତେ ସଠିକ ଭାବରେ ପାଳନ କରିବା କଥା। ତା ଛଡା ଯେହେତୁ ଏହା ଖଣି ମାମଲା ତେଣୁ କେନ୍ଦ୍ର ସରକାରଙ୍କର ଅଧିକ ଦାୟିତ୍ୱ ରହିଛି ତେଣୁ ବିଜେପି ଦଳର ନେତା ମାନେ ଏନେଇ ଦୃଷ୍ଟି ଦେବା କଥା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ସୁପ୍ରିମକୋର୍ଟଙ୍କ ଆଦେଶର ଅବମାନନା ସତ୍ୱେ ଏଯାଏ ଜିଲ୍ଲାର ସାଂସଦ ଓ ଏହି କମିଟିରେ ଥିବା ବିଜେପି ବିଧାୟକ ମାନେ ମୁହଁ ଖୋଲି ନାହାନ୍ତି। ଦଳର ମୁଖିଆ ମାନେ କହୁଛନ୍ତି ୨୦୨୪ରେ ଶାସନ କ୍ଷମତାକୁ ଆସିବା ଲାଗି ଲାଗିପଡ, ଦିଲ୍ଲୀରୁ ନଡ୍ଡା ଆସି ମଧ ମନ୍ତ୍ର ଦେଲେ ହେଲେ ତଥାପି ଏତେ ବଡ ହରିଲୁଟ ଅଭିଯୋଗକୁ ନେଇ ଦଳ ପୁରା ଚୁପ୍।

ଖାଲି ସେତିକି ନୁହେଁ ନିକଟରେ ଖଣି ଅଂଚଳର ଶ୍ରମିକ ମାନଙ୍କୁ ସୁରକ୍ଷା ସାମଗ୍ରୀ ଯୋଗାଣ ନେଇ ମଧ ବ୍ୟାପକ ହରିଲୁଟ ଏହି ପାଣ୍ଠିରୁ କରାଯିବା ସହ ରାଉରକେଲା ମହାନଗର ନିଗମରେ ମିଡିଆ ସେଲ, ପ୍ରୋଜେକ୍ଟ ମନିଟରିଂ ୟୁନିଟ ଲାଗି ମଧ ମାସିକ କୋଟୀ କୋଟୀ ଟଙ୍କା ଖର୍ଚ୍ଚ ଚାଲିଛି। ପ୍ରଶାସନ କଣ କାମ କଲା ତାର ପ୍ରଚାର ପ୍ରସାର ଲାଗି ମାସିକ ୪ ଲକ୍ଷ ଟଙ୍କା ଦେଇ ୟୁଟୁବ ଚାନେଲ ବାଲାଙ୍କୁ ଏଠି ପୋଷା ଚାଲିଛି। ନିଜକୁ ସାମ୍ବାଦିକ କହି ଆରଏମସିରେ ପଶିଥିବା ଏକ ଦଲାଲ ଓ କିଛି ସରକାରୀ ବାବୁ ଏସବୁ ଲୁଟ ପାଟର ମୁଖ୍ୟ ନାୟକ ସାଜିଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି, ହେଲେ ଜିଲ୍ଲା ସରକାରୀ ବ୍ୟବସ୍ଥା ଓ ବିରୋଧୀ ବିଜେପି ପୁରା ଚୁପ। ରାଜ୍ୟ ଭିଜିଲାନ୍ସ ଡାଇରେକ୍ଟର ଓ ୫-ଟି ସଚିବ ଏହି ହରିଲୁଟ ସଂପର୍କରେ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ଆରସେର୍ଲର ମିତଲ କମ୍ପାନୀର ନଦୀଭିତିକ ବନ୍ଦର ନିର୍ମାଣ ପ୍ରକଳ୍ପକୁ ଜନଶୁଣାଣିରେ ତୀବ୍ର ବିରୋଧ

ପାରାଦ୍ୱୀପ,୦୧/୧୦ (ନି.ପ୍ର): ପାରାଦ୍ୱୀପ ସ୍ଥିତ ଆରସେର୍ଲର ମିତଲ ନିପନ କମ୍ପାନୀର ନଦୀ ଭିତିକ ବନ୍ଦର ନିର୍ମାଣ ନେଇ ଜିଲ୍ଲା ପ୍ରଶାସନ ଓ ପ୍ରଦୁ୍ୟଷଣ ନିୟନ୍ତ୍ରଣ ବୋର୍ଡ଼ର ମିଳିତ ଆନୁକୂଲ୍ୟରେ ପାରାଦ୍ୱୀପ ମ୍ୟୁନିସିପାଲଟିର କଲ୍ୟାଣ ମଣ୍ଡପ ଠାରେ ଆଜି ପୂର୍ବାହ୍ନ ୧୧ ଟା ସମୟରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ କାହ୍ନୁଚରଣ ଧିର ପୌରହିତ୍ୟ କରିଥିବା ବେଳେ ସ୍ଥାନୀୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ଼ ଅଧିକାରୀ ପି.ସି. ବେହେରା ଶିବିର ପରିଚାଳନା କରିଥିଲେ।

ଶିବିର ଆରମ୍ଭରେ ଏହି ପ୍ରକଳ୍ପ ବିରୁଦ୍ଧରେ ପ୍ରବଳ ବିରୋଧଭାଷ ପ୍ରକାଶ ପାଇଥିଲା। ଆରସେର୍ଲର ମିତଲ ନିପନ କମ୍ପାନୀ ପୂର୍ବରୁ ଏସଆର ଷ୍ଟିଲ୍ କମ୍ପାନୀ ଥିଲା। ୨୦୦୭ ମସିହାରେ ଏହି କମ୍ପାନୀ ନିର୍ମାଣ ହୋଇ ସର୍ତ୍ତ ମୁତାବକ ସ୍ଥାନୀୟ ନିଯୁକ୍ତି, ପୁର୍ନବାସ ଓ ଥଇଥାନରେ ଖିଲାପ, ଜମିହରାଙ୍କ ବକେୟା ଅର୍ଥ ପ୍ରଦାନରେ ବିଳମ୍ୱ ଏବଂ ଏଥି ସହିତ ତୀବ୍ର ପରିବେଶ ପ୍ରଦୁଷଣ କରୁଅଛି। ଲୋକେ ତ୍ରାହି ତ୍ରାହି ଡାକୁଥିବା ବେଳେ ଏହି ମିତଲ କମ୍ପାନୀ ପ୍ରାୟ ୪୦୦ କୋଟି ଟଙ୍କାର ନଦୀଭିତିକ ବନ୍ଦର ପ୍ରକଳ୍ପ ନିର୍ମାଣ ପାଇଁ ପ୍ରୟାସ ଜାରୀ ରଖିଥିବାରୁ ସବୁ ବର୍ଗର ଲୋକେ ମିଳିତ ଭାବେ ଆଜି ଏହାର ବିରୋଧ କରିଥିଲେ। ସର୍ବୋପରି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ସଂଘ (ଓମ୍ପା)ର ସଭାପତି ଶ୍ରୀକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ଶହ ଶହ ମତ୍ସ୍ୟଜିବୀ ଧମକ ଦେଇଛନ୍ତି ଯେ, ଯଦି କଳ ବଳ କୌଶଳ ଲଗାଇ ମିତଲ କମ୍ପାନୀ ଏହି ବନ୍ଦର ପ୍ରକଳ୍ପ କରେ, ତେବେ ମତ୍ସ୍ୟଜିବୀ ମାନେ କଦାପି ଏହାକୁ ବରଦାସ୍ତ କରିବେ ନାହିଁ। ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ।

## ବ୍ରହ୍ମବରଦାଠାରେ ଅନୁଭବ କେନ୍ଦ୍ର ଉଦଘାଟିତ

ଧର୍ମଶାଳା,୦୧/୧୦ (ନି.ପ୍ର): ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବା ଲକ୍ଷରେ ଟିପି ନଦର୍ଣ୍ଣ ନର୍ଥ ଓଡିଶା ଡିଷ୍ଟ୍ରିବୁସନ ଲିମିଟେଡ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ଉନ୍ନତମାନର ସେବା ଯୋଗାଇ ଦେବା ଲକ୍ଷ୍ୟରେ ଆଜି ରସୁଲପୁର ବ୍ଲକ ବ୍ରହ୍ମବରଦା କଲେଜଛକ ନିକଟରେ ଏକ ଅନୁଭବ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ବ୍ରହ୍ମବରଦା ବିଦ୍ୟୁତ୍ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ରୋଡ ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱ ରଂଜନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ କୁଆଖିଆ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ଦାସ ଓ କୁଆଖିଆ ଏସ୍‌ଡିଓ ସୀତାଂଶୁ ଶେଖର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟୁତ୍ ଉପଭୋକ୍ତାମାନେ ବିଦ୍ୟୁତ୍ ବିଲ ସମ୍ବନ୍ଧୀୟ ସମସ୍ୟାକୁ ତତ୍କାଳ ସମାଧାନ କରାଯିବ ବୋଲି ଏହି ଅନୁଭବ କେନ୍ଦ୍ରର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏହି ସହିତ ବ୍ରହ୍ମବରଦା ଅଂଚଳରେ ଥିବା ୩ହଜାରରୁ ଉର୍ଦ୍ଧ ଉପଭୋକ୍ତା ଉପକୃତ ହୋଇପାରିବେ।

# ବ୍ରହ୍ମାଙ୍କୁ ବାଟ ଦେଖାଇଥିଲେ ମା' ବାଟମଙ୍ଗଳା

ପୁରୀ,୦୧/୧୦ (ନି.ପ୍ର): ଶ୍ରୀକ୍ଷେତ୍ରର ପ୍ରବେଶ ପଥରେ ଅବସ୍ଥିତ ମା ବାଟମଙ୍ଗଳା ମନ୍ଦିର। ମା ପରମ ବୈଷ୍ଣବୀ। ମାଙ୍କ ମହିମା ଅପାର। କିମ୍ବଦନ୍ତୀ ଅଛି ବ୍ରହ୍ମା ସୃଷ୍ଟି ସର୍ଜନା କରିବା ପାଇଁ ଭଗବାନ ବିଷ୍ଣୁଙ୍କୁ ନାଭି କମଳରୁ ପ୍ରକଟ କରାଇଥିଲେ। ପ୍ରକଟ ସମୟରେ ମହାଶୂନ୍ୟକୁ ଦେଖି ବ୍ରହ୍ମା ବାଉଳା ହୋଇଯାଇଥିଲେ। ଏହି ସମୟରେ ଯୋଗମୟା ମା ମଙ୍ଗଳା ଆର୍ବିଭୂତା ହୋଇ ବ୍ରହ୍ମାଙ୍କୁ ଏକ ସୂକ୍ଷ୍ମ ମାର୍ଗ ଦେଖାଇଥିଲେ। ଯାହାଦ୍ୱାର ବ୍ରହ୍ମା ବିଷ୍ଣୁଙ୍କ ନାଭିମଣ୍ଡଳ ଦର୍ଶନ କରି ଧନ୍ୟ ମନେ କରିଥିଲେ। ବ୍ରହ୍ମାଙ୍କୁ ବାଟ ଦେଖାଇଥିବାରୁ ମାଙ୍କ ନାମ ବାଟ ମଙ୍ଗଳା ହୋଇଛି। ମାଙ୍କ ବିଗ୍ରହଟି ଦୁଇ ଫୁଟର ମଣି ବିଗ୍ରହ। ମା ଚର୍ତୁଭୂଜା। ମା ପଦ୍ମାସନ ମୁଦ୍ରାରେ ବିରାଜମାନ କରିଛନ୍ତି। ମାଙ୍କର ଶାରଦୀୟ ଦୁର୍ଗାପୂଜା, ଚୈତ୍ର ପୂର୍ଣ୍ଣିମା ,ଚୈତ୍ର ମଙ୍ଗଳବାର ମୁଖ୍ୟ ଉତ୍ସବ। ଭକ୍ତ ଶ୍ରୀକ୍ଷେତ୍ରକୁ ଆସିବା ଓ ଯିବା ସମୟରେ ମା ହିଁ ସାକ୍ଷୀ। ଏଥିପାଇଁ ଭକ୍ତ ଆସିବା ଓ ଯିବା ସମୟରେ ମୁଣ୍ଡିଆ ମାରିବା ସହ ମାଙ୍କ ସିନ୍ଦୁର ମୁଣ୍ଡରେ ଲଗାଇଥାନ୍ତି। ମାଙ୍କ ନାମ ଅନୁସାରେ ସେହି ଅଞ୍ଚଳର ନାମ ବାଟମଙ୍ଗଳା ରଖାଯାଇଛି। ନବକଳେବର ସମୟରେ ଦାରୁ ବୋଝେଇ ଶଗଡ଼ିକୁ ମାଙ୍କ ମନ୍ଦିର ସମ୍ମୁଖରେ ରଖାଯାଇ ପୂଜାର୍ଚ୍ଚନା କରାଯିବା ବିଧି ରହିଛି। ଆଶ୍ୱିନ ମାସ ମୂଳାଷ୍ଟମୀ ଦ୍ୱିତୀୟା ଓଷାଠାରୁ ଷୋଳଦିନ ଧରି ମାଙ୍କ ବେଶ ପୂଜା ଅନୁଷ୍ଠିତ ହେଉଛି। ମାଙ୍କ ମନ୍ଦିର ଭୋର ୪ଟାରୁ ଫିଟାଯାଇ ମଙ୍ଗଳଆଳତି,ଅବକାଶ,ମାଜଣା,ମଇଲମ ଓ ବଲ୍ଲଭ ଧୂପ ଅନୁଷ୍ଠିତ ହେଉଅଛି। ବାଲଭୋଗରେ ମାଙ୍କୁ ଖଇକୋରା, ଚୁଡ଼ାଭଜା,ଧୁଆମୁଗ, ସେଉ, କଦଳୀ, କାକୁଡ଼ି, କମଳା ଓ ନଡ଼ିଆ ଭୋଗ ଲାଗି ହୋଇଥାଏ। ମଧ୍ୟାହ୍ନ ଧୂପରେ ମାଙ୍କୁ ସାଧାଅନ୍ନ, ଘିଅଅନ୍ନ, ଖେଚୁଡ଼ି, ଡ଼ାଲି, ଡ଼ାଲମା, ଶାଗ, ଖଟା, ଏଣ୍ଡୁରି ପିଠା ଓ ଖିରୀ ଭୋଗ ଅର୍ପଣ କରାଯାଏ। ମାଙ୍କ ମନ୍ଦିରରେ ଚଣ୍ଡୀପାଠ କରାଯାଉଛି। ମା ଭକ୍ତର ମନସ୍କାମନା ପୂରଣ କରୁଥିବାରୁ ଅନେକ ଭକ୍ତ ମାଙ୍କ ନିକଟରେ ମାନସିକ ପୂରଣ ଭୋଗ ସହ ଘଂଟି ଲାଗି କରିଥାନ୍ତି। ମାଙ୍କ ନିକଟରେ ଆମିଷ ଭୋଗ ହୁଏନାହିଁ। ମାଙ୍କ ପ୍ରିୟ ଶ୍ରୀମନ୍ଦିର ଲଡୁ,ମାହାର୍ଦ୍ଦ ଓ ସରପୁରୀ। ମାଙ୍କ ନିକଟରେ ଭୁବନେଶ୍ୱରୀ ଓ ଭଗବତୀ ଚଳନ୍ତି ପ୍ରତିମାଙ୍କୁ ମନ୍ଦିର ସମ୍ମୁଖରେ ପାଲିଙ୍କିରେ ରଖି ଆଳତି କରାଯିବା ପରମ୍ପରା ରହିଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨ ଅକ୍ଟୋବର, ୨୦୨୨
email : rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ - ୯୩

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଜିଲ୍ଲାର ସ୍କୁଲ ଇନ୍‌ସପେକ୍ଟରଙ୍କ ଦ୍ୱାରା ମଧ ସେ ଜଣାଇଦେଲେ ଯେ ଡିଷ୍ଟ୍ରିକ୍ଟ ବୋର୍ଡ ଓ ମ୍ୟୁନିସିପାଲିଟିର ଚେୟାରମେନ୍‌ଦ୍ୱୟଙ୍କ ସଙ୍ଗେ ଏ ସମ୍ବନ୍ଧରେ ସେ ବାଳିକା ସ୍କୁଲରେ ଆଲୋଚନା କରିବାକୁ ଚାହାଁନ୍ତି । ଯଥା ସମୟରେ ମିସ୍ ନାୟକ ଫେରିଲେ ଓ ମୋତେ ଡକାଇ କହିଲେ ଯେ ବାରମ୍ବାର ଆହ୍ୱାନ ଓ ଅନୁରୋଧରେ ସୁଦ୍ଧା ଚେୟାରମେନ୍ ଦ୍ୱୟ ଆସିଲେ ନାହିଁ । ଏହି ଦୁଇଜଣ ପୁଣି ସମ୍ବଲପୁରର ଦୁଇଜଣ ଓକିଲ, କିନ୍ତୁ ଝାଡୁଆ ବ୍ରାହ୍ମଣ ଓ ମୋ ସମୁଦିଙ୍କ ଅତି ନିକଟ ସମ୍ପର୍କୀୟ । ସ୍ତ୍ରୀ ଶିକ୍ଷା ପ୍ରତି ସମ୍ବଲପୁରବାସୀଙ୍କ ଉଦାସୀନତାରେ ଅସନ୍ତୋଷ ପ୍ରକାଶ କରି ସେ ଚାଲିଗଲେ । ମୁଁ କଟକ ଫେରିଯିବା ପୂର୍ବେ ଆଉଥରେ ସଭା ଡାକିବା ପାଇଁ ଚେଷ୍ଟାକଲି । ତଥାପି କେହି ଉପସ୍ଥିତ ହେଲେ ନାହିଁ । ସମ୍ବଲପୁରର ବିଶିଷ୍ଟ ଶିକ୍ଷାପ୍ରେମୀ ଶ୍ରୀ ବ୍ରଜମୋହନ ପଣ୍ଡା ଓ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସ୍ୱର୍ଗତ ବାଳମୁକୁନ୍ଦ ବହିଦାରଙ୍କୁ ଏ ସମସ୍ତ ବିଷୟ ଜଣାଇଲି । ବାଳମୁକୁନ୍ଦ ବାବୁଙ୍କ ଘରେ ଗୋଟିଏ କପୋଳକଳ୍ପିତ ସଭାରେ ଗୃହୀତ ନିମ୍ନଲିଖିତ ନିର୍ଦ୍ଧାରଣ ଲେଖା ହେଲା- 'ସମ୍ବଲପୁରବାସୀଙ୍କ ଏକ ବିରାଟ ସଭାରେ ଶ୍ରୀ ବାଳମୁକୁନ୍ଦ ବହିଦାରଙ୍କ ସଭାପତିତ୍ୱରେ ସ୍ଥାନୀୟ ମଧ୍ୟଓଡ଼ିଆ ସ୍କୁଲକୁ ମଧ୍ୟଇଂରେଜୀ ସ୍କୁଲରେ ପରିଣତ କରିବା ସପକ୍ଷରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେଲା ।' ଏହା ଅବିଳମ୍ବରେ ଇନ୍‌ପେକ୍ଟର ମିସ୍ ନାୟକଙ୍କଠାରୁ ପଠାହେଲା ଓ ଏହା ଫଳରେ ସମ୍ବଲପୁର ମଧ୍ୟଇଂରେଜୀ ସ୍କୁଲର ଜନ୍ମ । ଏହାର ଅଳ୍ପଦିନ ଉତ୍ତାରେ ମିସ୍ ନାୟକ ମୋ ପ୍ରତି ଧନ୍ୟବାଦ ଜ୍ଞାପନ ପତ୍ର ପାଇ ମୁଁ ଆପ୍ୟାୟିତ ହେଲି ଓ ସେ ମୋର ତଦନୁରୂପ ପତ୍ର ପାଇ ଆପ୍ୟାୟିତ ହୋଇଥିବେ ।

ଏଥିରେ ରକ୍ଷଣଶୀଳ ଦଳ କିନ୍ତୁ ପ୍ରମାଣ ଗଣିଲେ । ମଧ୍ୟଇଂରେଜୀ ସ୍କୁଲରେ ସାତଟା ଶ୍ରେଣୀ । ଇଂରାଜୀ ପଢ଼ା ଚତୁର୍ଥ ଶ୍ରେଣୀରୁ ଆରମ୍ଭ ହୋଇ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ଚାଲେ । ମଧ୍ୟଓଡ଼ିଆ ଓ ମଧ୍ୟଇଂରାଜୀ ପରୀକ୍ଷା ସକାଶେ ଓଡ଼ିଆ ପାଠ୍ୟ ବିଷୟ ସବୁ ସମାନ । ମଧିଂରେଜୀ ପରୀକ୍ଷା ସକାଶେ କେବଳ ଇଂରେଜୀ ଏକ ଅତିରିକ୍ତ ବିଷୟ । ପାଞ୍ଚ କିମ୍ବା ଛଅବର୍ଷରେ ପାଠ ଆରମ୍ଭକଲେ ମଧ୍ୟଓଡ଼ିଆ ହେଉ ଅଥବା ମଧ୍ୟଇଂରେଜୀ ହେଉ ପରୀକ୍ଷାବେଳକୁ ବାଳିକାମାନଙ୍କ ବୟସ ୧୨/୧୩ ହୋଇଯାଇଥିବ । ବଡ଼ ବିଷମ କଥା ! ଏତେ ବୟସ ହେବାଯାଏ ଯଦି ଝିଅମାନେ ସ୍କୁଲରେ ରହିବେ, ତାହାହେଲେ ସେମାନଙ୍କ ଘରକରଣା ଶିକ୍ଷା ଆଉ କେବେ ହେବ ? ପୁଣି ଇଂରେଜୀ ପଢ଼ି ମାଇନର ପାସ୍‌କଲେ କେତେ ଝିଅଙ୍କ ଯଦି ହାଇସ୍କୁଲ ଓ ତା'ପରେ କଲେଜକୁ ଯିବାପାଇଁ ମନ ହୁଏ ତାହାହେଲେ ଆହୁରି ସର୍ବନାଶ । ଏ ସମସ୍ତ ଭାବନା ଅଭିଭାବକମାନଙ୍କୁ ଯେତେ ନୁହେଁ, ଆତ୍ମକଳ୍ପିତ ସମାଜନେତାମାନଙ୍କୁ ଅଧିକ ବିବ୍ରତ କରିବାକୁ ଲାଗିଲା । ଯେତେ କହିଲେ ସୁଦ୍ଧା ଏମାନେ ବୁଝିଲେ ନାହିଁ ଯେ ସ୍କୁଲର ଶିକ୍ଷା ଗୃହଶିକ୍ଷାର ପ୍ରତିକୂଳ ନୁହେଁ, ବରଂ ସମ୍ପୂର୍ଣ୍ଣ ଅନୁକୂଳ । ଅଧିକନ୍ତ ସ୍କୁଲ ଶିକ୍ଷା ଦ୍ୱାରା ଘରକରଣା ଆହୁରି ଉନ୍ନତ ଓ ମାର୍ଜିତ ହୋଇପାରିବ । ଝାଡୁଆପଡ଼ାର କେନ୍ଦ୍ରସ୍ଥାନୀୟ ବ୍ରହ୍ମପୁରା ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ସଭାହେଲା । ଠାକୁର ଦର୍ଶନ ସକାଶେ ଯାଇ ଜନସମାଗମ ଦେଖି ସଭାର ଏକ କୋଣରେ ଯାଇ ଦଣ୍ଡାୟମାନ ହେଲି । ଦେଖିଲି, ସଭାରେ ଉପସ୍ଥିତ ପ୍ରାୟ ସମସ୍ତେ ଝାଡୁଆପଡ଼ାବାସୀ ବ୍ରାହ୍ମଣ । ସ୍ୱୟଂ ସମୁଦି ସଭାପତିଙ୍କ ଆସନ ମଣ୍ଡନ କରି ବସିଅଛନ୍ତି । ମୋ ପ୍ରତି ତାଙ୍କ ଦୃଷ୍ଟି ନିପତିତ ହେଲାରୁ ମନେହେଲା, ଯେମନ୍ତ ଶୀର୍ଣ୍ଣକାୟ ବନ୍ଧୁଙ୍କ କୋଟରଗତ ଚକ୍ଷୁଦ୍ୱୟରୁ ନିର୍ଗତ ରୋଷାଗ୍ନି-ସ୍ଫୁଲିଙ୍ଗରାଶି ମୋତେ ଗ୍ରାସ କରିବାକୁ ଆସୁଅଛି । ତଥାପି କୌତୂହଳାବିଷ୍ଟ ହୋଇ ସେଠାରେ ମୁଁ ଦଣ୍ଡାୟମାନ ହୋଇ ରହିଲି । ସଭାରେ ଦୁଇଗୋଟି ପ୍ରସ୍ତାବ ହେଲା, (୧) ସମ୍ବଲପୁର ବାଳିକା ବିଦ୍ୟାଳୟର ପ୍ରାୟ ସମସ୍ତ ଶିକ୍ଷୟିତ୍ରୀ ଖ୍ରୀଷ୍ଟିୟାନ୍ । ସେମାନେ କେହି ହିନ୍ଦୁଶାସ୍ତ୍ର ପୁରାଣାଦି ପଢ଼ି ନାହାଁନ୍ତି ବା ପଢ଼ନ୍ତି ନାହିଁ । ଅତଏବ ସେମାନେ ହିନ୍ଦୁ ବାଳିକାମାନଙ୍କୁ ପଢ଼ାଇବାକୁ ସମ୍ପୂର୍ଣ ଅଯୋଗ୍ୟ । ସେମାନଙ୍କୁ ବଦଳି କରାଯାଇ ସେମାନଙ୍କୁ ସ୍ଥାନରେ ହିନ୍ଦୁ ଶିକ୍ଷୟିତ୍ରୀ ନିଯୁକ୍ତ କରାଯାଉ । (୨) ଯେତେ ସଂଖ୍ୟାରେ ହିନ୍ଦୁ ଝିଅମାନେ ଇଂରେଜୀ ସ୍କୁଲରେ ପଢ଼ିବାକୁ ବସିଲେଣି ଏହା ସମାଜ ପକ୍ଷରେ ମଙ୍ଗଳକର ନୁହେଁ । ବାଳିକାମାନଙ୍କ ଇଂରେଜୀ ପଢ଼ାଦ୍ୱାରା ସମାଜ ଚୁରମାର୍ ହେବାକୁ ବସିଲାଣି । ଯେତେ ଉପଦେଶ ଦେଲେ ସୁଦ୍ଧା ବାଳିକାମାନେ ସ୍କୁଲ ଛାଡୁନାହାଁନ୍ତି ଏବଂ ଅଭିଭାବକମାନେ ସ୍ୱତଃ ନିଜ ନିଜ ଝିଅମାନଙ୍କୁ ଏପରି ସ୍କୁଲକୁ ପଠାଇବାରେ ଲାଗିଛନ୍ତି । ଅତଏବ ସମସ୍ତେ ଏହି ପ୍ରସ୍ତାବ ଗ୍ରହଣ କରନ୍ତୁ ଯେ, ଝିଅର ଦଶବର୍ଷ ହେବାଯାଏ ଯେ ସ୍କୁଲରେ ପଢ଼ିପାରିବ । ଏଥିରୁ ଅଧିକ ବୟସ ପର୍ଯ୍ୟନ୍ତ ଯଦି କେହି ତାହାର ଝିଅକୁ ସ୍କୁଲରେ ରଖିବ, ସେ 'ଅଜାତି' ହେବ । ପ୍ରସ୍ତାବଦ୍ୱୟ ଅନୁମୋଦିତ ବା ସମର୍ଥିତ ହେବାକୁ ପୂର୍ବରୁ ମୁଁ ଏ ପ୍ରସ୍ତାବ ସମ୍ବନ୍ଧରେ କିଛି କହିବାପାଇଁ ସଭାପତିଙ୍କ ଅନୁମତି ଭିକ୍ଷାକଲି । ପ୍ରଥମରେ ମୁଁ ସଭାକୁ ନିମନ୍ତ୍ରିତ ନହୋଇ ଆସିଥିବା କାରଣରେ ମୋତେ ଅନୁମତି ଦେଲେ ନାହିଁ, କିନ୍ତୁ ପରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ମଧ୍ୟରୁ କେତେକଙ୍କ ଅନୁକୂଳ ମତଦ୍ୱାରା ମୁଁ ଅନୁମତି ପାଇ କହିଲି ଯେ, ପ୍ରସ୍ତାବଦ୍ୱୟ ପରସ୍ପର ବିରୋଧାତ୍ମକ । ଏହା ସରକାରଙ୍କଠାକୁ ଗଲେ ସମ୍ବଲପୁରର ଏଡ଼େ ଏଡ଼େ ବିଶିଷ୍ଟ ବିଜ୍ଞଲୋକେ ହାସ୍ୟାସ୍ପଦ ହେବେ । ସୁତରାଂ ଏହା ବର୍ଜନ କରିବା ଉଚିତ ହେବ । ଏକ ପ୍ରସ୍ତାବ ଦ୍ୱାରା ଆମ୍ଭେମାନେ ହିନ୍ଦୁ ଶିକ୍ଷୟିତ୍ରୀଙ୍କ ଆବଶ୍ୟକତା ଅନୁଭବ କରୁଅଛୁ । ଅଥଚ ଅପର ପ୍ରସ୍ତାବଦ୍ୱାରା ଆମ୍ଭେମାନେ ଝିଅମାନଙ୍କ ଦଶବର୍ଷ ବୟସରେ ଶିକ୍ଷାବନ୍ଦକରି ହିନ୍ଦୁ ଶିକ୍ଷୟିତ୍ରୀ ଲୋପ କରିବାକୁ ଯାଉଅଛୁ । ହିନ୍ଦୁ ଶିକ୍ଷୟିତ୍ରୀ ଯେ ସର୍ବଦା ସମ୍ବଲପୁରକୁ ବାହାରୁ ଆସୁଥିବେ, ତାହା ସମ୍ଭବ ନୁହେଁନ୍ତ ସମ୍ବଲପୁରରେ ସୁଦ୍ଧା ମିଳୁଥିବା ଉଚିତ । ତାହାହେଲେ ବାଳିକାମାନଙ୍କୁ ଦଶବର୍ଷ ବୟସ ଉତ୍ତାରେ ସୁଦ୍ଧା ଶିକ୍ଷାଦେବାକୁ ହେବ ।

ଏହା କହି ମୁଁ ସଭା ତ୍ୟାଗକରି ଆସିଲି । ପରେ ସମ୍ବାଦ ପତ୍ରରେ ଦେଖିଲି, ପ୍ରସ୍ତାବଦ୍ୱୟ ସରକାରଙ୍କଠାକୁ ଗଲ । କିନ୍ତୁ ତାହାର ଅକାଳ ମୃତ୍ୟୁ ହୋଇଥିବା ଦେଖାଗଲା । କାର୍ଯ୍ୟତଃ ଖ୍ରୀଷ୍ଟିୟାନ୍ ଶିକ୍ଷୟିତ୍ରୀ ସ୍କୁଲରୁ ଗଲେ ନାହିଁ କିମ୍ବା ଦଶବର୍ଷାଧିକ ବୟସ୍କା ବାଳିକାମାନେ ସ୍କୁଲ ତ୍ୟାଗକଲେ ନାହିଁ; ବରଂ ସେମାନଙ୍କ ସଂଖ୍ୟା କ୍ରମେ ବୃଦ୍ଧି ହେବାକୁ ଲାଗିଲା । ସ୍ତ୍ରୀ ଶିକ୍ଷା ବିରୋଧୀ ନେତୃସ୍ଥାନୀୟ ବ୍ୟକ୍ତିମାନେ ଦେଖିଲେ, ପ୍ରାପ୍ତବୟସ୍କା ଝିଅମାନେ ପୁସ୍ତକହସ୍ତରେ ଦଳଦଳ ହୋଇ ଶ୍ରେଣୀବଦ୍ଧ ଭାବରେ ସେମାନଙ୍କ ଚକ୍ଷୁସମକକ୍ଷରେ ସଡ଼କ ଅତିବାହିତ କରି ଯାଉଅଛନ୍ତି ଏବଂ ବ୍ୟର୍ଥଚିନ୍ତା ସେମାନଙ୍କୁ ବିବ୍ରତ କରୁଅଛି । ଆଜିକାଲି କାହାକୁ ଅଜାତି କରିବା ନିଷ୍ଫଳ ପ୍ରୟାସ । କିନ୍ତୁ କାଳର ପ୍ରଭାବରେ ଏହି ଶ୍ରେଣୀୟ ଲୋକଙ୍କ ସୁଦ୍ଧା ଆଖି ଫିଟିଯାଇଅଛି । ଆଜି ଅନୁପାତରେ ପୁଅ ଏମ୍.ଏ. ଅପେକ୍ଷା ଝିଅ ଏମ୍.ଏ. ସମ୍ବଲପୁରରେ ଅଧିକା ଝିଅ । ଏମ୍.ଏ. ଙ୍କ ମଧ୍ୟରେ ଚାରିଜଣ ଝାଡୁଆବ୍ରାହ୍ମଣ, ଚାରିଜଣ ଓଡ଼ିଆ ବ୍ରାହ୍ମଣ, ଜଣେ କରଣ, ଜଣେ କୁଳିତା, ଜଣେ ପାନରା- ଏପରି ୧୧ ଜଣ । ଏମ୍.ବି.ବି.ଏସ୍. ଡାକ୍ତର ପାଞ୍ଚଜଣଙ୍କ ମଧ୍ୟରୁ ତିନିଜଣ ଝାଡୁଆ ବ୍ରାହ୍ମଣ- ଦୁଇଜଣ ମୋ ଝିଅ । ଆଉ ଅନେକ ମେଡିକାଲ୍ କଲେଜରେ ଅଛନ୍ତି । ବି.ଏ., ବି.ଏସ୍‌ସି., ଆଇ.ଏ., ଆଇ.ଏସ୍‌ସି.ଙ୍କ ସଂଖ୍ୟା ଆଉ କହି ହେଉନାହିଁ । ପ୍ରତିବର୍ଷ ବହୁ ସଂଖ୍ୟାରେ ବାଳିକାମାନେ ମେଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଅଛନ୍ତି । ବାଳିକାମାନେ କେବଳ ସହରରେ ନୁହଁନ୍ତିନ୍ତ ମଫସଲରେ ସୁଦ୍ଧା ଝିଅ ପଢ଼ିଲେଣି । ସମ୍ବଲପୁର ସହରସ୍ଥ ଏକମାତ୍ର ବାଳିକା ସ୍କୁଲ ସମସ୍ତ ଶିକ୍ଷାଭିଳାଷିଣୀ ଛାତ୍ରୀମାନଙ୍କୁ ସ୍ଥାନ ଯୋଗାଇ ପାରୁନାହିଁ । ଆଉ ଗୋଟିଏ ସ୍କୁଲର ଅଭାବ ଅନୁଭୂତ ହେଉଅଛି । ଜୀବନର ଭିନ୍ନ ଭିନ୍ନ ବିଭାଗରେ ସୁଦ୍ଧା ବାଳିକାମାନେ ଶିକ୍ଷାନୁରୂପ କାର୍ଯ୍ୟ ଗ୍ରହଣକରି ଜୀବନଯାତ୍ରା ନିର୍ବାହ କରୁଅଛନ୍ତି । ସମ୍ଭ୍ରାନ୍ତ ପରିବାରର ଝିଅମାନେ ସୁଦ୍ଧା ଆଉ କେବଳ ବୈବାହିକ ଜୀବନକୁ ଏକମାତ୍ର ଅବଲମ୍ବନ ବୋଲି ଜ୍ଞାନ ନ କରି ଧାତ୍ରୀ ଓ ଶୁଶ୍ରୂଷା ବିଦ୍ୟା ଅର୍ଜ୍ଜନ ପୂର୍ବକ ଏହି ବ୍ୟବସାୟରେ ନିଯୁକ୍ତ ହେଉଅଛନ୍ତି । (କ୍ରମଶଃ)

## ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଭାଗ- ୬୮

### ।। ଭଲ କାହାଣୀର ମୃତ୍ୟୁ ।।

'ବଦମାସ୍ ଟୋକା' ପରେ ମୁଁ ମାନସିକ ସ୍ତରରେ ବହୁତ ଦୁଃଖ ପାଇଥିଲି । କାରଣ ଗୋଟିଏ ଭଲକାହାଣୀର ଅପମୃତ୍ୟୁକୁ ସହ୍ୟ କରିବାର ସାମର୍ଥ୍ୟ ଜଣେ ସ୍ରଷ୍ଟା ପାଖରେ ନଥାଏ । ତେବେ ପରବର୍ତ୍ତୀ ଚଳଚ୍ଚିତ୍ର ଯାହାକି ପ୍ରାୟ ଗୋଟାଏ ମାସ ପରେ ଅର୍ଥାତ୍ ଅକ୍ଟୋବର କୋଡ଼ିଏ ତାରିଖ ୨୦୧୭ରେ ମୁକ୍ତିଲାଭ କଲା । ଚଳଚ୍ଚିତ୍ରଟିର ନାଁ ଥିଲା 'ତୁ ମୋ ହିରୋ' । 'ତୁ ମୋ ହିରୋ' ମୁକ୍ତିଲାଭ କରିବାର କିଛିଦିନ ପରେ ନଭେମ୍ବର ୩ ଓ ନଭେମ୍ବର ୨୪ ରିଖରେ ଅନ୍ୟ ଦୁଇଟି ଚଳଚ୍ଚିତ୍ର ଯଥାକ୍ରମେ 'ବଜରଙ୍ଗୀ' ଓ 'ତୋ ପ୍ରେମରେ ପଡ଼ିଲା ପରେ' ମୁକ୍ତିଲାଭ କରିଥିଲା ।

ତିନୋଟି ଯାକ କାହାଣୀର କାନ୍‌ଭାସ୍ ଥିଲା ଭିନ୍ନ । 'ତୁ ମୋ ହିରୋ'ରେ ପ୍ରେମ ଓ ଫ୍ୟାମିଲି ସେଣ୍ଟିମେଣ୍ଟ ଥିଲାବେଳେ, ବଜରଙ୍ଗୀ ଥିଲା ଆକ୍ସନ୍ ଧର୍ମୀ । ତୋ ପ୍ରେମରେ ପଡ଼ିଲା ପରେ ମଧ ପ୍ରେମ ଉପରେ ଆଧାରିତ ଥିଲା । କହିବା ବାହୁଲ୍ୟ ତିନୋଟି ।କ ଚଳଚ୍ଚିତ୍ର ରିମେକ୍ ଥିଲା । ଦୁଇଟି ଦକ୍ଷିଣ ଭାରତୀୟ କାହାଣୀ ଉପରେ ଆଧାରିତ ଥିଲାବେଳେ ଅନ୍ୟ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ଉପରେ ନିର୍ମିତ ହୋଇଥିଲା । କାହାଣୀ ଗୁଡ଼ିକରେ ଆମେ ଯଥାସମ୍ଭବ ପରିବର୍ତ୍ତନ କରି ଓଡ଼ିଶାର ପାଣିପାଗରେ ସୁଟିଂ କରିଥିଲୁ ।

'ତୁ ମୋ ହିରୋ'ର ନିର୍ଦ୍ଦେଶକ ଥିଲେ ଦିଲ୍ଲୀପ ପଣ୍ଡା । ପୂର୍ବରୁ 'ହିରୋ' ଶୀର୍ଷକରେ ଆଉ ଗୋଟିଏ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ । 'ତୁ ମୋ ହିରୋ' ଚଳଚ୍ଚିତ୍ରରେ ଜ୍ୟୋତି, ଝିଲ୍ଲିକ୍‌ଙ୍କ ସମେତ ରକ୍, ଚୌଧୁରୀ ବିକାଶ ଦାସ, ଦୟାସ୍ୱାମୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଅଭିନୟ କରିଥିଲେ । ମିହିର ଦାସ ମଧ ପ୍ରଭାବଶାଳୀ ଅଭିନେତା ଭାବରେ ଦେଖା ଦେଇଥିଲେ । ଚଳଚ୍ଚିତ୍ରଟିର ପ୍ରଯୋଜକ ଥିଲେ ଜଣେ ସାଉଥ୍ ବ୍ୟକ୍ତିତ୍ୱ ଶ୍ରୀନିବାସ ରାଓ, ନିହାତି ଭଦ୍ରଲୋକ । ଅଭିନୟରେ ରୁଚି ଅଛି । 'ସୀତାରାମଙ୍କ ବାହାଘର'ରେ ଅଭିନୟ କରିଥିଲେ । ସେଇ ଚଳଚ୍ଚିତ୍ର ସୁଟିଂ ସମୟରେ ରାଓ ବାବୁଙ୍କ ସହ ମୋର ପରିଚୟ ହୋଇଥିଲା । ସ୍ୱଳ୍ପ ବଜେଟରେ ଦୀଲିପ ପଣ୍ଡା ଚଳଚ୍ଚିତ୍ରଟିର ସୁଟିଂ ସାରିଥିଲେ । ଚଳଚ୍ଚିତ୍ରଟି ସବୁ ଦୃଷ୍ଟିରୁ ସଫଳ ଥିଲା । ଚଳଚ୍ଚିତ୍ରଟିର ଅନ୍ୟତମ ସଫଳ ଥିଲା ଏହାର ସଂଗୀତ । ବୈଦ୍ୟନାଥ ଚମତ୍କାର ସ୍ୱର ସଂଯୋଜନା କରିଥିଲେ । ନିର୍ଦ୍ଦେଶକଙ୍କ ଅନୁରୋଧରେ ମୁଁ ମଧ ସ୍ୱତନ୍ତ୍ର ଅଭିନେତା ଭାବରେ ଜଣେ ଅଧ୍ୟାପକ ଭାବରେ ଅଭିନୟ କରିଥିଲି ।

ପରେ ପରେ ମୁକ୍ତିଲାଭ କରିଥିଲା 'ବଜରଙ୍ଗୀ' । ଜୀ ସାର୍ଥକ ଚ୍ୟାନେଲ୍ ନିବେଦିତ ମୁନ୍‌ଟିଭି ପ୍ରଯୋଜିତ ଏହି ଚଳଚ୍ଚିତ୍ରଟି ବହୁ ଦୃଷ୍ଟିରୁ ଚର୍ଚ୍ଚାରେ ଥିଲା । ସିଦ୍ଧାନ୍ତ ମହାପାତ୍ରଙ୍କୁ ନାୟକ ଅମ୍ଲାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଥିଲା । ନାୟିକା ଥିଲେ ଅନୁଭା । ଭାଇ ଭାଇ ମଧ୍ୟରେ ନୀତିଗତ ପାର୍ଥକ୍ୟ, ଭରପୂର ଆକ୍ସନ୍‌ରେ ପୂର୍ଣ୍ଣ ଥିଲା ଚଳଚ୍ଚିତ୍ରଟି । ପ୍ରଜ୍ଞା, ଲୀନାଙ୍କ କମେଡି ଆକସନ ମଧ ବେଶ ଉପଭୋଗ୍ୟ ଥିଲା । ଚିରାଚରିତ କାହାଣୀ । ନାୟକ ନିଜର ପାରିବାରିକ ଅପାର୍ଥୀବ ପୃଷ୍ଠଭୂମି ଛାଡ଼ି ଭଲ ହେବାକୁ ଚେଷ୍ଟା କରୁଛି । ଦୁଇ ଭାଇଙ୍କ ମଧ୍ୟରେ ପାର୍ଥକ୍ୟ ବଢ଼ି ଚାଲିଛି । ଏଭଳି କାହାଣୀ ସାଉଥ୍ ଓ ବଲିଉଡ୍‌ରେ ପ୍ରାୟତଃ ଦେଖିବାକୁ ମିଳେ । ତେବେ ବଜରଙ୍ଗୀର ସୁଟିଂକୁ ବଜେଟ୍ ଦୃଷ୍ଟିରୁ ଆମେ ଅନେକ କ୍ଷେତ୍ରରେ ସୀମିତ ରଖିବାକୁ ବାଧ ହୋଇଥିଲୁ । ମୋ ଇଚ୍ଛା ବିରୁଦ୍ଧରେ ମଧ ସ୍କ୍ରିପ୍ଟରେ କମ୍ପ୍ରୋମାଇଜ୍ କରିବାକୁ ପଡ଼ିଥିଲା । ପ୍ରେମାନନ୍ଦଙ୍କ ସଂଗୀତ ମୋଟାମୋଟି ଭାବରେ ଭଲ ଥିଲା । ଭୁବନେଶ୍ୱର ଓ କଟକ ଆଖପାଖରେ ବଜରଙ୍ଗୀର ସୁଟିଂ ସମାପ୍ତ ହୋଇଥିଲା । ବିନି ପଟ୍ଟନାୟକ ଏହାର ନିର୍ଦ୍ଦେଶନା ଦେଇଥିଲାବେଳେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଥିଲେ ତ୍ରିପତି ସାନୁ । ତ୍ରିପତି ଅଭିଜ୍ଞତାରେ ପକ୍ୱ । ଅନେକ ସ୍ଥଳରେ ସେ କମ୍ପ୍ରୋମାଇଜ୍ କରିବାକୁ ପ୍ରସ୍ତୁତ ନଥିଲେ । ପ୍ରଯୋଜକଙ୍କ ଅନୁରୋଧରେ ମତେ ବାଧହୋଇ ଇଣ୍ଟରଫିୟର କରିବାକୁ ପଡୁଥିଲା ଜି ସାର୍ଥକର ମଧ କିଛି ଗାଇଡ୍ ଲାଇନ୍‌କୁ ମାନିବାକୁ ପଡୁଥିଲା ।

ଏସବୁ ସତ୍ତ୍ୱେ 'ବଜରଙ୍ଗୀ' ଆଶାନୁରୂପକ ସଫଳତା ପାଇ ପାରିଲା ନାହିଁ । ମୋର ଅବସୋସ ରହିଗଲା । ବୋଧହୁଏ ଅମ୍ଲାନ ଆଉ ଅନୁଭାଙ୍କ ଯୋଡ଼ିକୁ ଦର୍ଶକ ପସନ୍ଦ କରିପାରିଲେ ନାହିଁ ।

୨୦୧୭ର ଶେଷ ଚଳଚ୍ଚିତ୍ର ଥିଲା 'ତୋ ପ୍ରେମରେ ପଡ଼ିଲା ପରେ' । ପ୍ରଯୋଜନା ସହ ନାୟିକା ଭାବରେ ଥିଲେ ଚିନ୍ମୟୀ ପ୍ରିୟଦର୍ଶିନୀ । ଚିନ୍ମୟୀ ଏହି ଚଳଚ୍ଚିତ୍ର ପୂର୍ବରୁ ମୋର ଅନ୍ୟ ଗୋଟିଏ ଚଳଚ୍ଚିତ୍ରରେ ସହ ନାୟିକା ଭାବରେ ଅଭିନୟ କରିଥିଲେ । ନାୟକ ଦେରାଜଙ୍କ ସହ ମିଶି ଏହି ଚଳଚ୍ଚିତ୍ରଟିକୁ ନିର୍ମାଣ କରିଥିଲେ । ନିର୍ଦ୍ଦେଶକ ଭାବରେ ସରୋଜକାନ୍ତକୁ ନିଆଯାଇଥିଲା । ଅନେକ ଚଳଚ୍ଚିତ୍ରର ସହ ନିର୍ଦ୍ଦେଶକ ଭାବରେ ସରୋଜଙ୍କର ପରିଚିତି ଥିଲା । କାହାଣୀ ନିର୍ବାଚନ ସରିଲା । ନାୟକ (ଦେବରାଜ) ପରିସ୍ଥିତିରେ ପଡ଼ି ଠକାମୀକୁ ବୃତ୍ତି ଭାବରେ ଗ୍ରହଣ କରି ନେଉଛି । ଭିନ୍ନ ଭିନ୍ନ ପରିସ୍ଥିତିରେ ତିନିତିନି ଜଣ ନାୟିକାଠୁ ଠକି ମୋଟା ଅଙ୍କର ଲୁଟି ନେଇଛି । ସବୁ ନାୟିକାମାନେ ଏକାଠି ହୋଇ ନାୟକକୁ ଧରିବାକୁ ଯାଇଛନ୍ତି । ପରିଶେଷରେ ଜଣା ପଡୁଛି ନାୟକ ଏକ କ୍ୟାନସର ହସ୍‌ପିଟାଲ ନିର୍ମାଣ ପାଇଁ ଅର୍ଥ ସଂଗ୍ରହ କରୁଥିଲା । ସମସ୍ତେ ନାୟକକୁ କ୍ଷମା କରି ଦେଇଛନ୍ତି । କାହାଣୀରେ ଅସୀତ ପତି, ପୁଷ୍ପା ପଣ୍ଡା, ପ୍ରଜ୍ଞା ପ୍ରଭୃତି ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ । କାହାଣୀ ଦମ୍‌ଦାର ଥିଲା । ସଂଗୀତ ମଧ ଭଲ ଥିଲା । କିନ୍ତୁ ଅନେକ ସ୍ଥଳରେ କମ୍ପ୍ରୋମାଇଜ୍ ଚିତ୍ରନାଟ୍ୟର ଗତିଶୀଳତାରେ ବ୍ୟଥା ସୃଷ୍ଟି କରିଥିଲା । ଅନେକ କ୍ଷେତ୍ରରେ ନିର୍ଦ୍ଦେଶନା ଦୁର୍ବଳ ମନେ ହେଉଥିଲା । ଚଳଚ୍ଚିତ୍ରଟି ସେପରି କିଛି ପ୍ରଭାବ ପକାଇ ପାରି ନଥିଲା ।

୨୦୧୭ରେ ମୁକ୍ତିଲାଭ କରିଥିବା ମୋ ଲିଖିତ ଛଅଗୋଟି ଚଳଚ୍ଚିତ୍ରର କାହାଣୀ ସବୁ ରୋଚକ ଥିଲା । ତେବେ 'ଦିଲ୍‌କା ରାଜା' ଓ 'ତୁମୋ ହିରୋ' କୁ ବାଦ୍‌ଦେଲେ ଅନ୍ୟ କାହାଣୀ ଗୁଡ଼ିକ ସଫଳ ସାବ୍ୟସ୍ତ ହୋଇ ପାରିନଥିଲା । (କ୍ରମଶଃ)

---

## ନାରାୟଣ ସାହୁ



### ।। ପ୍ରଜାପତି ।।

ଦିନେ ରାତିଟିଏ ପରି
ବଞ୍ଚିବାକୁ ଚାହିଁଲି କିଛି ଘଡି ତ,
ଏ ସଂସାର ଯାକର କାକୁସ୍ଥ ସ୍ୱପ୍ନମାନଙ୍କୁ
ଭେଟିଲି ସଭିଙ୍କ ନିଦ୍ରାରେ ।

ଚାଷୀଙ୍କ ଆଖିରେ ଦେଖିଲି,
ମୁକ୍ତି ପାଇବାର ସ୍ୱପ୍ନ !
ମୁକ୍ତି : ମରୁଡ଼ି, ବାତ୍ୟା
ଓ ବନ୍ୟା ବିଭୀଷିକାରେ ନିଜ ଆତ୍ମୀୟ ଓ
ଧନସଂପତ୍ତି ହରାଇବାରୁ,
ମୁକ୍ତି : ଉଜୁଡ଼ା କ୍ଷେତ ପାଖେ ଥାଇ
ମୁଣ୍ଡରେ ହାତ ଦେଇ ଛାତି ପିଟି କାନ୍ଦିବାରୁ,
ମୁକ୍ତି ! ଶୁଖିଲା ଭାତ ଖୁଏଇ ପିଲାଛୁଆଙ୍କୁ
ସାନ୍ତ୍ୱନା ଦେବାରୁ ।

କିଛି ଭିକାରୀଙ୍କ ସ୍ୱପ୍ନରେ ଦେଖିଲି
'ମାଡ଼ହାଣ୍ଡି କଥା' ଗପ
ଯେମିତି ଭାସି ଆସୁଥିଲା
ମନ ଇଚ୍ଛା ଖାଦ୍ୟଦ୍ରବ୍ୟ,
ଭିକାରୀପୁଅଟିର ଇଚ୍ଛାରେ
ନଦୀର ଆର କୂଳୁ ।

ରୋଗୀଙ୍କ ସ୍ୱପ୍ନରେ, 'ପାତାଳ ଗରୁଡ' ଗଛ
ଭଗବାନ ସମ ଡାକ୍ତର ଓ ଆଜୀବନ ସୁସ୍ଥତା ।

ଅନାଥଙ୍କ ଆଖିରେ ଯଶୋଦା, ଦେବକୀ
କୈକେୟୀ, କୌଶଲ୍ୟା
ଓ ସୁମିତ୍ରାଙ୍କ କୋଳମଣ୍ଡନ !
କିଛି ବୃଦ୍ଧଙ୍କ ଆଖିରେ ପୁଅ ବୋହୂଙ୍କ ସେବା
ଓ ଶ୍ରବଣକୁମାରର ସ୍ୱପ୍ନ !

ବାଡ଼ୁଅ ଝୁଅଙ୍କ ଆଖିରେ
ପ୍ରଜାପତି ବସିବାର ସ୍ୱପ୍ନ,
ଓ 'ଏମିତି ରଙ୍ଗ ଦେ'ଲୋ ଫୁଲ'
ଗୀତଟିର ବାଉଳି !
କିଛି ବିଧବାଙ୍କ ଆଖିରେ
ଦେବୀ ମନ୍ଦିର,ବରଗଛ ଓ
ଶହ ଶହ ଶଙ୍ଖା ଯେଉଁ ଶଙ୍ଖାରୁ
ସାତ ଗୋଟି ବାନ୍ଧିଥିଲେ ଏକ ସମୟେ !

ଓ କିଛି ଯୁବପିଢିଙ୍କ ଆଖିରେ
ଖୋଲା ଆକାଶ, ହୋଲି ଖେଳ, ସ୍ୱାଧୀନତା
ଘର ଲେଉଟାଣି,
ସରକାରୀ ଚାକିରୀ, ଭବିଷ୍ୟତ,
ପ୍ରତିଶ୍ରୁତି ଓ ଦାୟିତ୍ୱର ସ୍ୱପ୍ନ !

ଏ କାକୁସ୍ଥ ସ୍ୱପ୍ନମାନଙ୍କୁ ଦେଖି ଦେଖି
ଥକି ଗଲି ମୁଁ,
ଭାବିଲି !
ଏ ରାତି କେମିତି ସମ୍ଭାଳି ପାରୁଛି ନିଜକୁ
ଆଖିଟିଏ ନଇଟେ ହେବାରୁ
ଓଠଟିଏ ସମୁଦ୍ର ହେବାରୁ !

ଛାଡ଼,
ସ୍ୱପ୍ନ ମାନଙ୍କୁ ନେଇ ବଞ୍ଚିବା ହିଁ ରାତି
ଦୁଃଖ ମାନଙ୍କୁ ନେଇ ହସିବା ହିଁ ସ୍ମୃତି
ରାତି ଓ ସ୍ମୃତି ହିଁ କେଉଁ ଏକ ସମ୍ଭାଳୁଆ ରୁ
ପ୍ରତିଥର ଜନ୍ମ ନେଉଥିବା
ଗୋଟେ ନିରୀହ ପ୍ରଜାପତି ।

♥ ଚଣ୍ଡିଖୋଲ, ଯାଜପୁର
(ମୋ) ୭୬୦୮୦୧୪୦୬୧

## ଆମ ସମୟର କବିତା.....

## ଜିନାତମାମ୍ ଦର୍ଜୀ



### ।। ଜୀବନ ଏକ ମଳା ନଈ ।।

ଭଗ୍ନ ଖଜୁରାହୋର
ନଗ୍ନ ମୋହିନୀ ମୂର୍ତ୍ତିରେ
ପ୍ରାକ୍ତନ ମୁଁ,
ଅସ୍ପଷ୍ଟ ଛାଇ......
ଜୀବନ ଏକ ମଳା ନଈ...

ନା ଆଦିମ,
ନା ଶତରୂପା,
ନା ନିଷିଦ୍ଧ ଫଳର
ଭାଗ୍ୟଫଳ,
ତଥାପି ବିବଶତା ରେ କହେ
ନା ଫଳ - ଫୁଲ ଭର୍ତ୍ତି ଝୁଡି
ନା ମୃଗଛାଲର ନରମ ବସ୍ତ୍ର
ନା ଶାମୁକାରେ ତିଆରି ହାର
ଦରଦୀ ହୃଦୟ ଟିଏ ଛଡା
ନାହିଁ ପ୍ରେମ ର ଅନ୍ୟ କିଛି ଉପହାର
ବାସ ଏତିକି ତ ଥିଲା
ପୃଥିବୀ ର ପ୍ରଥମ ପ୍ରେମ କାହାଣୀ ପାଇଁ...
ହିଁ ତେଣୁ

ଜୀବନ ଏକ ମଳା ନଈ...

ଜୁଇ ରୁ ପୋଡା ଶବର ବାସ୍ନା
ପିଣ୍ଡ ରୁ ପ୍ରାଣ ର ଅନ୍ତର୍ଦ୍ଧକ୍ଷନ
ଗାଁ ଶେଷ ମୁଣ୍ଡର
ଶିମୁଳି ଗଛରେ ଝୁଲୁଥିବା
ଶେଷ ନିଶ୍ୱାସ ର ଶେଷ ସାକ୍ଷୀ
ଶୁଭେ ସ୍ପଷ୍ଟତର
କାହାକୁ ଦିଏ ସେ ଦ୍ୱାହି...
ଜୀବନ ଏକ ମଳା ନଈ...

ରେଗିସ୍ତାନ ର ତତା ବାଲିରେ
ପଡୁଥିବା ପାଦ
ମରୀଚିକା ରେ ଖୋଜୁଥିବା ପାଣି
ଜହ୍ନ ରେ କଳା ଦାଗ
ବାସ୍ନା ହୀନ ପଲାଶ ଫୁଲର ରକ୍ତିମ ଚାହାଣୀ
ରଚେ କିମ୍ବଦନ୍ତୀ
ଆଗାମୀ ପାଇଁ ଯୁଇ....
ଜୀବନ ଏକ ମଳା ନଈ...

ବୁଢ଼ୀ ଅସୁରୁଣୀର
ଭେଣ୍ଡାକୁ ମେଣ୍ଢା କରୁଥିବା
କଳା ମଲ୍ଲୀ,
ଆଉ ସାତତାଳ ପାଣିର
ସତ ଫରୁଆ ଭିତରେ ଥିବା
କଳା ମଚ୍ ମଚ୍ ଭଅଁର ଭିତରେ ଥିବା
ରାଜ କୁମାରର ଜୀବନ
କହ ?
କାହାଣୀ ନା ବାସ୍ତବ ଜୀବନ !!
ଉତ୍ତର ପାଇଁ
ଅୟୁତ ବର୍ଷରୁ ଅପେକ୍ଷାରେ ମୁହିଁ.....
ତମେବି କହିବନି ତ ? ? ? ?
ଜୀବନ ଏକ ମଳା ନଈ...

♥ ବରପାଲି, ବରଗଡ଼
(ମୋ) ୮୧୮୮୦୭୧୫୩

## କ୍ଷମାନିଧି ଭୋଇ



### ।। ଲକ୍ଷ୍ମଣରେଖା ।।

ସେମିତି ଲମ୍ବମାନ ଥାଏ ଲକ୍ଷ୍ମଣରେଖା ।

ସତର୍କ କରୁଥାଏ ପ୍ରତିଟି ମୁହୂର୍ତ୍ତେ
ମାନିନେବାକୁ ଜୀବନର ବାସ୍ତବତା ।

ସୀମା ଭିତରେ ରହିବାଟା
ସର୍ବାଦୌ ବାଞ୍ଛନୀୟ
ଶତ ସହସ୍ର ଗୁଣେ ବି ସୁରକ୍ଷିତ ।

ମାନବ ହୁଅନ୍ତୁ ଅବା ଦେବ
ମଳିମଳିଆ ହୁଅନ୍ତୁ ଅବା ବଡ଼ବଡ଼ିଆ
ସୀମା ଲଂଘିବା ମାତ୍ରେ
କେବଳ ବିପଦ ହିଁ ବିପଦ

ଅକାଳେ ଦୁଃଖ ଯନ୍ତ୍ରଣାକୁ
ବରଣ କରିବା ହିଁ ସତ୍ୟ ।

ଯଦିଓ ବେଳେବେଳେ
କ୍ଷୀଣ ହୋଇପଡ଼େ
ଧୈର୍ଯ୍ୟ ସାହସ ବିଶ୍ୱାସର ମୂଲ୍ୟବୋଧ ।

ଟିକିଏ ମୁଣ୍ଡ ନଇଁଲେ ପରା
ପାରି ହୋଇଯାଏ
ସମୁଦ୍ର ଲହଡ଼ି ;
ତା' ବୋଲି ତ
ବିଶ୍ୱାସ କରିବାକୁ ପଡ଼ିବ ନିଜକୁ
ନିଜ ଲୋକମାନଙ୍କୁ
ନ ହୋଇ ପ୍ରଭାବିତ
କେବେ କାହା ଭୟ ପ୍ରଦର୍ଶନେ
ଅଥବା କାହା ପ୍ରଲୋଭନେ ।

ସେମିତି ଲମ୍ବମାନ ଥାଏ
ଲକ୍ଷ୍ମଣରେଖା
ଯେକୌଣସି ସ୍ଥାନେ
ଯେକୌଣସି ସ୍ଥିତିରେ
ସତର୍କତାର ଘଣ୍ଟି ସାଥିରେ ।

କିଛି କ୍ଷତି ନାହିଁ ମାନିନେବାକୁ
ପ୍ରକୃତିର ନୀତି ନିୟମଗୁଡ଼ିକୁ
ଦେଶ ଜାତିର ସମ୍ମାନବୋଧକୁ
ମଣିଷ ଭିତରେ ମଣିଷତ୍ୱକୁ
ଆଜୀବନ ବଜାୟ ରଖିବାକୁ ।

ଲକ୍ଷ୍ମଣରେଖା ଭିତରେ ହିଁ
ଲୁକ୍କାୟିତ ଜୀବନର ଇୟତ୍ତା ।

♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ
ଜି : ସୁନ୍ଦରଗଡ଼ ( ଓଡ଼ିଶା )
ପିନ୍ : ୭୭୦୦୧୬
ମୋ : ୯୪୩୮୨୯୨୯୩୩

## ସୁବ୍ରତ ମଲିକ



### ।। ବାଟ ।।

ନିଦରୁ ଉଠି ମୁଁ , ସପନ ଦେଖୁଛି
ସପନେ ଚାଲୁଛି ବାଟ,
ମୁଁ ଯେ ଚାଲୁଥିଲି, ମୋହରି ବାଟରେ
ତୁମେ ହେଲ ବୋଲି ଭେଟ...

ନୂଆ ସମ୍ପର୍କର, ନୂଆ ଅନୁଭୂତି
ନୂଆ ବାଟେ ନେଲ ଡାକି,
ନୂଆ ଠିକଣାଟେ, ମୋତେ ମିଳିଗଲା
ନୂଆ ବାଟ ଅଛି ସାକ୍ଷୀ ।।

♥ କୋରୁଆ , ଅସୁରାଳି ,ଭଦ୍ରକ
(ମୋ) ୭୦୦୮୩୧୫୯୧୬

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨ ଅକ୍ଟୋବର, ୨୦୨୨




## ପ୍ରେମରେ ପ୍ରେମରେ ଗୀତି ....(୭୫)



### ॥ ନଷ୍ଟ ଇତିହାସ ମୋର ॥

ମୁଁ କୁଆଡ଼େ ସେଇ ଦୁଷ୍ଟ ପ୍ରଜାପତି
ନଷ୍ଟ ଇତିହାସ ମୋର,
ସବୁ ଫୁଲଙ୍କର ସଜଡ଼ା ସଂସାର
କରିଛି ମୁଁ ଛାରଖାର ।

ଫୁଲର ସହରେ ଫୁଲଙ୍କ ସାଥିରେ
ମିଶିବାକୁ ମୋତେ ମନା
ଫୁଲ ରସିଆ ମୁଁ ମୋ' ଜୀବନ ଏଠି
ରଙ୍ଗହୀନ ଫୁଲ ବିନା
ସବୁ ଫୁଲଙ୍କର ହୋଇ ମୁଁ ନିଜର
ଆଜି ଏତେ ନାରଖାର ।

ଗୋଟି ଗୋଟି ଫୁଲ କରିଛି ମୁଁ ଗେଲ
ସବୁ ମୋର ଅନ୍ତରଙ୍ଗ,
ଦୁନିଆରେ ବେଶି ବଦ୍‌ନାମ ମୋର
ଭିତ୍ତିହୀନ ଅଭିଯୋଗ,
ଫୁଲ ସିନା ବୁଝେ ପ୍ରଜାପତି ମନ
ହେଲେ ଦୁନିଆକୁ ଡରେ ।


■ ବିପିନ ମହାନ୍ତି

❤ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୨୨)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧


### ଏଭଳି ନାଟକ ହୋଇନାହିଁ କି ହେବାର ନାହିଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ) ମହାସୁର ଭୂମିକା ପାଇଁ ଅଶୋକବାବୁ କାଷ୍ଟିଂ ପରେ ଅମରାସୁର ଭୂମିକାରେ ଗୌରୀଶଙ୍କର ସାହାଣୀ ସମରାସୁର ଭୂମିକାରେ ଚିନ୍ତାମଣି ବାବୁ ଷଣ୍ଡାସୁର ଭୂମିକାରେ ସଂଗ୍ରାମ କେଶରୀ ମହାନ୍ତି ଲଣ୍ଡାସୁର ଭୂମିକାରେ ଅମୂଲ୍ୟ ବାରିକ ପେଙ୍କାସୁର ଭୂମିକାରେ ମନୋରଂଜନ ଦାସ, ବ୍ରହ୍ମା ଭୂମିକାର ଅନନ୍ତ କୁମାର ଦାସ, ମଣିଷ ଭୂମିକାରେ ବିଶ୍ୱଜିତ୍ ସମୟ ଭୂମିକାରେ ପଦାରବିନ୍ଦ ମହାପାତ୍ର ଓ ଧରିତ୍ରୀ ଭୂମିକାରେ ଜ୍ଞାନଦା ଆଚାର୍ଯ୍ୟ ଅଭିନୟ କରିଥିଲେ। ଗୀତ ରଚନା କରିଥିଲେ ରମାକାନ୍ତ ଦାସ। ବହୁ ଝଡ଼ ଝଂଜା ସାଂଗଠନିକ ସମସ୍ୟା ଆର୍ଥିକ ଦୁଃସ୍ଥିତି ଭିତରେ ପ୍ରାୟ ଦୁଇ ମାସ ଧରି ବାଲେଶ୍ୱର ଜିଲ୍ଲାସ୍କୁଲ ହଲରେ ଅଭ୍ୟାସ କାର୍ଯ୍ୟକ୍ରମ ଚାଲିଲା। ସ୍ରଷ୍ଟାର କିଛି ବଂଧୁ ଅତ୍ୟଧିକ ଉତ୍ସାହିତ ହୋଇ ଚାନ୍ଦା ସଂଗ୍ରହରେ ଲାଗିପଡ଼ିଲେ। ନାଟକର ପ୍ରଚାର ମଧ୍ୟ ବେଶ୍ ଜୋରରେ ଚାଲିଲା। ରିହାରସେଲ ସମୟରୁ ନାଟକ ସମ୍ବନ୍ଧରେ ବିଭିନ୍ନ ସ୍ଥାନରେ ବେଶ୍ ଚର୍ଚ୍ଚା ବି ଆରମ୍ଭ ହୋଇଯାଇଥାଏ । ଏଭଳି ବୈଚିତ୍ର୍ୟମୟ ନାଟକ ଦେଖିବାର ଆଗ୍ରହ ବି କ୍ରମେ ବଢ଼ି ଚାଲିଲା, ଏହି ନାଟକରୁ ବାଲେଶ୍ୱରର ଜେନା ଇଲେକ୍ଟ୍ରିକାଲସ ପ୍ରଥମେ ମଂଚ ଆଲୋକରେ କାମ କରିବାକୁ ଆରମ୍ଭ କରିଥିଲା। ଶେଷରେ ସେହିଦିନ ଆସି ପହଂଚିଲା। ଭରପୁର ଦର୍ଶକଙ୍କ ଗହଣରେ ଗାନ୍ଧୀସ୍ମୃତି ଭବନରେ ୧୯୮୬ ମସିହା ଜାନୁୟାରୀ ଛ' ତାରିଖ ସଂଧ୍ୟାରେ ଆରମ୍ଭ ହେଲା 'ଦେଖଇ ନେତ୍ର ଯାହା'ର ମଂଚନ। ଯାହାକୁ ଉଦଘାଟନ କରିଥିଲେ ବିଶିଷ୍ଟ ନାଟ୍ୟକାର ତଥା ତତ୍କାଳୀନ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଯଦୁନାଥ ଦାସ ମହାପାତ୍ର। ନାଟକର ଉଦଘାଟନ ସାରି ଅନ୍ୟତ୍ର ଚାଲିଯିବାର କାର୍ଯ୍ୟକ୍ରମ ରଖିଥିବା ମାନନୀୟ ମନ୍ତ୍ରୀ ମହୋଦୟ ବସୁ ବସୁ ବସିଗଲେ ଯେ କେତେବେଳେ ଦୁଇଘଂଟା ଚାଲିଗଲା ଜାଣି ପାରିଲେନି। ନାଟକ ଶେଷ ହେବାପରେ ମଂଚକୁ ନିଜେ ନିଜେ ଉଠିଆସି ଯେଉଁ ପ୍ରଶଂସା କରିଥିଲେ ତାହା ମୋ ନାଟ୍ୟ ଜୀବନରେ ଏକ ଅଭୂଲା ସ୍ମୃତି ହୋଇ ରହିଯାଇଛି । ତା ମଧ୍ୟରେ ଗୋଟିଏ ବାକ୍ୟ ଥିଲା ଏଭଳି ନାଟକ ହୋଇନାହିଁ କି ହେବାର ନାହିଁ। ଦର୍ଶକ ମହଲରେ ମଧ୍ୟ ଏମିତି କିଛି ଦେଖିବାର ଉଦ୍ଦୀପନାରେ ହଲ ଛାଡ଼ି ଯାଇପାରୁନଥିଲେ, ନାଟକ ସମାପ୍ତି ଘଣ୍ଟେ ପରେ ମଧ୍ୟ ଆଲୋଚନା ଥମିନଥିଲା। ଠିକ୍ ପରେ ପରେ ଓଡ଼ିଶାର ଗୀତ ନାଟକ ଏକାଡେମୀ ଦ୍ୱାରା ପ୍ରତିଯୋଗିତା ପାଇଁ ପାଣ୍ଡୁଲିପି ଆହ୍ୱାନ କରାଗଲା । ଆମେ ଅତିମାତ୍ରାରେ ଉତ୍ସାହିତ ହୋଇ ଦେଖଇ ନେତ୍ର ଯାହାକୁ ପଠେଇଲୁ। ସେହି ସମୟରେ ବାଲେଶ୍ୱରରେ ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଏକ ନାଟ୍ୟ କର୍ମଶାଳା ଆରମ୍ଭ ହେବାର ଯୋଜନା ହେଲା। ତତ୍କାଳୀନ ସମ୍ପାଦକ ସ୍ୱର୍ଗତ ଧିରେନ୍ଦ୍ର ନାଥ ପଟ୍ଟନାୟକ ଓ ବିଶିଷ୍ଟ ପ୍ରଶିକ୍ଷକ ଶ୍ରୀଯୁକ୍ତ ଦୋଳଗୋବିନ୍ଦ ରଥ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସାକ୍ଷାତକାର ନେଲେ। ଆଶ୍ଚର୍ଯ୍ୟର କଥା ସମସ୍ତ ପ୍ରାର୍ଥୀଙ୍କ ମୁହଁରୁ ସଦ୍ୟ ମଂଚସ୍ଥ ହୋଇଥିବା 'ଦେଖେଇ ନେତ୍ର ଯାହା'ର ସଂଳାପ ଶୁଣିବାକୁ ମିଳିଲା, ପ୍ରାର୍ଥୀ ଚୟନ ତ ହେଲା , କିନ୍ତୁ ସଂପାଦକ ମହାଶୟ ଏକଥା ଜାଣିଗଲେ ଯେ 'ଦେଖଇ ନେତ୍ର ଯାହା', ଯାହାକୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ଆବେଦନ ଆସିଛି ତାହା ମଂଚସ୍ଥ ହୋଇଯାଇଛି, ଏକାଡେମୀରେ ଭାଗନେବାକୁ ହେଲେ ଆଗରୁ ମଂଚସ୍ଥ ହୋଇନଥିବା ଆବଶ୍ୟକ। ଏହି ଦୃଷ୍ଟିରୁ ଦେଖଇ ନେତ୍ର ଯାହାଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିନଥିଲା। ଯେଉଁ ନାଟକ ନିମନ୍ତେ ମୁଁ ତଥା ସ୍ରଷ୍ଟାର କଳାକାରମାନେ ଏତେ ଶ୍ରମ ସ୍ୱୀକାର କରିଥିଲେ, ତାହା ଗୋଟିଏ ଥରରେ ସୀମିତ ରହିଲା। କିନ୍ତୁ ଆଜି ବି ପ୍ରାୟ ୭୫ବର୍ଷ ପରେ ମଧ୍ୟ ସେ ନାଟକର ପ୍ରତିଛବି ଓ ପ୍ରତିଧ୍ୱନି ବାଲେଶ୍ୱର ଦର୍ଶକ ପରିସରରେ ଶୁଣିବାକୁ ମିଳେ। ତାର ସେ ଗୀତ ଆଜି ବି ଗୁଣୁଗୁଣୁ ହୁଏ ଏବଂ ତାର ସଂଳାପ-

ମହାସୁର: ରେ ମୂର୍ଖ ପଂଚଶକ୍ତି / କଳହରୁ ସୃଷ୍ଟି କରି ମୋତେ ପାଦତଳେ ରାଜଦଣ୍ଡ ଦେଇଛ ସମର୍ପି / ଜାଣିନକି ମହାସୁର ଜଠର ଜ୍ୱଳନ, / ଏତେ ଶୀଘ୍ର ଭୁଲିଗଲ ହିରୋସୀମା ନାଗାସାକୀର ଯନ୍ତ୍ରଣା। / କ୍ଷୁଧାର୍ତ୍ତ ଉଦରେ ମୁହିଁ ବାରମ୍ବାର କରୁଛି ଚିତ୍କାର / ନ ମିଳିଲେ ନରମାଂସ ଦୈତ୍ୟ ମାଂସ କରିବି ଭକ୍ଷଣ।

ଦୈତ୍ୟଗଣ: କି କରିବୁ କି କରିବୁ ଏବେ;

ଧରିତ୍ରୀ: ତେଣୁ ହେ ଦୈତ୍ୟବଂଧୁ ଆସନ୍ତୁ ଆଲୋଚନା ମାଧ୍ୟମରେ ଏ ମହାସୁର ସଂକଟର ସମାଧାନ କରିବା।

ଦୈତ୍ୟଗଣ: ଆଲୋଚନା ପାଇଁ ମୁଁ ପ୍ରସ୍ତୁତ ( ଜଣଜଣ କରି କହନ୍ତି)

ଧରିତ୍ରୀ: ତେବେ ଆସନ୍ତୁ ଏ 'ଜେନେଭା' ଆସନରେ ବସନ୍ତୁ

ଦୈତ୍ୟଗଣ : ଜେନେଭା;

ଧରିତ୍ରୀ: ହଁ ଏକ ନିରପେକ୍ଷ ଆସନଟିଏ ଅହିଂସାର ଉଦ୍ୟାନରେ ଶାନ୍ତିର ମଳୟ ବହୁଛି। ନିଅନ୍ତୁ ବଂଧୁଗଣ ସର୍ବପ୍ରଥମେ ଏହି ଶାନ୍ତିର ପାନୀୟ ସେବନ କରନ୍ତୁ ଏବଂ କୁହନ୍ତୁ ଓଁ ନମୋ ଶାନ୍ତି (ଏହି ସମୟରେ ନାରଦ ରୂପରେ ସମୟ) ଆସନ୍ତୁ ଆସନ୍ତୁ ... ମହୋଦୟ ସଭାପତି ଆସନ ଗ୍ରହଣ କରନ୍ତୁ।

ସମୟ: ଯେ ପର୍ଯ୍ୟନ୍ତ ସେ ମହାସୁରର ବିନାଶ ନ ଘଟିଛି, ସେ ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ତେଣୁ ପ୍ରଥମେ ମହାସୁର ଖାଦ୍ୟ ପାଇଁ ଉପସ୍ଥାପିତ ବାର୍ଷିକ ହଜାର ହଜାର ବିଲିୟନ ଡଲାର ମୂଲ୍ୟରେ ବଜେଟକୁ ବାଜ୍ୟାପ୍ତି କରାଯାଉ।

ଅମରାସୁର: ଏ ପ୍ରସ୍ତାବ ବିରୁଦ୍ଧରେ ମୁଁ ଭିଟୋ ପ୍ରୟୋଗ କଲି।

ସମୟ: ମହାସୁର ସେବାରେ ନିଯୁକ୍ତ ଥିବା ତିରିଶ ନିୟୁତ ସୈନ୍ୟଙ୍କୁ ମଣିଷ ସେବାରେ ନିଯୁକ୍ତି ଦିଆଯାଉ।

ସମରାସୁର: ମୁଁ ଭିଟୋ ପ୍ରୟୋଗ କଲି।

ସମୟ: ମଣିଷର ଆତ୍ମରକ୍ଷା ତାକୁ ଭିଟୋ ଅସ୍ତ୍ରରେ ସଜ୍ଜିତ କରାଯାଉ।

ଲଣ୍ଡାସୁର: ମୋର ଭିଟୋ !

ଧରିତ୍ରୀ: ଆପଣମାନେ ଧୈର୍ଯ୍ୟ ଧରନ୍ତୁ ସଭାପତିଙ୍କ ନିଷ୍ପତିକୁ ସମ୍ମାନ ଦେବା ଉଚିତ୍

ଷଣ୍ଢା ଓ ପେଙ୍କା: ନା ନା ଆମ ପାଖରେ ଭିଟୋ ଅଛି ଆମେ ଛାଡ଼ିବୁନି

(ସମସ୍ତେ ଭିଟୋ ଭିଟୋ ଚିତ୍କାର କରନ୍ତି)

ସମୟ: ହେ ଦେବୀ ମୋତେ କ୍ଷମାକର। / ଏ ସମ୍ମିଳନୀ ଆଗକୁ ବଢ଼ିବା ଅସମ୍ଭବ।

ମୁଁ ଏତଦ୍ୱାରା ମୁଁ ଘୋଷଣା କରୁଛି ଯେ- ଏ ଜେନେଭା ଆଲୋଚନା ବିଫଳ ହେଲା।

ଏମିତି ଏକ ସାମାନ୍ୟ ଦୃଷ୍ଟାନ୍ତରୁ ନାଟକର ପୂର୍ଣ୍ଣାଙ୍ଗ କଳେବର ଅନୁମେୟ। ସମଗ୍ର ନାଟକଟି କଂପୋଜିସନ ଓ ଦ୍ୱିଅର୍ଥ ବୋଧକ ସଂଳାପରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ପାରମ୍ପରିକ ଶୈଳୀ ସହ ବୌଦ୍ଧିକ ତଥା ଆନ୍ତର୍ଜାତିୟ ସମସ୍ୟାରେ ସ୍ପଷ୍ଟ ଚିତ୍ର ବହନ କରିଥିଲା।

(କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ


ପୁଷ୍ପାଞ୍ଜଳି ନାୟକ

❤ ଜେଲ୍ ରୋଡ, ବାଲେଶ୍ୱର ମୋ:୯୨୩୭୯୫୯୯୭୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

ଭାଗ-୭

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏତେ ଏତେ ନଡ଼ିଆ, ଗୁଆ ଗଛ, ପାନବରଜ, ଗଦାମ୍ବଗଛ ଏସବୁ କଅଣ ହେବ? ଜଣେ କିଏ ପଚାରି ଉଠିଲା ।

ଅନାଦି ସାହୁ ଆଉ ଉତ୍ତର ଦେଲେ ନାହିଁ ।

ହରିବୋଲିଆ ଜେନା ଯିଏ ତିନିଚାରିବର୍ଷ ତଳେ ସପନୀବୁଢ଼ୀଠୁଁ ଅସ୍ତିଆବାଡ଼ି କିଣିଥିଲା, ସେ ସେଠି ପାନ ଉଧାଉ ନଥିବାରୁ ଶୁଭ ମୂହର୍ତ୍ତରେ ବରଜ ବସାଇବ ବୋଲି ଭଲ ଦିନ ଦେଖିବାକୁ ଯଦୁ ମିଶ୍ରଙ୍କୁ ଖୋଜି ଆସିଥିଲା । କଳା ହୋଇ ପାଞ୍ଚଫୁଟିଆ ମଣିଷଟିଏ । ଦେହରେ ଗାମୁଛା ଓ ଫତୁଆ । ସେ ପଚାରିଲା, ଏସବୁ ଭଡ଼ା ଖବର ନୁହେଁ ତ ଅନାଦି ମାଷ୍ଟ୍ରେ ? ଗତସନ ଯେମିତି ଖବର ଆଇଲା, ସୁବର୍ଣ୍ଣରେଖା ରାଜଘାଟ ପାଖରେ ବିପଦ-ସଙ୍କେତ ଟପିଛି, ୧୮ ଫୁଟ ପାଣି ହେଲାଣି, ଆମେ ସବୁ ନୌକାରେ ଘରଦ୍ୱାର ଛାଡ଼ି ବାଲିଆପାଳ ପଳାଇଗଲୁ । ଅଥଚ ଦେଖିଲାବେଳକୁ ସବୁବେଳେ ଯେମିତି ବନ୍ୟା ଆସେ, ଠିକ୍ ସେମିତି । ମିଛରେ ଆମକୁ ଡରାଇବାକୁ ଲୋକେ ଏମିତି ଗୁଜବ ସୃଷ୍ଟି କରିଛନ୍ତି ।

କେହି ବିଶ୍ୱାସ କରିବାକୁ ତିଆର ନଥିଲେ ।

ପୁରୁଷ ପୁରୁଷ ଧରି ରହିଆସୁଥିବା ଭିଟାମାଟି, ଯାହା ଉପରେ ସେମାନଙ୍କ ବଂଶର ପୁରୁଷ ପୁରୁଷ ଲୋକ ଜନ୍ମ ହୋଇ, ହସି ଖେଳି, ବାହାସାହା ହୋଇ ପୁଅନାତି ରଖି ଆଖି ବୁଜିଛନ୍ତି, ସେଇ ମାଟି ଉପରେ ତାଙ୍କର ଅଧିକାରକୁ କେଉଁ ସରକାର କାଢ଼ିନେବେ ? କେଉଁ ଆଖି ପାଉନଥିବା ଅତୀତ କାଳରୁ ଯେଉଁଠି ବଂଶାନୁକ୍ରମେ ସେମାନେ ରହିଆସୁଛନ୍ତି, ସେଇ ମାଟିରୁ କିଏ ତାଙ୍କୁ ଉଚ୍ଛେଦ କରି ?

ଭାଗବତ ମହାନ୍ତି ସରକାରୀ ଅଧ୍ୟାପକ ଥିଲେ । ଓଡ଼ିଶାର ବିଭିନ୍ନ ସ୍ଥାନରେ ବୁଲିଛନ୍ତି । ପୁଅମାନେ ତ ସେଇ ବିଦେଶରେ ବଡ଼ ହୋଇଛନ୍ତି । ଅବସର ନେଲାପରେ ସେମାନେ ଲଗାଇଥିଲେ ଗାଆଁକୁ ନଫେରି ସେଇ ସହରରେ ରହିଯିବାକୁ । ଜମି ମଧ ଦେଖିଥିଲେ ।

ହେଲେ ଗାଆଁ ତାଙ୍କୁ ଚୁମ୍ବକ ଭଳି ଟାଣିଲା । ସହରର ଚିକଚାକ୍ ଘର, ଛିମଛାମ୍ ପରିବେଶ, ବିଜୁଳି, ପଙ୍ଖା, ଡାଇନିଂ ଟେବୁଲରେ ବୋହୂ ପରଷୁଥିବା ଛଅ ତିଅଣ, ନଅ ଭଜା ତାଙ୍କୁ ବିଷ ଭଳି ଲାଗିଲା । ସେଇ କେଉଁ ଦୂର ଶୈଶବରେ, କ୍ରୀଡ଼ା କଉତୁକ ଭରା ଦିନ ଶେଷରେ ସାଥିମାନେ ନିଜ ନିଜ ଘରକୁ ଚାଲିଯିବା ପରେ, ସେଇ ଅନ୍ଧକାରାଚ୍ଛନ୍ନ ନିଃସଙ୍ଗ ଗାଆଁଦାଣ୍ଡରେ ହଠାତ୍ ମାଆଲାଗି ଜାଗୁଥିବା ସେଇ ଅବୋଧ ଉଚ୍ଚାଟନ ଭଳି ଏଇ ଗାଆଁମାଟି ଲାଗି ଏକ ଅଜଣା ଉଚ୍ଚାଟନ ତାଙ୍କୁ ଆକୁଳ କଲା ।

ସେକଥା ସହରରେ ଉଡ଼ାନେଇ ରହୁଥିବା ପୁଅଝିଅ ବୁଝିପାରିବେନି ।

ଭାଗବତ ମହାନ୍ତିଙ୍କ ଭଳି ସେମାନେ ତ ଏଇ ଡ଼ିଅରେ ଜନ୍ମ ହୋଇନାହାନ୍ତି, ଏଇ ନୁଆଁଣିଆ ଚାଳଘରେ ସେମାନଙ୍କର ଅନ୍ତୁଡ଼ିଶାଳ ହୋଇନାହିଁ, ବାହାଘର ବେଳେ କାନ୍ଥରେ ମୁରୁଜ ଅଙ୍କାହୋଇନାହିଁ, ଚିତାକଟା ହୋଇନାହିଁ, ବାହାଘର ବେଳେ କାନ୍ଥରେ ମୁରୁଜ ଅଙ୍କା ହୋଇନାହିଁ, ଚିତା କଟା ହୋଇନାହିଁ ଏଇ ଗାଆଁରେ ବିଲବାରିରେ, ଅଙ୍କ, ବଇଁଚକୋଳି ବୁଦାରେ, ଆଡ଼ିଆ କିମ୍ବା ଆମ୍ବତୋଟାରେ ବୁଲୁବୁଲୁ ସେମାନଙ୍କ ଶୈଶବର ଅବୋଧ ଦୃଷ୍ଟି ଯୌବନର ପ୍ରଜ୍ଞାରେ ଅଭଙ୍ଗ ହୋଇ ଉଠିନାହିଁ, ସେମାନେ ମାଟିର ଆର୍କଷଣ କୁଆଡୁ ବୁଝିବେ ?

କଷାଫଳ ତ ସୋମନଙ୍କ ଲାଗି ବନ୍ୟା-ଅଧୁଷିତ ଏକ ଅନୁନ୍ନତ ଗାଆଁ ।

ରାତ୍ରି ଗଭୀର ହୋଇଉଠୁଥିଲା ।

ଯଦୁମିଶ୍ର ଆଉ ଆଳତି ସମ୍ପୂର୍ଣ୍ଣ କରିପାରିନଥିଲେ ।

ଗ୍ରାମଦେବତୀଙ୍କ ସେଇ ପ୍ରସ୍ତରମୂର୍ତ୍ତି ଭଳି ନଖିଦାସର ଦ୍ୱିତୀୟ ଭାରିଯା ସପନୀ ସମେତ ସେଠାରେ ଠୁଳ ହୋଇଥିବା ପ୍ରତିଟି ମଣିଷ ଥିଲେ ନିର୍ବାକ, ନିଷ୍ପନ୍ଦ, ଭାବାବେଗହୀନ ।

ରାତ୍ରୀଚର ପକ୍ଷୀଙ୍କ କାକଳି ଓ କଦବା କ୍ୱଚିତ ବିଲୁଆଙ୍କର ବୋବଳି ଛାଡ଼ି ସେଠାରେ ଆଉ କିଛି ଶବ୍ଦ ଶୁଣାଯାଉନଥିଲା ।

ମନ୍ଦିର ସାମ୍ନା ବାଉଁଶବଣ ଉହାଡ଼ରେ ଅଷ୍ଟମୀର ଜହ୍ନ ଅନେକବେଳୁ ବୁଡ଼ିସାରିଥିଲା । ଲିଭିଯାଇଥିଲା ମଧ ମନ୍ଦିରର ପ୍ରଦୀପ । କେବଳ କେହି କେହି ଆଣିଥିବା ଗୋଟିଏ ଦୁଇଟା ହାରିକିନି ଜଳୁଥିଲା ନିଷ୍ପ୍ରଭ ଅବସ୍ଥାରେ ।

ଆଲୁଅ ଅନ୍ଧାରର ସେଇ ଛାୟାଚ୍ଛନ୍ନ ପରିବେଶରେ କେତୋଟି ସିଲହଟ ଛବି ଭଳି ସେମାନେ ନିଷ୍ପ୍ରାଣଭାବେ ବସିରହିଥିଲେ ।

### ॥ ନଅ ॥

ସାପ ଯେତେବେଳେ ଦଂଶନ କରେ, ସେମିତି କୁଆଡ଼େ ଦେହକୁ କାଟେ ନାହିଁ । ବିଷ ଘାରେ ରହି ରହି, ଧୀରେ ଧୀରେ । ସେଇ ବିଷରେ ରୋଗୀର ଦେହ ନୀଳ ନହେବାଯାକେ ଆତ୍ମୀୟସ୍ୱଜନ ସମେତ ସେ ମଧ ଜାଣିଥାଏ, ତାର କିଛି ହୋଇନାହିଁ ।

ଆଉ ବିଷଜ୍ୱାଳାରେ ଦେହ ଯେତେବେଳେ ନୀଳ ପଡ଼ିଆସେ ?

ଆମ୍ବରୁଖି ଗାଆଁର ଅଗଣି ବାରିକ ଗାଆଁ ଶେଷ ମୁଣ୍ଡ ଓସ୍ତ ଗଛ ମୂଳେ ବସିଥିଲା, ଅନ୍ଧାରରେ ଏକା ଏକା ।

ପୋଖରୀପାଣି ଯିବ କହି ଘରୁ ଆସିଥିଲା ଅଗଣି । ଆସି ଉଦ୍ଦେଶ୍ୟହୀନ ଭାବରେ କିଛି ସମୟ ଏପଟସେପଟ ହୋଇ ପୁଣି ଶେଷକୁ ଏଇ ଓସ୍ତଗଛ ତଳେ ବସିଥିଲା ।

ହପ୍ତାଏ ତଳେ ସେ ସାବଠାରୁ କଥାଟା ଶୁଣି ହସରେ ଉଡ଼ାଇ ଦେଇଥିଲା ।

ପୁଣି ତିନିଦିନ ତଳେ ଯେତେବେଳେ ବରଜକୁ ଜଳ ଦେବାକୁ ଯାଇ ସାଥି ବରଜିଆମାନଙ୍କ ଠାରୁ ଶୁଣିଥିଲା, କଥାଟା ସତ, ତାକୁ ସେମିତି କିଛି ଲାଗି ନଥିଲା । ତାପରେ ବି ସେ କଲକୀରେ ତବକା ଖାଇଥିଲା, ଘରକୁ ଫେରି ସାବ ସହିତ କଳି କରିଥିଲା । ଘାଟୀ ତାର ଘାଟୀ ଜାଗାରେ ହେବ, ତା'ର କଅଣ ? ହେଲେ କାଲି ସନ୍ଧ୍ୟାରେ ପୁଣି କଥାଟା ଆଉଥରେ ଶୁଣିଲା, ତା' ମୁଣ୍ଡ ଯେମିତି କାମ କରୁନାହିଁ ।

କାଲିଠୁଁ ତାକୁ ଭୋକ ନାହିଁ, ନିଦ ନାହିଁ । କି ଏକ ଅସ୍ଥିରତାରେ ତା'ର ଦେହ ମନ ଭାଙ୍ଗିପଡୁଛି । ଲାଗୁଛି, ତା ଦେହରେ କିଏ ନିଆଁ ଲଗାଇ ଦେଇଛି । ଥରକୁଥର ଯାଇ ଗଡ଼ିଆରେ ଗାଧୋଉଛି, ତବକା ଖାଉଛି, ବିଡ଼ି ଟାଣୁଛି, ତାକୁ ଶାନ୍ତି ଲାଗୁନି ।

ସେମାନଙ୍କୁ ଏ ଗାଆଁ ଛାଡ଼ିବାକୁ ହେବ ।

ଗୋଟି ଗୋଟି କରି ଶହେ ତିରିଶଟି ଗାଆଁ ନେଇ ତା' ଉପରେ ସରକାର ତିଆରି କରିବେ କ୍ଷେପଣାସ୍ତ୍ର ଘାଟୀ !

ସାବର ହାତ ଧରି, ଶୁକୁରାର ପଘା ଧରି, ଝୁଲାରେ ଲୁଗା, ବାସନ ପୂରାଇ ସେ ରାସ୍ତାରେ ଛିଡ଼ା ହେବ ।

ଏଇ ଡିହ, ଘର, ଅମାର, ଅର୍ଜୁନ, ଆମ୍ବ, ନଡ଼ିଆଗଛ; ଏଇ ଗଡ଼ିଆ ଗଡ଼ିଆ ଆଡ଼ର କଦଳୀବଣ, ବାଉଁଶଝାଡ଼, ବେତକୋଳି ଝାଡ଼, ଘର ଆଗ ତୁଳସୀଚଉରା, ଗୁହାଳ, ଗୁହାଳ ପାଖ ଲେମ୍ବୁଗଛ ଏସବୁ ତା'ର ହୋଇ ରହିବ ନାହିଁ ।

ତା' ଭଳି କେତେ ଅଗଣି ବାରିକ, ହରି ସାହୁଙ୍କର କେତେ କେତେ ଚାଳ ଘର, ମାଣ୍ଟୁପଡ଼ା ଘର, ନଡ଼ିଆଗଛ, ଗଦାମ୍ବବାଡ଼ି, ପାନବରଜ, ଖନ୍ଦଖମାରିରେ ଶାଗୁଆ ଛନଛନ ଦିଶୁଥିବା ମାଣମାଣ ବିଲ, ବାର, କେତେ କେତେ ପୋଖରୀ, ଚୁଆକୁ ମାଟିରେ ମିଶାଇ ସେମାନେ ତିଆରି କରିବେ କ୍ଷେପଣାସ୍ତ୍ର ଘାଟୀ ।

ବୈଶାଖର ଛାତିଫଟା ତାତି, ଚତୁର୍ମାସ୍ୟାର କାଦପାଣି, ବିଜୁଳି, ଘଡ଼ ଘଡ଼ି, ପଉଷର କୋଲ ମାରି ହାଡ଼ରୁ ମାଉଁସ ଅଲଗା କରିଦେଉଥିବା ଶୀତକୁ ନ ଡରି, ଯେଉଁ ମାଟିରୁ ତା ଭଳି ଚାଷୀ, ମୂଲିଆମାନେ ସୁନା ଫଳାନ୍ତି, ସେ ମାଟି ଆଉ ତାଙ୍କର ହୋଇ ରହିବନାହିଁ ।

ଆଖି ଫିଟିବା ଦିନଠାରୁ ଯେଉଁ ମାଟିରେ ସେ ହସି ଖେଳି ବଡ଼ ହୋଇଛି, ନିଜର ବୋଲି ଜାଣିଛି, ସେ ମାଟି ଆଉ ତା'ର ହୋଇ ରହିବ ନାହିଁ ।

ଏଇ ଘର ଛାଡ଼ି, ଏଇ ଡିହ ଛାଡ଼ି କୁଆଡ଼େ ଯିବ ସେ ? କେମିତି ଯିବ ସେ ।

ଗାଈଗୋରୁ ବି ପାଞ୍ଚଦଶବରଷ ଖାଉନ୍ଦ ଘରେ ରହିଗଲା ପରେ ଅଲଗା ଖାଉନ୍ଦ ଘରକୁ ଯିବାକୁ ଅମଙ୍ଗ ହୁଅନ୍ତି । ପଘା ଛିଡ଼େଇ ନୂଆ ଖାଉନ୍ଦ ହାତରୁ ପଳାଇ ଯାଆନ୍ତି । ନୂଆ ଘରେ ପାଞ୍ଚସାତଦିନ ଆଖିରୁ ଲୁହ ଗଡ଼ାନ୍ତି । ଦାନା ଛୁଅଁନ୍ତି ନାହିଁ । ହମ୍ବାରଡ଼ି ଦେଇ ସେଇ ସେଇ ଦୁର୍ବୋଧ ଭାଷାରେ ସେମାନଙ୍କର ମନ ଦୁଃଖ, ଯନ୍ତ୍ରଣା ପ୍ରକାଶ କରନ୍ତି ।

ସୁବିଧା ପାଇଲେ ଘନଘୋର ବର୍ଷା ରାତିରେ ବି ଠିକ୍ ବାଟ ଚିହ୍ନି ପୁରୁଣା ମାଲିକ ଘରକୁ ଫେରିଆସନ୍ତି ।

ଯେମିତି ତା' ପାଖକୁ ଦିନେ ଫେରିଆସିଥିଲା, ଶୁକୁରା ।

ସେଥର ସୁବର୍ଣ୍ଣରେଖାରେ ନଥିଲା ବନ । ଚାଉଳ ସପନ ହେଲା । ସାବର ସେଇ ପହିଲି ପିଲାଟି ଆସି ଅନ୍ତୁଡ଼ିରୁ ବାହୁଡ଼ିଯାଇଥାଏ । ଥରକୁଥର ବନ୍ୟା ଆସି ଚାଷ ଧୋଇନେଲା ।

ବହୁତ କଷ୍ଟରେ ସେ ଶୁକୁରାକୁ ବିକି ଦେଇଥିଲା, ଚମ୍ପୁଆ ଗାଆଁର ସୁନାକର ସାହୁକୁ, ପାଞ୍ଚଶହ ଟଙ୍କାରେ ।

ଶୁକୁରାର ସେ କି କାନ୍ଦଣା !

ଅଗଣି ଦେଇଥିବା କୁଣ୍ଡାବାଲ୍‌ଟି ସେମିତି ପଡ଼ିରହିଥିଲା, ସେ ଛୁଉଁ ନଥିଲା । ଡବ ଡବ ଆଖି ତୋଳି ଅଗଣିକୁ ଚାହୁଁଥିଲା । ଆଉ ସୁନାକର ତା ପଘା ଧରିବାମାତ୍ରେ ଦେ ଦୌଡ଼ ! ପୁଣି ଅଗଣି ତାକୁ ଧରି ବାନ୍ଧିଆଣି ଦେଲେ ପୁଣି ପଘା ଛିଡ଼େ ।

ଅଗଣି ସେ ଛାତିଫଟା ଦୃଶ୍ୟ ଦେଖିବାକୁ ରହିନଥିଲା । ସେ ପଳାଇଯାଇଥିଲା । ଘରଛାଡ଼ି ।

ଘରକୁ ଫେରି ସାବଠୁଁ ଶୁଣିଥିଲା, ସୁନାକର ବହୁତ କଷ୍ଟରେ ଶୁକୁରାକୁ ନେଇଛି । ନାଇଲନ ଦଉଡ଼ିରେ ବି ତାକୁ ଆୟତ୍ତ କରି ହେଲାନାହିଁ । ଶେଷପର୍ଯ୍ୟନ୍ତ ଦଉଡ଼ିରେ ତାର ଗୋଡ଼ ଛନ୍ଦି ସୁନାକର ତାକୁ ନେଇଛି ।

ତିନିଦିନ ଅଗଣି ଘରେ ଚୁଲି ଜଳିନଥିଲା ।

ସାବ ଖାଲି କାନ୍ଦୁଥିଲା । ଅଗଣିକୁ ନେହୁରା ହୋଇ କହୁଥିଲା, ମୋ ଶୁକୁରାକୁ ଫେରାଇଆଣ । ମୁଁ ତାକୁ ନଦେଖିଲେ ମରିଯିବି, ମୋ ଛୁଆକୁ ମତେ ଆଣିଦିଅ ।

କି ଏକ କଷ୍ଟରେ ଫାଟିଯାଉଥିଲା, ଅଗଣିର ଛାତି ।

ସୁନାକର ଦେଇଥିବା ପାଞ୍ଚଶହ ଟଙ୍କା ସେମିତି ଚାଳତଳେ ଗୁଞ୍ଜାହୋଇଥିଲା, ସେ ଟଙ୍କା ସେ ଛୁଇଁପାରୁନଥିଲା, ସେଥିରେ ଧାନ ଆଣିବା ତ ଦୂରର କଥା !

ଯେଉଁଠି ଶୁକୁରା ବନ୍ଧା ହୁଏ, କୁଣ୍ଡା ଖାଏ, ସେସବୁ ଜାଗାକୁ ଚାହିଁବାମାତ୍ରେ ଛାତିଟା ମନ୍ଥି, ବିଦାରି ହୋଇଯାଉଥିଲା ତା'ର ।

ଆଉ ସାବର ମଝିରେ ମଝିରେ ଧକି ଧକି କାନ୍ଦଣା, ପାଟି ଫିଟୁନି ବୋଲି, ପଶୁଛୁଆ ବୋଲି ତାକୁ ଦେଇଦେଲ, ନିଜଛୁଆ ହୋଇଥିଲେ ପାରିଥାନ୍ତ ? ଆମେ ନହେଲା ଦି'ଓଳା ନଖାଇ ଓଳିଏ ଖାଇବା, ଭାତପଖାଳ ନଖାଇ ଶାଗପତର ଖାଇ ଜୀବନ ରଖିବା, ମୋ ଶୁକୁରାକୁ ମତେ ଆଣିଦିଅ ।

ଆଉ ପାରିନଥିଲା ଅଗଣି ।

ରାତି ନପାହୁଣୁ, ଚାଳରେ ଗୁଞ୍ଜା ହୋଇଥିବା ସେଇ ପାଞ୍ଚଶହ ଟଙ୍କା କାଢ଼ି ଅଣ୍ଟିରେ ଗୁଞ୍ଜି ପାଞ୍ଚକୋଶ ଦୂର ଚମ୍ପୁଆ ଗାଆଁରେ ପହଞ୍ଚିଥିଲା ।

ଦେଖିଥିଲା, ଖଳାରେ ଥିବା ଖୁଣ୍ଟରେ ଶୁକୁରା ବନ୍ଧାହୋଇଛି । ଦେହ ଗଳିଗଲାଣି । ପଞ୍ଜରା ଦିଶୁଛି । ଆଖି ଦୁଇଟିରୁ ଧାର ଧାର ଲୁହ ଝରିଚାଲିଛି ।

ଆଗରେ ଅକ୍ଷତ କୁଟାବିଡ଼ା ଓ କୁଣ୍ଡାବାଲ୍‌ଟି ।

ତାକୁ ଦେଖି କି ହମ୍ବାରଡ଼ି ତା'ର । ସତେ ଯେମିତି ଖାଉନ୍ଦଙ୍କୁ ପାଇଥିବାର ଆନନ୍ଦରେ ସେ ମେଦିନୀ ଫଟାଇଦେବ !

ଅଗଣି ସିଧା ଯାଇ ପିଲାଙ୍କ ଭଳି ତାକୁ କୁଣ୍ଢାଇ ପକାଇଥିଲା । ଆଉ ଆପଣାର ମଣିଷକୁ ଫେରିପାଇଥିବାର ଆନନ୍ଦରେ ସେଇ ଅବୋଧ ପଶୁଟା ଗଳା ଫଟାଇ ହମ୍ବାଳି ଚାଲିଥିଲା । ତା'ର ଦୁଇ ଆଖିରୁ ସେମିତି ଧାର ଧାର ଲୁହ ବୋହୁଥିଲା । ଆବେଗରେ, ଆନନ୍ଦରେ ସେ ଅଗଣିକୁ ଚାଟିବାକୁ ଆରମ୍ଭ କରିଥିଲା । (କ୍ରମଶଃ)

## ■ ଯୌତୁକରୁ କଣ ମିଳିବ

ଅନୁବାଦ ଗଳ୍ପ


ମୂଳହିନ୍ଦୀ- ସତୀଶ ଖନଗବାଲ


"ଦୀପକ ଆଉ ରୂପାଲି ତ ପରସ୍ପରକୁ ପସନ୍ଦ କରି ସାରିଲେଣି । ତେବେ ଆମେ ଆଉ ବିଳମ୍ବ କରିବା କଣ ପାଇଁ ? ନା..ଆପଣ କଣ ଭାବୁଛନ୍ତି ?" ଦୀପକର ପିତା ବର୍ମାଜୀ କହିଲେ ।

"ନା.. ଏଥିରେ ଆଉ ଭାବିବାର କଣ ଅଛି, ଆମ ତରଫରୁ ତ କିଛି ବି ଆପତି ଅଭିଯୋଗ ନାହିଁ । ବରଂ ମୁଁ କହିବି ଶୁଭସ୍ୟ ଶୀଘ୍ରମ୍ । " ଏତକ କହି ରୂପାଲିର ପିତା ହସିହସି ବର୍ମାଜୀଙ୍କ ଆଡକୁ ମିଠାଇର ପ୍ଲେଟ ବଢାଇ ଦେଲେ । ବର୍ମାଜୀ ସେଥିରୁ ଗୋଟିଏ ମିଠାଇ ଉଠାଇ ନେଇ ଭାବି ସମୁଦିଙ୍କୁ ଖୁଆଇ ଦେଉଦେଉ କହିଲେ, "ଗତ ଛଅ ମାସ ଧରି ଆମେ ମଝିରେ ମଝିରେ ଏ ସଂକ୍ରାନ୍ତରେ କଥା ହୋଇଛୁ । ତେଣେ ବରକନ୍ୟା ବି ପରସ୍ପରକୁ ଦେଖି ସାରିଛନ୍ତି । ପସନ୍ଦ କରିସାରିଛନ୍ତି । ଫୋନ୍‌ରେ ବି କଥା ହେଉଛନ୍ତି । ଖାଲି ଏତିକି ନୁହେଁ ସେମାନେ ଆମକୁ ବି ସ୍ପଷ୍ଟ ଭାବରେ ଜଣାଇ ଦେଇସାରିଛନ୍ତି ଯେ ସେମାନେ ପରସ୍ପରକୁ ଭଲ ଭାବରେ ବୁଝି ସାରିଛନ୍ତି । ଆମେ ସେତିକି ହିଁ ଚାହୁଁଥିଲୁ । ତେଣୁ ଏ ଶୁଭ କର୍ମରେ ଆଉ ଜମା ବିଳମ୍ବ ହେବା ଉଚିତ ନୁହେଁ ।"

ଏତିକି ବେଳେ ଦୀପକର ମାଆ ବର୍ମାଜୀଙ୍କୁ ଆଖିରେ ଆଖିରେ କିଛି ଇସାରା ଦେଲେ । ଇସାରା ପାଇବା କ୍ଷଣି ବର୍ମାଜୀ କହିଲେ , "ବୁଝିଲେ ସମୁଦି.. କଥାକୁ ଆଉ ବେଶୀ ଦିନ ଅଯଥାରେ ଗଡାଇବା ଠିକ୍ ହେବନି । ଯଦି ଆମେ ଉଭୟ ପକ୍ଷ ଏ ବିବାହ ପ୍ରସ୍ତାବରେ ସହମତି ପ୍ରକାଶ କରୁଛୁ , ତେବେ ବିଧି ବ୍ୟବସ୍ଥା ଅନୁଯାୟୀ ଯାହା କିଛି ଦେଣ ନେଣ କଥା ବି ଏକାବେଳକେ ଏଇଠି ଛିଣ୍ଡାଇ ଦେବା ଉଚିତ ।" ଏତକ ଶୁଣିବା ମାତ୍ରେ ରୂପାଲି ବାପା ମନୋହରଲାଲଙ୍କ ମୁହଁରୁ ସରସତା ହଠାତ୍ ଉଭେଇ ଗଲା । ସେ ଗମ୍ଭୀର ହୋଇଗଲେ । ତାଙ୍କ ଆଖିରୁ ସେଇ ପୂର୍ବ ଖୁସିର ଝଲକ ଅର୍ନ୍ତଦ୍ଧାନ ହୋଇଗଲା । ବର୍ମାଜୀ ଏତକ ଲକ୍ଷ୍ୟ କରିପାରିଲେ । ସେ ହସିହସି କହିଲେ, "ଆରେ ଭାଇ, ଆପଣ ତ ଅଯଥାରେ ଗମ୍ଭୀର ହୋଇଗଲେ । ମୁଁ ଆପଣଙ୍କୁ ଯୌତୁକ କଥା କହୁଚି ବୋଲି ଭାବିଲେ କି.. ? ଉହୁଁ..ସେମିତି ଜମା ଭାବନ୍ତୁ ନାହିଁ । ଆମକୁ ସେ ଯୌତୁକରୁ କଣ ମିଳିବ ? ଭଗବାନଙ୍କ ଅସୀମ କରୁଣାରୁ ଆମର କିଛି ବି ଅଭାବ ନାହିଁ । ଆମ ପୁଅ ଝିଅ ସୁଖରେ ରହିପାରିଲେ ହିଁ ଆମର ସବୁ ସୁଖ । ତେବେ କଥା କଣ କି.. ଦୀପକକୁ ଇଂଜିନିୟର କରାଇବା ପାଇଁ ଆମେ ଦଶ ବାର ଲକ୍ଷ ଟଙ୍କା ଖର୍ଚ୍ଚ କରିଛୁ.. ଏବେ ତ ଆମେ ବନ୍ଧୁ ହେବୁ, ତେଣୁ ସେତକ ଯଦି ଆମେ ଫେରି ପାଆନ୍ତୁ ତେବେ.. । ହଁ ଏହା ବ୍ୟତୀତ ଆମେ ଆଉ କିଛି ବି ମାଗିବୁ ନାହିଁ । ତେଣିକି ଆଉ ଯାହା କିଛି ବି ଦେବେ, ସେ ସବୁ ଆପଣଙ୍କ ଝିଅକୁ ଦେବେ । ମାନେ..ମୋର କହିବାର ଅର୍ଥ ବୁଝିପାରୁଛନ୍ତି ତ ?"

ମନୋହରଲାଲ ବାବୁ କିଛି କହିବା ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଦୀପକ କହିପକାଇଲା, "ମୋର ଏଠି କିଛି କହିବାର ଅଛି ବାପା ।" ଏତକ ଶୁଣିବା ମାତ୍ରେ ସଭିଙ୍କ ଆଖି ଦୀପକ ଆଡକୁ ଟାଣି ହୋଇଗଲା । ସହଜ ଆଉ ଶାନ୍ତ ସ୍ୱରରେ ଦୀପକ କହିଲା, "ଆପଣଙ୍କ କହିବା ମୁତାବକ ଆମ ଦୁଇ ପରିବାର ଏବେ ବନ୍ଧୁ ହୋଇଗଲେ । ମୋ ବାବଦରେ ଖର୍ଚ୍ଚ ହୋଇଥିବା ଅର୍ଥ ସେ ପରିବାର ଯେମିତି ଭରଣା କରିବା ଉଚିତ, ସେମିତି ଆମର ବି କିଛି ନୈତିକ ଦାୟିତ୍ୱ ରହିବା ଉଚିତ ହେବ । ଏଇ ଛଅ ମାସ ଭିତରେ ରୂପାଲି ଆଉ ମୁଁ ଫୋନ୍ ରେ କଥା ହୋଇଛୁ । ମୁଁ ଯେତିକି ବୁଝିଛି , ସେମାନେ ବି ରୂପାଲିର ପାଠପଢାରେ ମାନେ ଏମ.ବିଏ କରାଇବାରେ ପ୍ରାୟ ଆଠଦଶ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛନ୍ତି । ତେଣୁ ସେତକ ବି ଆମ ତରଫରୁ ଆମେ ତାଙ୍କୁ ଦେଇଦେବା କଥା । ଆମେ ତ ବନ୍ଧୁ ହୋଇଯାଉଛୁ ନା.. ।"

ପୁଅ ମୁହଁରୁ ଏମିତି କଥା ଶୁଣି ଚମକି ପଡୁଥିଲେ ଦୀପକର ମାଆ । ଚିହିଙ୍କିଲା ସ୍ୱରରେ କହିଲେ , ଏ ତୁ କଣ କହୁଛୁ ଦୀପକ ? ତୋ ମୁଣ୍ଡ କାମ କରୁଛି ତ ? କଣ କହୁଛୁ ନିଜେ ବୁଝି ପାରୁଛୁ ତ ?" ଦୀପକ ସେମିତି ଶାନ୍ତ ସହଜ ସ୍ୱରରେ କହିଲା ,

"ଖାଲି ସେତିକି ନୁହେଁ ମା, କାଲି ଯେତେବେଳେ ରୂପାଲି ଚାକିରି କରିବ , ତା ଦରମା ର ଅଧେ ଆମେ ତା ପରିବାରକୁ ଦେବା ଉଚିତ ହେବ । କାରଣ ସେମାନେ ନିଜର ବହୁ ଅରମାନକୁ ହତ୍ୟା କରି ଝିଅର ପାଠପଢାରେ ସବୁ ସାରିଛନ୍ତି । ଝିଅକୁ ଏମ.ବି.ଏ କରାଇଛନ୍ତି । ଶେଷ ଜୀବନରେ ସେମାନେ କେମିତି ଭଲରେ ରହିବେ, ସେତକ ଦେଖିବା ବି ଆମର ଦାୟିତ୍ୱ । ତୁମ ପୁଅର ଦରମା ତ ତୁମ ଘରକୁ ନିଶ୍ଚୟ ଆସିବ । ରୂପାଲି ଦରମାର ଅଧା ତା ବାପା ମାଆ ପାଇଗଲେ ସେମାନେ ବି ଭଲରେ ଭଲରେ ଚଳିଯିବେ ।"

ଏତକ ଶୁଣିସାରିବା ପରେ ରୂପାଲି ଆଖିରେ ଦୀପକ ପ୍ରତି ପ୍ରେମ ଠାରୁ ସମ୍ମାନର ଜ୍ୟୋତି ଝଲସି ଉଠୁଥିଲା ସେତେବେଳେ ।




ଅନୁସୃଜନ- ବିନୟ କୁମାର ଦାସ

❤ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧ ମୋ- ୭୯୭୮୮୬୦୩୬୩

## ପରମ୍ପରା



**ଦିଲ୍ଲୀପ କୁମାର ସାହୁ**

# ଛତର ଯାତ୍ରା



କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀ । ମାଆ ରାଜ ପରିବାରର କୂଳ ଦେବୀ ହେଲେ ମଧ୍ୟ ସାରା କଳାହାଣ୍ଡି ବାସୀଙ୍କର ସେ ଆରାଧ୍ୟା । ମାଆଙ୍କର ସବୁଠାରୁ ବଡ ପର୍ବ ହେଉଛି ଛତର ଯାତ୍ରା । ଏହା ମହାନବମୀ ଦିନ ପ୍ରତ୍ୟୁଷରୁ ଆରମ୍ଭ ହୋଇ ମଧ୍ୟାହ୍ନରେ ଶେଷ ହୋଇଥାଏ । ମହାଷ୍ଟମୀ ନିଶାର୍ଦ୍ଧରେ ମା ମାଣିକେଶ୍ୱରୀଙ୍କ ସନ୍ଧିପୂଜା ଆୟୋଜନ ହୁଏ । ଏହା ପରେ ମା ଙ୍କର ଛତରକୁ ଅଣାଯାଏ ମନ୍ଦିର ଠାରୁ ତିନି କିଲୋମିଟର ଦୂରସ୍ଥିତ ଜେନାଖାଲକୁ । ଜେନାଖାଲ ଠାରେ ମହାନବମୀ ଦିନ ପ୍ରତ୍ୟୁଷରେ ଆୟୋଜିତ ହୋଇଥାଏ ମାଙ୍କର ବିଶେଷ ପୂଜା । ବିଶେଷ ପୂଜା ପରେ ଏକ ବିଶାଳ ପଟୁଆରରେ ମାଙ୍କ ପ୍ରତୀକ ଛତରକୁ ନିଆଯାଏ ମନ୍ଦିର ଅଭିମୂଖେ । ସେଦିନ ଭବାନୀପାଟଣା ସହର ହୋଇଉଠେ ଖୁବ୍ ଉତ୍ସବମୁଖର । ଘଣ୍ଟ ଘଣ୍ଟା ଓ ଲୋକବାଦ୍ୟରେ ଉଛୁଳି ପଡେ ସାରା ସହର ।

ଘୁମୁରା, ଢୋଲ ନିଶାନ୍ ଆଦି ପାରମ୍ପରିକ ବାଦ୍ୟର ତାଳେ ତାଳେ ଝୁମିଯାଆନ୍ତି ଶ୍ରଦ୍ଧାଳୁ । ଏସବୁ ବାଦ୍ୟକାର ମାନେ ବିନା ପାରିଶ୍ରମିକରେ ଏରି ଛତର ଯାତ୍ରାରେ ବାଦ୍ୟ ପରିବେଷଣ କରିବାର ପରମ୍ପରା ରହିଛି । ତେଣୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକବାଦ୍ୟ ଦଳ ମାନେ ଆସି ଶୋଭାଯାତ୍ରାକୁ ଖୁବ୍ ରଙ୍ଗମୟ କରିଦେଇଥାନ୍ତି ।

ଅନେକ ବ୍ରତଧାରୀ ଭକ୍ତ ମା ମାଣିକେଶ୍ୱରୀଙ୍କ ଏହି ଛତର ଯାତ୍ରାରେ ବିଭିନ୍ନ ପ୍ରକାର ବେଶ ହୋଇ ଅଂଶଗ୍ରହଣ କରିଥାନ୍ତି ଓ ଶୋଭାଯାତ୍ରାକୁ ଆକର୍ଷଣୀୟ କରିଥାନ୍ତି ।

ଏବେ ଲୋକବାଦ୍ୟ ସହିତ ଆଧୁନିକ ବାଦ୍ୟଦଳ ମଧ୍ୟ ଏହି ଛତର ଯାତ୍ରା ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଛନ୍ତି, ଯାହାକି ଯୁବ ସମ୍ପ୍ରଦାୟକୁ ବେଶ୍ ଆକୃଷ୍ଟ କରିଥାଏ ।

ଛତର ଯାତ୍ରା ପାଇଁ ଜେନାଖାଲ ଠାରୁ ମା ମାଣିକେଶ୍ୱରୀଙ୍କ ମନ୍ଦିର ଯାଏ ପ୍ରାୟ ତିନିକିଲୋମିଟର ରାସ୍ତା ହୋଇଯାଇଥାଏ ଲୋକାରଣ୍ୟ । ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଯୋଗୁଁ ଶୋରିଷଟିଏ ପକାଇବା ପାଇଁ ଜାଗା ନଥିବା ପରି ମନେ ହୋଇଥାଏ । ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅଟ୍ଟାଳିକା ଗୁଡିକରେ ଶିଶୁ ଓ ମହିଳା ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମା ମାଣିକେଶ୍ୱରୀଙ୍କ ଛତର ପ୍ରତି ଭକ୍ତିପୂତ ପ୍ରଣତି ଜଣାଇଥାନ୍ତି ।

ଛତର ଯାତ୍ରାର ପରମ୍ପରା ହେଲା ମା ମାଣିକେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଛାଗ ଓ କୁକୁଡା ବଳି ନୈବେଦ୍ୟ ଅର୍ପଣ । ସେଥିପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସେମାନଙ୍କର ମାନସିକ ପୁରଣ ହେତୁ ଛାଗ ଓ କୁକୁଡା ଧରି ଶୋଭାଯାତ୍ରା ଯାଉଥିବା ରାସ୍ତାରେ ଅପେକ୍ଷା କରିଥାନ୍ତି ଓ ମାଙ୍କ ଛତର ପହଞ୍ଚିବା ମାତ୍ରେ ବଳି ଅର୍ପଣ କରିଥାନ୍ତି । ସେଥିପାଇଁ ସେଦିନ ଭବାନୀପାଟଣାର ରାଜରାସ୍ତା ହୋଇଯାଇଥାଏ ରକ୍ତରଞ୍ଜିତ ।

ଯେହେତୁ ଛତର ଯାତ୍ରା ଏକ ଭାବ ଆବେଗର ଯାତ୍ରା ଏଠାରେ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ନଥାଏ ଲୋକଙ୍କର ଭୃକ୍ଷେପ । ତେଣୁ ଆଇନ୍ ଏଠି ବୋଲ ମାନେ ନାହିଁ । ଅପାଠୁଆ ନୁହନ୍ତି ଶିକ୍ଷିତ ବର୍ଗର ଲୋକମାନେ ମଧ୍ୟ ଏଠାରେ ମାଙ୍କ ଉଦ୍ଦେଶ୍ୟରେ ବଳି ଅର୍ପଣ କରିବା ପାଇଁ ଆଗେଇ ଆସିଥାନ୍ତି ।

ଛତର ଯାତ୍ରାରେ ପାରା ଉଡ଼ାଇବାର ଏକ ପରମ୍ପରା ମଧ୍ୟ ରହିଛି । ପାରା ଉଡାଇବା ପରେ ପକ୍ଷୀ ଗୁଡିକ ନିର୍ଭୟରେ ଶୋଭାଯାତ୍ରା ର ଉପରେ ଉଡିବୁଲି ଭିନ୍ନ ଏକ ଦୃଶ୍ୟ ସୃଷ୍ଟି କରିଥାନ୍ତି । ବେଳେବେଳେ ପାରା ମାନେ ମାଙ୍କ ଛତର ଉପରେ ବସି ପଡୁଥିବା ଲକ୍ଷ କରାଯାଇଥାଏ ।

ଛତର ଯାଉଥିବା ରାସ୍ତା ପାର୍ଶ୍ୱରେ ଅନେକ ଶ୍ରଦ୍ଧାଳୁ ଲିପାପୋଛା କରି ମାଙ୍କ ଉଦ୍ଦେଶ୍ୟରେ ଧୂପଦୀପ ଓ ନୈବେଦ୍ୟ ଅର୍ପଣ କରିଥାନ୍ତି ।

ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ତଥା ଶୃଙ୍ଖଳାର ସହ ଯାତ୍ରା ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଓ ଆରକ୍ଷୀ ବିଭାଗ ପକ୍ଷରୁ ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ଧାରାବିବରଣୀ କକ୍ଷ ଖୋଲାଯାଇ ଛତର ଯାତ୍ରା ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନ କରାଯାଇଥାଏ ଓ ଛତର ଶୋଭାଯାତ୍ରା ସମ୍ପର୍କରେ ବିବରଣୀ ମଧ୍ୟ ପ୍ରଦାନ କରାଯାଇଥାଏ ।

ମଧ୍ୟାନ୍ନ ସୁଦ୍ଧା ମାଙ୍କର ଛତର ପହଞ୍ଚି ଯାଇଥାଏ ମା ମାଣିକେଶ୍ୱରୀଙ୍କ ମନ୍ଦିର ନିକଟରେ ଓ ଶେଷ ହୋଇଥାଏ ବହୁ ପ୍ରତିକ୍ଷୀତ ଛତର ଯାତ୍ରା ।



**କଳାହାଣ୍ଡିର ପ୍ରତ୍ୟକ୍ଷ ଦେବୀ ମା' ମାଣିକେଶ୍ୱରୀ**



ଶଙ୍କରପୁର, ଚାରବାଟିଆ, କଟକ
(ମୋ) ୭୦୭୭୨୦୬୯୭୭

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୨୮

**ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।**



**ଉମାକାନ୍ତ ରାଉତ(ଅରୂପ)**
ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

କେତେ ଯେ ହର୍ଷ କେତେ ଆହ୍ଲାଦ
କେତେ ଦାରୁଣ ବ୍ୟଥା
(ତା') ମାଟି ଅଗଣା ସାଇତି ରଖେ
ବିରହ ବିଧୂ ଗାଥା । (୨୭୭)

ନିରୁତା ତାର ପୂଣ୍ୟ ଜଳରେ
ମାଟି ଆକାଶ ରାସ
ଡେଣାକୁ ଝାଡେ ଶୈଶବ ସ୍ୱପ୍ନ
ଶିଶୁ କଅଁଳ ଶ୍ୱାସ । (୨୭୮)

ସରେନା କେବେ ଚିର ଶ୍ୟାମଳ
ସାଇତା ତାର ଆଭା
ସରିବ ନାହିଁ ଛାତିରେ ଥୁଆ
ଗାଁର ବର୍ଣ୍ଣବିଭା । (୨୭୯)

ଯେଉଁଠି ଥାଏ ଯେମିତି ଥାଏ
ଅରଜେ ଯେତେ ନାଆଁ
ଜଳିବ ଦିନେ ସେଇଠି ଶେଷେ
ମୋହରି ଚିତା ନିଆଁ । (୨୮୦)

ଯେଉଁ ମାଟିରେ ଜନମ ମୋର
ତା ନାଆଁ ହାତିସାହି
ସେଇ ମାଟିର ଏନ୍ତୁଡିଶାଳ
ମୋ କଥା ଯାଏ କହି । (୨୮୧)

ଷଠି ଘରଠୁ ଶେଷ ନିଶ୍ୱାସ
ଜଳିବ ଶେଷେ ଜୁଇ
ସବୁ ହରଷ ସବୁ ଦରଦ
ଦେଖୁଛି ଆମ ନଈ । (୨୮୨)

ତାହାରି ତୋଟା ଶାଗୁଆ ବିଲ
ଗାଆଁ ମୁଣ୍ଡର ହାଟ
ବାରବଣୁଆ ଗୋହିରୀଠାରୁ
ଗାଈଆଳ କୁହାଟ । (୨୮୩)

ସାଳନ୍ଦୀ ଗଣ୍ଡ ଛାତି ଫୁଲିଲେ
ନଈରେ ଆସେ ବଢ଼ି
ମୁହଁ ଅନ୍ଧାରୁ ଗାତ ବାହୁଡ଼ା
ବିଲୁଆଙ୍କର ରଡ଼ି । (୨୮୪)

ଗାଆଁ ମୁଣ୍ଡର ଢ଼ିପ ଉପରେ
ପାରନାନୀର ଘର
କାହାର ନାନୀ କାହା ମାଉସୀ
ନାହିଁ ଆପଣାର ପର । (୨୮୫)

ଗାଁ ମଝିରେ ଜମେଇ ଅଛି
ଭାଲୁ ଭାଇ ତା' ଶାଳ
ଶାଳ ନୁହେଁ ତ ସତେ ଯେମିତି
ସାରା ଗାଆଁର ବଳ । (୨୮୬)

( କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ଡୁଲ୍ ବୁଖାରା

୪୧



**ଦୀପକ ରଂଜନ ମିଶ୍ର**

## ॥ ଜାପାନୀଙ୍କ ଆଣ୍ଡାମାନ ଅଧିଗ୍ରହଣର କାହାଣୀ ॥

ଇଂରେଜମାନଙ୍କର ଭାରତ ଭୂଖଣ୍ଡ ଉପରେ ଥିଲା ଏକଛତ୍ର ଆଧିପତ୍ୟ । ବାହ୍ୟଶତ୍ରୁ କେବେ ଯେ ସେମାନଙ୍କର ଅଧିକାର ଛଡ଼ାଇବା ପାଇଁ ଚେଷ୍ଟା କରିବ ତାହା ଥିଲା ତାଙ୍କ କଳ୍ପନା ବହିର୍ଭୂତ । ତେଣୁ ତାଙ୍କ ଅଧିକୃତ ଅଞ୍ଚଳଗୁଡ଼ିକର ସୁରକ୍ଷା ପ୍ରତି ସେତେ ସଚେତନ ନଥାନ୍ତି । ଏହା ଥାଏ ତାଙ୍କର ମସ୍ତବଡ଼ ଭୁଲ । ଦ୍ୱିତୀୟ ବିଶ୍ୱଯୁଦ୍ଧର କିଛିବର୍ଷ ପୂର୍ବରୁ ଜାପାନ, ଇଂରେଜଙ୍କ ଏଇ ଅଦୂରଦର୍ଶିତାର ଫାଇଦା ଉଠାଇବା ଆରମ୍ଭ କରିଦେଇଥାଏ । ସମୁଦ୍ର ଉପକୂଳରୁ ମାଛ ମାରିବା, ଗାଁ ଗାଁ ବୁଲି ଫେରି କରିବା, ଦିନ ମଜୁରିଆ ଭାବେ କାମ କରିବା ଆଳରେ ଜାପାନୀମାନେ ଜଣେ ଜଣେ ହୋଇ ଆସି ଆଣ୍ଡାମାନରେ ସ୍ଥାୟୀ ଭାବେ ବସବାସ କରୁଥାନ୍ତି । ୧୯୩୨ ମସିହାରେ ଫକୋ ମଟୋ ନାମକ ଜଣେ ଜାପାନୀ ଦନ୍ତ ଚିକିତ୍ସକ ତାଙ୍କ ସ୍ତ୍ରୀଙ୍କ ସହିତ ଆସି ପୋର୍ଟବ୍ଲେୟାର ସ୍ଥିତ ଆବେରଡିନ୍ ବଜାରରେ ଛୋଟ ଘରଟିଏ ଭଡ଼ା ନେଇ କ୍ଲିନିକ୍ ଖୋଲି ଚିକିତ୍ସା କରିବାକୁ ଲାଗନ୍ତି । ଡାକ୍ତର ଜଣକ ଥାଆନ୍ତି ଅତ୍ୟନ୍ତ ସାମାଜିକ । ସ୍ଥାନୀୟ ଲୋକଙ୍କ ସହ ଗୋଟିଏ ପରିବାରର ସଦସ୍ୟ ଭଳି ଥାଏ ତାଙ୍କର ବ୍ୟବହାର । ବି କେନିସି ଓ ଇୱାସାକୀ ଦୁଇଜଣ ଫଟୋଗ୍ରାଫର । ସେମାନେ ବି ଆବେରଡିନ୍ ବଜାରରେ ନିଜ ନିଜ ଷ୍ଟୁଡିଓ ଖୋଲି ବ୍ୟବସାୟ କରୁଥାନ୍ତି । ଏମାନଙ୍କୁ ଲୋକସମ୍ପର୍କ ବୃଦ୍ଧି କରିବା ସହ ଦ୍ୱୀପର ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ଗୁପ୍ତ ଖବର ତଥା ଫଟୋ ସଂଗ୍ରହ କରି ଜାପାନ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ । ଆବଶ୍ୟକ ସମୟରେ କେଉଁମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବାକୁ ପଡ଼ିବ ତାହାର ଏକ ତାଲିକା ମଧ୍ୟ ପ୍ରସ୍ତୁତ କରୁଥାନ୍ତି ସେମାନେ ।

ଆସ୍ତେ ଆସ୍ତେ ଦ୍ୱୀପସମୂହରେ ଜାପାନୀଙ୍କ ସଂଖ୍ୟାବୃଦ୍ଧି ପାଉଥିବା ଦେଖି ଇଂରେଜମାନେ ସନ୍ଦେହ କରିବା ଆରମ୍ଭ କରନ୍ତି । କିଛି ସୁରାକ୍ ପାଇବା ପରେ ଉପରୋକ୍ତ ଦନ୍ତଚିକିତ୍ସକ ତଥା ଫଟୋଗ୍ରାଫରଙ୍କୁ ଗିରଫ୍ କରି କଲିକତା ପଠାଇ ଦିଆଯାଏ ଆବଶ୍ୟକୀୟ ଅନୁସନ୍ଧାନ ପାଇଁ । ହେଲେ ସେତେବେଳକୁ ଅନେକ ବିଳମ୍ବ ହୋଇ ସାରିଥାଏ । ସୁରକ୍ଷା ସମ୍ବନ୍ଧିତ ଅନେକ ଗୁପ୍ତତଥ୍ୟ ଜାପାନର ହସ୍ତଗତ ହୋଇ ସାରିଥିବାରୁ ଆଉ ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ସମ୍ଭବ ହୋଇ ପାରେନି । ପର୍ଲ ହାର୍ବରରେ ଆମେରିକାର ଜାହାଜ ଉପରେ ଆକ୍ରମଣ କରିବା ପରେ ଜାପାନ ପ୍ରତ୍ୟକ୍ଷ ରୂପେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ ହୋଇଯିବାରୁ ବର୍ମା, ସିଙ୍ଗାପୁର ଇତ୍ୟାଦିଙ୍କ ସହ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ବି ଜାପାନୀ ଆକ୍ରମଣର ଆଶଂକା ଦେଖାଦିଏ । ସୁରକ୍ଷା ବ୍ୟବସ୍ଥା ସେତେଟା ସୁଦୃଢ଼ ନଥିବାରୁ ଇଂରେଜମାନେ ପ୍ରମାଦ ଗଣିବାକୁ ଲାଗନ୍ତି । ଯେକୌଣସି ମୁହୂର୍ତ୍ତରେ ଜାପାନୀମାନେ ନୌସେନା ଓ ବାୟୁସେନାର ସହାୟତାରେ ଆଣ୍ଡାମାନ ଉପରେ ଆକ୍ରମଣ କରି ପାରନ୍ତି । ୟୁରୋପରେ ସେତେବେଳେ ଚାଲିଥାଏ ଘମାଘୋଟ ଲଢ଼େଇ । ଇଂଲଣ୍ଡ ତାର ସମସ୍ତ ଶକ୍ତି କେନ୍ଦ୍ରିଭୂତ କରୁଥାଏ ଆପଣା ଆତ୍ମରକ୍ଷା ଉଦ୍ଦେଶ୍ୟରେ । ସେଇଭଳି ପରିସ୍ଥିତିରେ ଆଣ୍ଡାମାନ ଭଳି ଏକ ଛୋଟ ଦ୍ୱୀପର ସୁରକ୍ଷା ବିଷୟରେ ଚିନ୍ତା କରିବା ସମ୍ଭବପର ହେଉ ନଥିବାରୁ ସେଠାରେ ଥିବା ଇଂରେଜ ଅଧିକାରୀମାନେ ଜୀବନ ବଞ୍ଚାଇବା ଲକ୍ଷ୍ୟରେ ପରିବାରବର୍ଗଙ୍କ ସହିତ ଦ୍ୱୀପ ଛାଡ଼ି ମୂଳ ଭାରତ ଭୂଖଣ୍ଡକୁ ପଳାଇ ଆସିବାକୁ ଉଚିତ୍ ମଣନ୍ତି । ସେବେଳର ଯୁଦ୍ଧକାଳୀନ ପରିସ୍ଥିତି ଯୋଗୁଁ ଜାହାଜ ଚଳାଚଳ ବି ଥାଏ ଖୁବ୍ ସୀମିତ । ଦଳଦଳ ହୋଇ ଇଂରେଜ ଅଧିକାରୀଙ୍କର ଦ୍ୱୀପରୁ ପଳାୟନ ଦେଖି ସେଠିକାର ସ୍ଥାନୀୟ ଅଧିବାସୀମାନେ ନିଜକୁ ଖୁବ୍ ଅସହାୟ ମନେ କରିବା ସ୍ୱାଭାବିକ । ସାହେବ୍‌ମାନେ ସିନା ଚାକିରିଆ ବୋଲି ଯୁଆଡ଼େ ଚାହିଁଲେ ଆପଣା ପେଡ଼ି ପୁଟୁଳି ଧରି ଚାଲିଯିବେ ହେଲେ ଯେଉଁମାନେ ପୁରୁଷ ପୁରୁଷ ଧରି ସେଠାରେ ସ୍ଥାୟୀ ଭାବରେ ବସବାସ କରି ଆସୁଛନ୍ତି ସେମାନେ ନିଜ ଘରଦ୍ୱାର ଛାଡ଼ି ଆଉ କୁଆଡ଼େ ଯାଇ ପାରିବେ ? ଜାପାନୀ ଆକ୍ରମଣ ଭୟରେ ଯେଉଁମାନେ ସବୁକିଛି ତ୍ୟାଗକରି ଭାରତକୁ ଚାଲିଆସିବା ପାଇଁ ବାହାରନ୍ତି ସେମାନଙ୍କୁ ଜାହାଜ ହିଁ ମିଳେନାହିଁ । ଇଂରେଜମାନଙ୍କ ପଳାୟନ ପରେ ଜାହାଜ ଚଳାଚଳ ବନ୍ଦ ହୋଇଯାଇଥାଏ । ଏଣେ ଦ୍ୱୀପରେ ଆଇନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାକୁ ଲାଗେ । ଚୋରି ଡକାୟତି ଯୋଗୁଁ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି । କିଛି ହାତଗଣତି ପୋଲିସ୍ ଦ୍ୱୀପରେ ଥାଆନ୍ତି ହେଲେ ତାଙ୍କ କଥା ଶୁଣୁଛି କିଏ । ଏଇଭଳି ପରିସ୍ଥିତିରେ ୧୯୪୨ ମସିହା ମାର୍ଚ୍ଚ ୨୨ ତାରିଖ ଦିନ ସନ୍ଧ୍ୟା ବେଳକୁ ଜାପାନୀ ନୌସେନାର ଯୁଦ୍ଧ ଜାହାଜ ଆଣ୍ଡାମାନର ଉପକୂଳରେ ଦୃଶ୍ୟମାନ ହେବାରୁ ସାଧାରଣ ନିରୀହ ଦ୍ୱୀପବାସୀ ଆତଙ୍କିତ ଅବସ୍ଥାରେ ନିଜ ନିଜ ଘରେ କବାଟ ଝରକା ବନ୍ଦ କରି ଠାକୁରଙ୍କୁ ସ୍ମରଣ କରିବାକୁ ଲାଗନ୍ତି ।




ରାତ୍ରିର ଘନ ଅନ୍ଧକାର ମଧ୍ୟରେ ଜାପାନୀ ସୈନିକମାନେ ଜାହାଜରୁ ଛୋଟ ଛୋଟ ଡଙ୍ଗାରେ ଆସି ଓହ୍ଲାନ୍ତି କୂଳରେ । ଇଂରେଜ ଅଧିକାରୀମାନେ ଦ୍ୱୀପ ଛାଡ଼ି ଚାଲିଯାଇଥିବାର ଖବର ସେମାନଙ୍କ ପାଖରେ ଥିଲେ ସୁଦ୍ଧା ଯେକୌଣସି ପ୍ରକାରର ପ୍ରତିରୋଧର ମୁକାବିଲା କରିବା ପାଇଁ ସେମାନେ ଥାଆନ୍ତି ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ । ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଲିଗ୍‌ର ଦୁଇଜଣ ସଦସ୍ୟ, ଶାହ ଓ ଚନ୍ଦ୍ରା ବି ସେମାନଙ୍କ ସହ ଆସିଥାନ୍ତି । ଏଇ ଦୁଇଜଣ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରମୁଖ ସହଯୋଗୀ ହୋଇଥିବାରୁ ଜାପାନୀମାନେ ସେମାନଙ୍କୁ ସାଙ୍ଗରେ ଆଣିଥାନ୍ତି ଯେମିତି ଦ୍ୱୀପପୁଞ୍ଜକୁ କବ୍‌ଜା କଲାବେଳେ ଲୋକେ ଭାବିବେ ଯେ ଭାରତୀୟଙ୍କୁ ଇଂରେଜଙ୍କ କବଳରୁ ରକ୍ଷା କରି ସ୍ୱାଧୀନତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହା ଜାପାନର ଏକ ସୁଚିନ୍ତିତ ପଦକ୍ଷେପ । ସୈନିକମାନେ ଚାରୋଟି ଦଳରେ ବିଭକ୍ତ ହୋଇ ଆଣ୍ଡାମାନର ଚାରୋଟି ମୁଖ୍ୟ ସ୍ଥାନରେ ଅତର୍କିତ ଆକ୍ରମଣ କରିବାର ଯୋଜନା କରିଥାନ୍ତି । ହେଲେ ସେମାନଙ୍କୁ କୌଣସି ପ୍ରକାରର ପ୍ରତିରୋଧର ସାମ୍ନା କରିବାକୁ ପଡ଼େନାହିଁ । ଦଳେ ମାର୍ଚ୍ଚିଂ କରି କରି ଏବରଡିନ୍ ବଜାରରେ ପହଞ୍ଚି ଯାଆନ୍ତି । ସ୍ଥାନୀୟ ବାସିନ୍ଦା ମାନେ ଆତଙ୍କିତ ଅବସ୍ଥାରେ ନିଜ ନିଜ ଘରର ଝରକା ତଥା କବାଟ ଫାଙ୍କରୁ ଜୁଳୁଜୁଳୁ ଆଖିରେ ଅନେଇ ରହିଥାନ୍ତି ଜାପାନୀ ସୈନ୍ୟମାନଙ୍କୁ । ସେମାନେ ଆଗକୁ ମାଡ଼ିଚାଲିବା ସହ ପ୍ରତି ଶହେ ଗଜ ଦୂରତ୍ୱରେ ଜଣେ ଲେଖା ସୈନିକ ଛିଡ଼ା କରେଇ ଦିଅନ୍ତି ସ୍ଥାନୀୟ ବାସିନ୍ଦାଙ୍କ ଗତିବିଧି ଉପରେ ନଜର ରଖିବା ତଥା କୌଣସି ଇଂରେଜ ଲୋକ ଦୃଷ୍ଟିରେ ପଡ଼ିଲେ ତାକୁ ଅବିଳମ୍ବେ ଗିରଫ୍ କରିବା ପାଇଁ । ପୋଲିସ୍ ବ୍ୟାରେକ୍‌କୁ ନିଜ କବ୍‌ଜାରେ ଆଣିବା ସହ ସେଠାରେ ଜାପାନୀଙ୍କର ଅସ୍ଥାୟୀ ମୁଖ୍ୟାଳୟ ସ୍ଥାପନ କରାଯାଏ । ଦ୍ୱୀପରେ ଅବସ୍ଥାପିତ ସମସ୍ତ ସୁରକ୍ଷାକର୍ମୀଙ୍କୁ ଆପଣା ବନ୍ଧୁକ ସହ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଏ । କେହି ସାମାନ୍ୟ ବିରୋଧ କରିବାକୁ ଚେଷ୍ଟାକଲେ ମୁହାଁମୁହିଁ ଗୁଳି କରିବାକୁ ଆଦେଶ ମିଳିଥାଏ ସେମାନଙ୍କୁ । ଯାଇ ନପାରି ରହିଯାଇଥିବା ଇଂରେଜ ଅଧିକାରୀମାନଙ୍କୁ ଚିଫ୍ କମିଶନର ସି. ଇ. ୱାଟରଫଲ୍‌ଙ୍କ ସରକାରୀ ବାସଭବନରେ ଏକତ୍ରୀତ ହେବାକୁ ହୁକୁମ୍ ଜାରି କରାଯାଏ । ସେଇ ଇଂରେଜମାନଙ୍କ ଭିତରୁ କେହି କେତେବେଳେ ସୁବିଧା ଦେଖି ଗୁପ୍ତଚର କାର୍ଯ୍ୟ କରିପାରେ ବୋଲି ସନ୍ଦେହ କରି ସେମାନଙ୍କୁ ଗିରଫ୍ କରି ପୋର୍ଟବ୍ଲେୟାରରୁ ଚାରି କି.ମି. ଦୂର ସମୁଦ୍ର ଭିତରେ ଥିବା ରସ୍ ନାମକ ଦ୍ୱୀପକୁ ସ୍ଥାନାନ୍ତରିତ କରି ସେଠାରେ ବନ୍ଦୀ ଭାବରେ ରଖାଯାଏ । ସେଠାରେ ସେମାନଙ୍କୁ ଘର ଓଳେଇବା, କପଡ଼ା କାଚିବା ଠାରୁ ରାସ୍ତାଘାଟର ମଇଳା ସଫା କରିବା ଭଳି କାମ କରିବାକୁ ବାଧ କରାଯାଏ । କେହି ସାହେବ୍ ସେଭଳି କାମ କରିବାକୁ ଅମଙ୍ଗ ହେଲେ ଚାବୁକ୍ ପ୍ରହାରରେ ତାଙ୍କ ପିଠି ଫଟାଇ ଦିଅନ୍ତି ଜାପାନୀମାନେ । ଅଧିକ ଯୁକ୍ତିତର୍କ କଲେ ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ଗୁଳି ମାରିଦିଆଯାଏ ।

ଦଳେ ଜାପାନୀ ସୈନିକ ଆଣ୍ଡାମାନର ଟେଲିଗ୍ରାଫ୍ କାର୍ଯ୍ୟାଳୟ କବ୍‌ଜା କରିବାକୁ ଆଗେଇ ଯାଆନ୍ତି । ତାହା ଥାଏ ମିଷ୍ଟର ଉଟି ନାମକ ଜଣେ ଇଂରେଜ୍‌ଙ୍କ ଦାୟିତ୍ୱରେ । ଆଣ୍ଡାମାନ ସହିତ ମୂଳ ଭାରତ ଭୂଖଣ୍ଡର ଯୋଗାଯୋଗ ରକ୍ଷା କରିବା ଉଦ୍ଦେଶ୍ୟରେ ପଳାୟନ ପରେ ମଧ୍ୟ ତାହାକୁ କାର୍ଯ୍ୟକ୍ଷମ ରଖିବାର ବ୍ୟବସ୍ଥା କରିଥାନ୍ତି ଇଂରେଜମାନେ । କିନ୍ତୁ ଜାପାନୀ ଆକ୍ରମଣର ସମ୍ଭାବନା ଥିବାରୁ ସେଠିକାର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥାଏ ଯେ ଯଦି ସେଭଳି କିଛି ଘଟେ ଆଉ ଜାପାନୀମାନେ ଟେଲିଗ୍ରାଫ୍ ଅଫିସ୍ ଉପରେ କବ୍‌ଜା କରିବାକୁ ଉଦ୍ୟମ କରନ୍ତି ତେବେ କୌଣସି ମତେ ତାହା ସେମାନଙ୍କ କବ୍‌ଜାକୁ ଯିବାକୁ ନଦେଇ ବୋମା ଫୁଟାଇ ନଷ୍ଟ କରିଦିଆଯିବ । ମିଷ୍ଟର ଉଟି ସେଇଦିଗରେ ଥାଆନ୍ତି ଖୁବ୍ ସଚେତନ । ବିଶ୍ୱସ୍ତ ସୂତ୍ରରୁ ଜାପାନୀମାନେ କାର୍ଯ୍ୟାଳୟ ଆଡ଼କୁ ମୁହାଁଉଥିବାର ଖବର ପାଇ ଆଉ କାଳ ବିଳମ୍ବ ନକରି ଟେଲିଗ୍ରାଫ୍ ମାଷ୍ଟର ପୂର୍ବନିର୍ଦ୍ଧାରିତ ଯୋଜନା ଅନୁସାରେ ବୋମା ଖଞ୍ଜି କାର୍ଯ୍ୟାଳୟରେ ବିସ୍ଫୋରଣ କରିଦିଅନ୍ତି । ସମଗ୍ର କାର୍ଯ୍ୟାଳୟଟି ନିମିଷକ ମଧ୍ୟରେ ପାଉଁଶରେ ପରିଣତ ହେବା ସହ ସାଉଥ୍ ପଏଣ୍ଟ୍‌ର କୋଠାଗୁଡ଼ିକ ଭୀଷଣ ଭାବେ ଥରିଉଠନ୍ତି । କୌଣସି ଠାରେ ବି ସାମାନ୍ୟ ପ୍ରତିରୋଧର ସାମ୍ନା କରି ନଥିବା ଜାପାନୀ ସୈନିକମାନେ ଇଂରେଜ୍‌ଙ୍କ ଏଭଳି କାର୍ଯ୍ୟ ଦେଖି ଭୀଷଣ ରାଗିଯାଆନ୍ତି । ଟେଲିଗ୍ରାଫ୍ ଅଫିସ୍‌ଟି କାର୍ଯ୍ୟକ୍ଷମ ଅବସ୍ଥାରେ ସେମାନଙ୍କ ଅଧିକାରକୁ ଆସିଥିଲେ ସେଠାରେ ଗଚ୍ଛିତ ଥିବା ଅନେକ ଗୁପ୍ତ ତଥ୍ୟ ହସ୍ତଗତ ହେବାରୁ ଆଣ୍ଡାମାନ ଅଧିଗ୍ରହଣ କାର୍ଯ୍ୟ ସେମାନଙ୍କ ପାଇଁ ଖୁବ୍ ସହଜ ହୋଇଯାଇଥାନ୍ତା । ସେମାନେ କାର୍ଯ୍ୟାଳୟ ଆଡ଼କୁ ମୁହାଁଇବା ମାତ୍ରେ ବୋମା ବିସ୍ଫୋରଣ ଘଟିବାର ଅର୍ଥ ହେଉଛି ଦ୍ୱୀପରେ ଏବେ ମଧ୍ୟ ଇଂରେଜଙ୍କ ଉପସ୍ଥିତି । ସେମାନେ ଧ୍ୱସ୍ତ କାର୍ଯ୍ୟାଳୟ ପାଖାପାଖି ପ୍ରତ୍ୟେକ ସ୍ଥାନ ତନ୍ନ ତନ୍ନ କରି ଦରାଣ୍ଡିବାକୁ ଲାଗନ୍ତି । ଲୁଚି ପଳାଇଯିବାକୁ ଉଦ୍ୟମ କଲାବେଳେ ଧରା ପଡ଼ିଯାଆନ୍ତି ମିଷ୍ଟର ଉଟି । ତାଙ୍କୁ ବିଚ୍ ରାସ୍ତା ଉପରେ ସମସ୍ତଙ୍କ ସମ୍ମୁଖରେ ନିର୍ମମ ଭାବରେ ଟିକ୍ ଟିକ୍ କରି ହାଣି ଦିଆଯାଏ । ଅନ୍ୟ ଇଂରେଜ ଟେଲିଗ୍ରାଫିଷ୍ଟମାନଙ୍କୁ ଗିରଫ୍ କରି ରସ୍ ଦ୍ୱୀପକୁ ପଠାଇ ଦିଆଯାଏ ।

ଆଉ ଦଳେ ଜାପାନୀ ସୈନିକ ସେଲ୍ୟୁଲାର ଜେଲ୍ ଉପରେ କବ୍‌ଜା କରିବା ପାଇଁ ଆଗକୁ ବଢ଼ନ୍ତି । ସମୟ ସେତେବେଳକୁ ଭୋର ଚାରିଟା । ଲକ୍ଷ୍ମଣ ସିଂହ ମୁଖ୍ୟ ଗେଟ୍‌ରେ ଡ୍ୟୁଟିରେ ଥାଆନ୍ତି । କାନଫଟା ବିସ୍ଫୋରଣ ଶବ୍ଦ ଶୁଣି ସେ ଭାବନ୍ତି ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ଟେଲିଗ୍ରାଫ୍ ଅଫିସ୍ ଉଡ଼ାଇ ଦିଆଯାଇଥିବ ବୋଲି । ଜେଲ୍ ନିକଟବର୍ତ୍ତୀ ପାହାଡ଼ ଉପରେ ବଙ୍ଗଳାରେ ରହୁଥିବା ଜେଲର୍ ଦିଲାନୀ ସାହେବ୍ ଓ ଚିଫ୍ ମେଡିକାଲ ଅଫିସର୍ ଡାକ୍ତର ଟାଡ୍ ଛାନିଆଁରେ ନିଦରୁ ଉଠି ବାହାରକୁ ବାହାରି ଆସନ୍ତି ଘଟଣା କ'ଣ ଜାଣିବା ପାଇଁ । ଜେଲ୍‌ରେ କାମ କରୁଥିବା ଜଣେ ମାଳି, ଜଣେ କମ୍ପାଉଣ୍ଡର ଆଉ ଜଣେ ରୋଷେଇୟା ଗେଟ୍ ପାଖକୁ ଆସି ଲକ୍ଷ୍ମଣ ସିଂହଙ୍କୁ ପଚାରନ୍ତି କ'ଣ ହୋଇଛି ବୋଲି । ସେମାନେ ବିସ୍ଫୋରଣ ବିଷୟରେ କଥା ହେଲାବେଳେ ଜାପାନୀ ସୈନିକମାନେ ହଠାତ୍ ପହଞ୍ଚିଯାଇ ଏମାନଙ୍କ ଛାତିଉପରେ ବନ୍ଧୁକ ରଖି ଚୁପ୍‌ଚାପ୍ ଜେଲ୍‌ର ଗେଟ୍ ଖୋଲିବାକୁ ଆଦେଶ ଦିଅନ୍ତି । ସେଠାରେ ଉପସ୍ଥିତ ଅନ୍ୟମାନେ ଖାଲିହାତରେ ଥିବାବେଳେ କେବଳ ବନ୍ଧୁକ ଥାଏ ଲକ୍ଷ୍ମଣ ସିଂହଙ୍କ ପାଖରେ । ତେଣୁ ସେ ହିଁ ଥାଆନ୍ତି ଜାପାନୀଙ୍କ ସନ୍ଦେହ ଘେରରେ । ତାଙ୍କ ଆଦେଶ ପାଳନରେ ବିଳମ୍ବ ହେଉଥିବା ଦେଖି ଜଣେ ତା' ବନ୍ଧୁକ ଅଗରେ ଥିବା ସଂଗୀନ୍‌କୁ ଲକ୍ଷ୍ମଣ ସିଂହଙ୍କ ପେଟରେ ଖେଞ୍ଚିଦିଏ । ଭାଗ୍ୟକୁ ତାହା ତାଙ୍କ ଚମଡ଼ା ବେଲ୍ଟରେ ପ୍ରଥମେ ବାଜି ତା ପରେ ପେଟରେ ଆଘାତ କରିବାରୁ ଅଳ୍ପ କ୍ଷତ ସୃଷ୍ଟିକରେ । ଜେଲର୍ ଦିଲାନୀ ସାହେବ୍ ଗେଟ୍ ଖୋଲିବାକୁ ଇଙ୍ଗିତ ଦେବାରୁ ଲକ୍ଷ୍ମଣ ସିଂହ ଗେଟ୍ ଖୋଲି ଦିଅନ୍ତି । ସେଠାରେ ଉପସ୍ଥିତ ସମସ୍ତକର୍ମଚାରୀଙ୍କୁ ବନ୍ଦୀକରି ପୋଲିସ୍ ବ୍ୟାରେକ୍‌କୁ ନିଆଯାଏ । ସେଲ୍ୟୁଲାର ଜେଲ୍‌ରେ ଥିବା ସମସ୍ତ କଏଦୀଙ୍କୁ ଜାପାନୀମାନେ ମୁକ୍ତ କରି ଯାହାର ଯୁଆଡ଼େ ଇଚ୍ଛା ଯାଇପାର ବୋଲି ଆଦେଶ ଦିଅନ୍ତି ।

ଏଇଭଳି ଭାବରେ ଆଣ୍ଡାମାନରେ ପହଞ୍ଚିବାର ମାତ୍ର ୧୨ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଦ୍ୱୀପଟି ଜାପାନୀଙ୍କ କବ୍‌ଜାକୁ ଆସିଯାଏ । ସାମାନ୍ୟ ପ୍ରତିରୋଧ ମଧ୍ୟ ସେମାନଙ୍କ ସାମ୍ନା କରିବାକୁ ପଡ଼େନି । ମାନବ ଜାତିର ଇତିହାସରେ ଏଭଳି ଅଧିଗ୍ରହଣ ନିଶ୍ଚିତ ଭାବରେ ବିରଳ । ସ୍ଥାନୀୟ ଅଧିବାସୀମାନେ ଇଂରେଜଙ୍କ ଦମନଲୀଳାରୁ ମୁକ୍ତି ଚାହୁଁଥିବାରୁ ଜାପାନୀଙ୍କ ଅଧିଗ୍ରହଣକୁ ନିରବ ସମର୍ଥନ ତଥା ସ୍ୱାଗତ ଜଣାଉଥାନ୍ତି । ମାର୍ଚ୍ଚ ୨୩ ତାରିଖ ସକାଳୁ କିଛି ସାହସୀ ଲୋକ ଭୟ, ଚିନ୍ତା ତଥା ପ୍ରସନ୍ନତାର ଏକ ମିଶ୍ରିତ ଭାବନା ସହ ଘରୁ ବାହାରି ରାସ୍ତାରେ ଏକତ୍ରିତ ହୁଅନ୍ତି । ଯୁବକମାନେ ଏଇ ଅଧିଗ୍ରହଣରେ ଅଧିକ ଉତ୍ସାହିତ ଜଣାପଡୁଥାନ୍ତି । ଏହା ବିଦେଶୀ ଗୋରାଙ୍କ ଠାରୁ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାବଚ୍ଛ ବୋଲି ସେମାନେ ଭାବୁଥାନ୍ତି । ତ୍ରାଣକର୍ତ୍ତା ଜାପାନୀଙ୍କ ଦ୍ୱାରା ବାହାରେ କ'ଣ ସବୁ ଆୟୋଜନ କରାହେଉଛି ତାହା ଦେଖିବା ପାଇଁ ସେମାନେ ଦଳ ଦଳ ହୋଇ ବାହାରନ୍ତି । ସେତେବେଳକୁ ଜଣେ ପଞ୍ଜାବୀ ଯୁଦ୍ଧବନ୍ଦୀ ଓଜନିଆ ବୋଝ ମୁଣ୍ଡରେ ବୋହି ଯାଉଥିବାର ସେମାନଙ୍କ ଆଖିରେ ପଡ଼େ । ଗତ ସନ୍ଧ୍ୟା ପର୍ଯ୍ୟନ୍ତ ଯିଏ ଖାକୀ ପୋଷାକ ପିନ୍ଧି ସେମାନଙ୍କ ଉପରେ ହାକିମାତି ଦେଖାଉଥିଲା ସେ ଏବେ ଜାପାନୀଙ୍କ ଆଦେଶ ପାଳନ କରିବାକୁ ଯାଇ ଜଣେ ମୋଟିଆ ଭାବେ ଧଇଁସଇଁ ହୋଇ ଆଗକୁ ଧପାଲିଛି ମୁଣ୍ଡରେ ଓଜନିଆଁ ବୋଝ ମୁଣ୍ଡେଇ । ସେମାନେ ତାକୁ ଦେଖି ସାମାନ୍ୟ ଟିକିଏ ହସି ଦେବାରୁ ଅସହାୟ ଯୁଦ୍ଧବନ୍ଦୀ ଜଣକ ଦଣ୍ଡେ ଠିଆହୋଇ ମୁହଁରୁ ଝାଳ ପୋଛିବା ବେଳେ କହେ, "ତୁମେମାନେ ଯାହା ଦେଖୁଛ ତାହାର ପରିଣତି ଭାରି ଭୟାନକ । ଏବେ ଆମର ପାଳି ପଡ଼ିଛି ଆଉ ଟିକକୁ ତୁମ ପାଳି ଆସିବ । ତୁମ ଘରେ କିଛି ବି ଛଡ଼ା ଯିବନି । ବୁଲାବୁଲିରେ ସମୟ ନଷ୍ଟ ନକରି ଫେରିଯାଇ ଘର ତଥା ପରିବାରର ସୁରକ୍ଷା ବ୍ୟବସ୍ଥାରେ ଲାଗିବା ସହ ଭଗବାନଙ୍କୁ ସୁମରଣା କର ।" ଯୁବକମାନେ ତା' କଥାକୁ ସେତେ ଗୁରୁତ୍ୱ ନଦେଉଥିବା ଦେଖି "ୱାହେଗୁରୁ ତୁମମାନଙ୍କର ମଙ୍ଗଳ କରନ୍ତୁ" କହି ପଞ୍ଜାବୀ ଜଣକ ଆଗକୁ ବଢ଼ିଯାଏ । ତା କହିଥିବା କଥା ଯେ ଆଗାମୀ ସମୟର ଭବିଷ୍ୟବାଣୀ ଥିଲା ତାହା ମାତ୍ର କେଇଘଣ୍ଟା ଭିତରେ ବେଶ୍ ବୁଝିପାରନ୍ତି ଦ୍ୱୀପର ଅଧିବାସୀମାନେ ..... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୨ ଅକ୍ଟୋବର, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ସାମ୍ପ୍ରତିକୀ

# ଦୀପ ତଳ ଅନ୍ଧାର



## ସୁବ୍ରତ ପଟ୍ଟନାୟକ

ଜଣେ ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଆମେ ଉପସ୍ଥିତ ଥିଲୁ। ସଭାଟି ହୋଇଥିଲା କେନ୍ଦୁଝର ଜିଲ୍ଲା ଶାସଙ୍ଗ ହାଇସ୍କୁଲରେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପାତ୍ରଙ୍କୁ ଦିଆଯାଉଥିଲା ସମ୍ବର୍ଦ୍ଧନା। ଅନେକ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ସୁରେନ୍ଦ୍ର ସାରଙ୍କ ସରଳ, ନିରାଡ଼ମ୍ବର ଓ କର୍ତ୍ତବ୍ୟନିଷ୍ଠା ବାବଦରେ ନିଜର ଅନୁଭୂତି ବଖାଣିଲେ। ଭକ୍ତିରେ ଆମ ମୁଣ୍ଡ ଛାଁକୁ ଛାଁ ନଇଁଗଲା। ସଭାରେ ସଭାପତିତ୍ୱ କରିଥିଲେ ହାଟଡିହି ବ୍ଲକ ଶିକ୍ଷାଧିକାରୀ, ବିଇଓ ଅଭୟ ବେହେରା। ଭାଷଣ ପ୍ରସଙ୍ଗରେ ସେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାଧୁ, ସଚ୍ଚୋଟ ହେବାକୁ ମୂଲ୍ୟବାନ ପରାମର୍ଶ ଦେଲେ। ତାଙ୍କ କଥାରେ ମହୁ ଝରିଲା। ଆମେ ମୁଗ୍ଧ ହେଲୁ।

ଉପରୋକ୍ତ ପ୍ରସଙ୍ଗ ଏଇଠି ଅଟକୁ। ଆମେ ଟିକିଏ କଥାର ମୋଡ ବଦଳାଉଛୁ। ହାଟଡିହି ବ୍ଲକର ଶିକ୍ଷା ବ୍ୟବସ୍ଥା ଉପରେ ଏବେ ଆଲୋଚନା ଆରମ୍ଭ କରିବା। ପ୍ରଥମେ ପ୍ରାଥମିକ ବିଦ୍ୟାଳୟ କଥା ଆଲୋଚନାକୁ ଆସୁ। କେନ୍ଦୁଝର ଜିଲ୍ଲାରେ ମୋଟ ବ୍ଲକ ସଂଖ୍ୟା ୧୩। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାଶ ଘୋଷଣା କରିଛନ୍ତି- ପ୍ରତି ପ୍ରାଥମିକ ବିଦ୍ୟାଳୟରେ ଅତି କମରେ ଦୁଇଜଣ ଶିକ୍ଷକ ରହିବେ। ମାତ୍ର, କେନ୍ଦୁଝର ଜିଲ୍ଲାରେ ୩୮୦ଟି ପ୍ରାଥମିକ ବିଦ୍ୟାଳୟରେ ଅଛନ୍ତି ଜଣେ ଲେଖାଁଏ ଶିକ୍ଷକ। ହାଟଡିହି ବ୍ଲକରେ ଏହି ଧରଣର ବିଦ୍ୟାଳୟର ସଂଖ୍ୟା ୧୬। କୌତୁହଳର ବିଷୟ, ଏହି ବ୍ଲକର ୨୨ଟି ବିଦ୍ୟାଳୟରେ ଆବଶ୍ୟକତାଠୁ ଅଧିକ ଶିକ୍ଷକ ବର୍ଷ ବର୍ଷ ଧରି ରହିଛନ୍ତି। ଖାତାପତ୍ରରେ ଗୋଟିଏ ବିଦ୍ୟାଳୟରେ ନିଯୁକ୍ତି ଦେଇ, ଡେପୁଟେସନରେ ମନ ପସନ୍ଦ ସ୍କୁଲରେ ରଖାଯାଉଛି। ଏଭଳି କାରବାର ପଛରେ ମୋଟା ଅଙ୍କର ଅର୍ଥ କାରବାର ହେଉଥିବା ଶୁଣିବାକୁ ମିଳୁଛି। ଏହାର କାରଣ ଜାଣିବାକୁ ଏହି ମୁକ୍ତବୃତ୍ତ ସ୍ତମ୍ଭକାର କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ, ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସହିତ ଟେଲିଫୋନରେ ଯୋଗାଯୋଗ କରିଥିଲେ। ମାତ୍ର ପ୍ରତିଥର ସେ ଆମ ଫୋନକୁ ଅଣଦେଖା କଲେ। ତାଙ୍କଠୁ କୌଣସି ଉତ୍ତର ନପାଇ ଆପେ ନିରାଶ ହେଲୁ। ପରେ ଆମେ ହାଟଡିହି ବିଇଓ ଅଭୟ ବେହେରାଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କଲୁ। ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ରହିଲା। ତାଙ୍କ ଅଫିସରେ ନିଯୁକ୍ତ ଜଣେ ଏବିଇଓ ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ କହିଲେ- ଅଭୟ ସାର୍ ଘଟଗାଁ ବ୍ଲକରେ ଜଣେ ଶିକ୍ଷକଙ୍କଠାରୁ ୧୦ ହଜାର ଟଙ୍କା ଲାଂଚ ନେବାବେଳେ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଏଠାରେ ସୂଚନାଯୋଗ୍ୟ, ଅଭୟଙ୍କୁ ଘଟଗାଁ ବିଇଓ ସହିତ ହାଟଡିହିର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆମେ ଆଶ୍ଚର୍ଯ୍ୟ ହେଲୁ, ସେଦିନ ସଭାରେ ଯେଉଁ ଅଭୟଙ୍କ କଥାରୁ ମହୁ ଝରୁଥିଲା, ତାଙ୍କ ଆଚରଣ କିଭଳି ଓଲଟିଗଲା। ଲାଂଚ କାରବାରରେ ଅଭୟ ଏକୁଟିଆ ଭାଗୀଦାର ନା ଅନ୍ୟ ଉଚ୍ଚ ଅଧିକାରୀ ଭାଗୁଆଳୀ, ତାହା ଆମେ ଜାଣୁନାହୁଁ। ଅଭୟଙ୍କ କେତେକ ଅନୁଗତ ଆମକୁ କହୁଛନ୍ତି- ଅଭୟ ସାର୍ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଷଡ଼ଯନ୍ତ୍ର କରି ତାଙ୍କୁ ଫସାଯାଇଛି। କିଏ ଠିକ୍ କହୁଛନ୍ତି, ତଦନ୍ତରୁ ସତ୍ୟାସତ୍ୟ ଜଣାପଡ଼ିବ।

କେନ୍ଦୁଝର ଜିଲ୍ଲାରେ ଅନେକ ବିଇଓ ପଦ ଫାଙ୍କା ପଡ଼ିଛି। ଭାରପ୍ରାପ୍ତ ଅଧିକାରୀଙ୍କ ସହାୟତାରେ କାମ ତୁଲାଯାଉଛି। ଘରର ମୁରବି ନଥିଲେ ଅବସ୍ଥା ଯାହ, ହାଟଡିହି ବିଇଓ ଅଫିସର ଅବସ୍ଥା ସେୟା। ବଟି ନଦେଲେ ଫାଇଲ ଗଡୁନାହିଁ। ଏହି ଅଫିସରେ ସୁରଥ କୁମାର ସାହୁ ୨୦୨୧ ମସିହା ଅଗଷ୍ଟ ମାସ ବିଇଓ ପଦରୁ ଅବସର ନେଲେ। ତାଙ୍କ ପରେ ଅଭୟଙ୍କୁ ଘଟଗାଁ ସହିତ ହାଟଡିହିର ବିଇଓ ଦାୟିତ୍ୱ ଦିଆଯାଇଥିଲା। ତାଙ୍କ ଗୁଣ ଗାରିମା ତ ଆମେ ଶୁଣିଲେ। ଏବେ ହାଟଡିହି ବିଇଓ ଭାବେ ଦୁଃଶାସନ ସିଂଙ୍କୁ ନୂଆକରି ଦାୟିତ୍ୱ ଦିଆଯାଇଛି। କେନ୍ଦୁଝର ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀ ଢୋଲ ପିଟୁଛନ୍ତି, ସବୁ କାମ ସେ ସୁରୁଖୁରୁରେ ତୁଲାଉଛନ୍ତି। ଦୁଃଶାସନଙ୍କ ପାରିବା ପଣିଆ ଉପରେ ଆମର ତିଳେମାତ୍ର ସନ୍ଦେହ ନାହିଁ। ମାତ୍ର, ତାଙ୍କ ମୁଣ୍ଡରେ ଆଉ ଯେଉଁ ବୋଝଗୁଡ଼ିକ ଲଦା ଯାଇଛି, ତାହା ଟିକେ ବଖାଣିବା। ସେ ବର୍ତ୍ତମାନ ଝୁମ୍ପୁରା ବ୍ଲକ ବିଇଓ ଅଛନ୍ତି। ଏହି ବ୍ଲକ ସହିତ ତାଙ୍କୁ ତେଲକୋଇ ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତାପରେ ପୁଣି ହାଟଡିହି ପାଳି। ହାଟଡିହିରୁ ଝୁମ୍ପୁରା ଓ ତେଲକୋଇର ଦୂରତା ଯଥାକ୍ରମେ ୧୩୦ ଓ ୧୫୦ କିଲୋମିଟର। କୌଣସି କରିତ୍କର୍ମା ବ୍ୟକ୍ତି ପକ୍ଷରେ ଏକକାଳୀନ ତିନୋଟି ବିଇଓ ଅଫିସ ଦାୟିତ୍ୱ ତୁଲାଇବା ସମ୍ଭବ କି ? ସ୍କୁଲ ପରିଦର୍ଶନ କରିବା ତ ସାତ ସପନ। ଶିକ୍ଷକଙ୍କ ଦରମା ବିଲରେ ଦସ୍ତଖତ କରିବାକୁ ତାଙ୍କୁ ସମୟ ମିଳିବ କି ନା ସନ୍ଦେହ। ବର୍ଷ ବର୍ଷ ଧରି ହାଟଡିହି ବିଇଓ ଅଫିସଟିକୁ 'ସାବତ ପୁଅ' କରି ରଖାଯିବାର କାରଣ କଣ, ଆମେ ବୁଝିପାରୁନୁ।

ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଜୀବନବ୍ୟାପୀ ସାଧନା' ପୁରସ୍କାର ପାଇଛନ୍ତି। ନିମାପଡ଼ାର ବରିଷ୍ଠ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଜଣେ ଉଚ୍ଚ ଡିଗ୍ରୀଧାରୀ ବ୍ୟକ୍ତି। ମୁଖ୍ୟ ଶାସନ ସଚିବ ପଦରେ ଅଛନ୍ତି ଆଇଏଏସ୍ ସୁରେଶ ଚନ୍ଦ୍ର ମହାପାତ୍ର। ସେ ଆନନ୍ଦପୁରର ବରପୁତ୍ର, ଏ ମାଟିର ମୂଳ ବାସୀନ୍ଦା। ଏସବୁ ଆମମାନଙ୍କ ପାଇଁ ଗର୍ବ ଓ ଗୌରବର କଥା। ସେମାନେ ଚାହିଁଲେ, ସପ୍ତାହକରେ କାମ ହେବ। ଦୁର୍ଭାଗ୍ୟର କଥା- ଆମକୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଆମେ ସବୁବେଳେ, ସବୁକାଳେ ଦୀପତଳ ଅନ୍ଧାରରେ। ଆମ ଗୁହାରି ଶୁଣିବାକୁ କେହିନାହିଁ। କେବଳ ପ୍ରଭୁ ଜଗନ୍ନାଥ ହିଁ ଆମର ସାହା ଭରସା।

♥ ଓରାଳି, କେନ୍ଦୁଝର, (ମୋ) ୯୯୩୭୭୯୧୨୪୪

ଗାନ୍ଧୀ ଜୟନ୍ତୀ

# ଗାନ୍ଧୀ ଓ ଅହିଂସା

## ବିପିନ ବିହାରୀ ମହାନ୍ତି

'ଅହିଂସା' (ନୀଵଅ-ହିଂସା) ଅର୍ଥ ହିଂସା ନକରିବା, କାହାପ୍ରତି ବଳ ପ୍ରୟୋଗରୁ ବିରତ ହେବା, ଶାନ୍ତ ଏବଂ ବ୍ୟାପକ ଅର୍ଥରେ ଜୀବପ୍ରତି ଦୟା କରିବା ଓ ତାଙ୍କୁ ହତ୍ୟା ନ କରିବାକୁ ବୁଝାଏ । ଏଣୁ ଅହିଂସାକୁ ନିଜର କରିଥିବା ବ୍ୟକ୍ତିଟି ନିଶ୍ଚିତଭାବରେ ଜଣେ ଉଦାର, ଶାନ୍ତ ଦୟାର୍ଦ୍ର ଓ କରୁଣାର ବ୍ୟକ୍ତି । ସେ କୌଣସି କାର୍ଯ୍ୟ ହାସଲ ପାଇଁ ହିଂସା ନ ଆଚରି ଅହିଂସାର ରାସ୍ତାକୁ ଅନୁସରଣ କରୁଥିବ । ଯାବତୀୟ ଝଡ଼ଝଞ୍ଜା, ବାଧା, ଘାତ ପ୍ରତିଘାତ ଓ ବିରୋଧ ସତ୍ତ୍ୱେ ସେ କେବଳ ଅହିଂସା ଦ୍ୱାରା ତା'ର ସମାଧାନ ପାଇଁ ଚେଷ୍ଟିତ ଥିବ । ଏମିତି ଜଣେ ବ୍ୟକ୍ତି ଥିଲେ ମହାତ୍ମାଗାନ୍ଧୀ ଯାହାଙ୍କର ଜୀବନର ବ୍ରତଥିଲା ସତ୍ୟ ଓ ଅହିଂସା ଏବଂ ତାହାରି ପ୍ରୟୋଗରେ ସେ ଜିତୁଥିଲେ ଗଡ଼; କରିଛନ୍ତି ଏ ପରାଧୀନ ଭାରତ ଭୂଖଣ୍ଡକୁ ସ୍ୱାଧୀନ । ସେ ଜାତିର ନୂତନ ଜନ୍ମଦାତା ପିତା । ଜାତିରପିତା ।

ଗାନ୍ଧୀଙ୍କ ମତରେ ସବୁ ସମସ୍ୟାର ସମାଧାନ ଏବଂ ବିଶ୍ୱମୁକ୍ତି କେବଳ ଅହିଂସା ଦ୍ୱାରା ସମ୍ଭବ । ଅହିଂସା ଏକ ସୃଜନକାରୀ ଶକ୍ତି ଅଥଚ ହିଂସା ସବୁକିଛି ଜାଳିପୋଡ଼ି ଥୋଇଦେବ । ଗାନ୍ଧୀଙ୍କ ମତରେ, "ଅହିଂସାରେ କନ୍ଦଳଛିଡ଼ିବ ନାହିଁ । ଶେଷକୁ ମଣିଷ ସମାଜ ଶେଷ ହୋଇଯିବ ।" ତେବେ ଅହିଂସାର ପଥବଡ଼ କଠିନ, କଣ୍ଟକିତ । ଏହାକୁ ଆଧାର କରି ଚାଲିବା ବଡ଼ କଷ୍ଟ । ଏ ନେଇ ଗାନ୍ଧୀ ଯଥାର୍ଥରେ କହିଛନ୍ତି, "ଅହିଂସାର ମାର୍ଗ ତରବାରୀର ଧାର ଭଳି । ଟିକେ ଭୁଲ ହେବା ମାତ୍ରେହିଁ ତଳକୁ ଖସିବ । ଘୋର ଅନ୍ୟାୟକାରୀ ଉପରେ ବି କ୍ରୋଧ କରନାହିଁ, ତାକୁ ପ୍ରେମକର, ତାହାର ମଙ୍ଗଳ କାମନା କର ଓ ମଙ୍ଗଳ କର । କିନ୍ତୁ ପ୍ରେମ କଲେ ମଧ୍ୟ ଅନ୍ୟାୟର ବଶୀଭୂତ ହୁଅନାହିଁ । ଅନ୍ୟାୟର ବିରୋଧ କର ଏବଂ ଏଭଳି କଲେ ତାହା ଯେଉଁ କଷ୍ଟ ଦେବ, ତାକୁ ଧୈର୍ଯ୍ୟ ସହିତ ସହ୍ୟକର ।"

ଗାନ୍ଧୀ ମାର୍ଚ୍ଚ ୨୫, ୧୯୩୮ରେ ପୁରୀ ଜିଲ୍ଲାର ବେରବୋଇଠାରେ ଗାନ୍ଧୀସେବାସଂଘର ପ୍ରାରମ୍ଭିକ ଭାଷଣରେ ଅହିଂସା ନେଇ କହିଥିଲେ, "ଅହିଂସାର ବାଟ କ୍ଷୁରଧାର ଭଳି । ଆମର ପ୍ରତିଦିନ ତାର ଅଭ୍ୟାସ କରିବା ବଡ଼କଥା । ଠିକ୍ ଠିକ୍ ଖାଉଥିଲେ, ଖାଦ୍ୟଦେହକୁ ବଂଚାଇ ରଖେ । ସେମିତି ଅହିଂସାକୁ ଠିକ୍ ଠିକ୍ ଅଭ୍ୟାସକଲେ, ଆତ୍ମାକୁ ବଂଚେଇ ରଖେ । ଦେହ ପାଇଁ ଖାଦ୍ୟକୁ ନିର୍ଦ୍ଧାର୍ଯ୍ୟ ସମୟରେ ଓ ପରିମାଣରେ ଖାଇବାକୁ ହୁଏ, କିନ୍ତୁ ଅହିଂସା ଆତ୍ମାର ଖାଦ୍ୟ, ତାକୁ ସବୁବେଳେ ଖାଇବାର କଥା । ସେଥିରେ ପେଟ ପୂରିବାର କୌଣସି ପ୍ରଶ୍ନ ନାହିଁ । ଯେଉଁ ଲକ୍ଷ୍ୟକୁ ମୁଁ ଅନୁସରଣ କରୁଛି, ତାହାର ଜ୍ଞାନ ମୋର ପ୍ରତି ମୁହୂର୍ତ୍ତରେ ଥିବା ଆବଶ୍ୟକ ଏବଂ ସେହି ଲକ୍ଷ୍ୟ ଦୃଷ୍ଟିରେ ଆପଣଙ୍କୁ ବାରମ୍ବାର ପରୀକ୍ଷା କରିବା ଉଚିତ୍ ।"

ସେ ପୁଣି କହିଥିଲେ, "ଅହିଂସାର ପ୍ରଥମ ସୋପାନ - ଆମେ ଆପଣା ଆପଣା ଭିତରେ ଦୈନନ୍ଦିନ ଜୀବନରେ ସତକହିବା; ସହିଷ୍ଣୁ ହେବା; ବିନୟ, ପ୍ରେମ ଓ ଦୟାର ସହିତ ଆଚରଣ କରିବା । ଇଂରାଜିରେ କହନ୍ତି, "ସାଧୁତା ସବୁଠାରୁ ଭଲ କୌଶଳ, କିନ୍ତୁ ଅହିଂସା ଦୃଷ୍ଟିରେ ସାଧୁତା କେବଳ କୌଶଳ ନୁହେଁ; କୌଶଳ ବି ବଦଳିଲାପାରେ, ବଦଳିବି ଯାଏ । କିନ୍ତୁ ଅହିଂସାତ ଏକ ନୀତି, ଏକ ଧର୍ମ, ତହା ବଦଳେ ନାହିଁ । ତାହା ଅଟଳ । ତମର ଚାରିଆଡ଼େ ହିଂସା ଜଳୁଥିଲେ ମଧ୍ୟ ଅହିଂସାକୁ ପାଳିବାକୁ ପଡ଼ିଥାଏ । ଅହିଂସା ଲୋକସଂଗେ ଅହିଂସା ଆଚରିବାରେ ବାହାଦୂରୀ ନାହିଁ । ବରଂ ସେତେବେଳେ ତାହା ଅହିଂସାକି ନୁହେଁ, ତାହା କହିବା କଠିନ ହୋଇଥାଏ; କିନ୍ତୁ ଅହିଂସା ଯେତେବେଳ ହିଂସାର ମୁହଁ ମୁହିଁ ହୁଏ, ସେତେବେଳେ ଦୁହେଁଯାକ ବାରି ହୋଇ ପଡ଼ନ୍ତି । ଆମେ ସବୁବେଳେ ସଚେତନ ନଥିଲେ, ସବୁବେଳେ ସତର୍କ ନଥିଲେ, ସବୁବେଳେ ସଚେଷ୍ଟା ନଥିଲେ, ସେତକ କରିପାରିବା ନାହିଁ ।"

ଅହିଂସାର ପ୍ରକାର ଭେଦରେ ସେ ଏହାକୁ ଦୁଇଭାଗ କରିଛନ୍ତି: ସବଳ ଓ ଦୁର୍ବଳ ଅହିଂସା । ତାଙ୍କ ମତରେ, "ଆମ ଅହିଂସା ସବଳର ଅହିଂସା ହେବା ଉଚିତ୍ । ଏହା ଦୁର୍ବଳ ହସ୍ତରେ ଢେର କାମ ଦେବ, ଏଥିରେ ସନ୍ଦେହ ନାହିଁ। .. କିନ୍ତୁ ତାହା ଯେତେବେଳେ ଆମଦୁର୍ବଳତାକୁ ଘୋଡ଼ାଇବାର ଆବରଣ ହୋଇଥାଏ, ସେତେବେଳେ ତାହା ଆମକୁ ଦୁର୍ବଳ କରିପକାଏ । ଏଭଳି ଦୁର୍ବଳତାଠାରୁ ଶରୀର ବଳ ପ୍ରୟୋଗ ସାହସ ଢେର ଭଲ । ଲଢୁଲଢୁ ମରିଯବା ଡରିଡରି ମରିବାଠାରୁ ଢେରଭଲ ।

▶▶ପୃଷ୍ଠା -୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସ୍ମୃ ତି ଶ ତ ଦ ଳ ୨୫୯

# ଘର ଗଢ଼ିବାର ସ୍ୱପ୍ନ



## ଡା. ସରୋଜିନୀ ଷଡଙ୍ଗୀ

♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

କବିଟିଏ କଳ୍ପନାରେ ହିଁ ଜୀଇଁଥାଏ । ସ୍ୱପ୍ନରେ ତିଆରି କରିଥାଏ ନିଜ ଘର । ସେ ଘରର କାନ୍ଥରେ ଲଗାଇଥାଏ ଭଲ ପାଇବାର ଇଟା ଓ ସିମେଣ୍ଟ ଏବଂ କବାଟରେ ଝୁଲାଇଥାଏ ପ୍ରୀତିର ପରଦା କିନ୍ତୁ ଯେତେବେଳେ ସ୍ୱପ୍ନ ଭାଙ୍ଗିଯାଏ ଏବଂ ସେ ଧରାବତରଣ କରି ଏ ପୃଥିବୀକୁ ପୁଣିଥରେ ଫେରିଆସେ, ସେ ସାମ୍ନା କରିଥାଏ ପୃଥିବୀର ଯାବତୀୟ ରୁକ୍ଷତାକୁ । ବାସ୍ତବ ଜୀବନ ଯେ କେତେ କଠୋର ଏବଂ କଳ୍ପନା ରାଜ୍ୟରୁ କୋଶ କୋଶ ଦୂର ସେ କଥା ବୁଝିବା ବେଳକୁ ସମୟ ଅତିକ୍ରାନ୍ତ ହୋଇଯାଇଥାଏ ।

ନିଜ ମନ ମୁତାବକ ଘରଟିଏ ତିଆରି କରିବା ପାଇଁ ଅନେକେ ଜୀବନର ଆରମ୍ଭରୁ ହିଁ ସ୍ୱପ୍ନ ଦେଖିଥାନ୍ତି । ସେମିତି ଘରକରଣା ସହ ସାନସାନ ପିଲାଙ୍କୁ ପାଠପଢେଇବା ଓ ଲେଖାଲେଖି କରିବା ପରେ ବୋଉର ଆଉ ଗୋଟିଏ ସବୁଜ ସ୍ୱପ୍ନ ଥିଲା ତାହା ହେଉଛି ଏକ ସୁନ୍ଦର ଘରର ନକ୍‌ସାରେ ଘର ତିଆରି କରି ସେ ସ୍ୱପ୍ନର ମହଲରେ ରହିବାର ପ୍ରବଳ ଇଚ୍ଛା । ରାଜ ଉଆସ ନୁହେଁ ବା' ତ୍ରିତଳ ପ୍ରାସାଦ ନୁହେଁ, କେବଳ ସଂପୂର୍ଣ୍ଣ ପ୍ରାକୃତିକ ପରିବେଶରେ ତିଆରି ହୋଇଥିବା ଛୋଟ କିନ୍ତୁ ସୁନ୍ଦର ଘରଟିଏ । ସେ ଘର ପାଖରେ ଥିବ ପୋଖରୀଟିଏ ଯେଉଁଥିରେ ଥିବ କାଚକେନ୍ଦୁ ପରି ପାଣି ଆଉ କିଛି ଫୁଟନ୍ତା କଇଁଫୁଲ । କୁନି କୁନି ମାଛମାନେ ସେ ପାଣିରେ ଖେଳି ବୁଲୁଥିବେ । ପୋଖରୀ ହୁଡାରେ ଲାଗିଥିବା ଧାଡିକି ଧାଡି ନଡିଆଗଛ ନିଜର ସୁନ୍ଦର ମୁହଁର ପ୍ରତିଛବି ପୋଖରୀର ସ୍ୱଚ୍ଛ ଜଳରେ ଦେଖୁଥିବେ । ପାଖରେ ଥିବ ବଗିଚାଟିଏ, ଯେଉଁଠି ଥିବ ଭଳିକି ଭଳି ଫୁଲ ଗଛ ଏବଂ ଗୋଲାପ, ମଲ୍ଲୀ ଓ ଚମ୍ପା ଫୁଲର ମହକରେ ସେ ଜାଗା ମହକି ଉଠୁଥିବ । ବୋଉ ଓ ନନା ସକାଳ ସୂର୍ଯ୍ୟର ନରମ କିରଣରେ ଘାସ ଲନ୍‌ରେ ବସି ଚା' ପିଇବେ, ଆଉ ସଂଧ୍ୟାରେ ଫୁଲ ବଗିଚାରେ ବୁଲି ବୁଲି ବିଭିନ୍ନ ପକ୍ଷୀଙ୍କ କଣ୍ଠରୁ ଗୀତ ଶୁଣିବେ ।

ଏମିତିକି ଘର କେମିତି ତିଆରି ହେବ, କେଉଁଠି ରୋଷେଇ ଘର, କେଉଁଠି ଡ୍ରଇଁ ରୁମ୍, କେଉଁଠି ଶୋଇବା ଘର, କେଉଁଠି ଗେଷ୍ଟ ରୁମ୍ ଇତ୍ୟାଦି ହେବ ବୋଉ ନନାଙ୍କୁ ସବୁ ଜିନିଷ ଚୁମ୍ବକରେ କହିଥିଲା । ଓଠ ଖୋଲିଲେ ସେ ଘର କଥା ଗପୁଥିଲା ଓ ଆଖି ବୁଜିଲେ ସେ ଶୋଇ ଶୋଇ ଘରର ସ୍ୱପ୍ନ ଦେଖୁଥିଲା । ପ୍ରତିଦିନ ନନାଙ୍କୁ ସେ ରୀତିମତ ବାଧ୍ୟ କରୁଥିଲା ଜାଗା କିଣିବାକୁ । କେବେ ନନାଙ୍କ ମନକୁ ଛୁଇଁଲା ଭଳି କଥା କହି ତ' କେବେ ରାଗ, ରୋଷ ଓ ଅଭିମାନର ଅସ୍ତ୍ର ନେଇ । ନନା ଜଣେ ଶିକ୍ଷାବିତ୍, ଶିକ୍ଷା ବିଭାଗରେ ସର୍କଲ ଇନ୍ସପେକ୍ଟର ଅଫ୍ ସ୍କୁଲସ, ହେଲେ ମଧ୍ୟ ଟୁରିଂ ଜବ୍, ଘରକୁ ଫେରୁ ଫେରୁ ଢେର୍ ରାତି । କାମ ଜଂଜାଳରେ ନନା ଭୁଲିଯାନ୍ତି ସବୁ । ଛୁଟି ଦିନମାନଙ୍କରେ ଘର ପାଇଁ ଜାଗା ଖୋଜୁ ଖୋଜୁ, କେତେବେଳେ ଜାଗା ପସନ୍ଦ ହେଲେ ଏରିଆ ଭଲ ନୁହେଁ, କେତେବେଳେ ଜମିର ଦାମ୍ ବେଶୀ ତ କେତେବେଳେ ଏରିଆ କମ୍, ଏହିଭଳି ଭାବରେ ଦିନ ପରେ ଦିନ ଗଡିଚାଲିଲା, କିନ୍ତୁ ଘର ତିଆରି ପାଇଁ ଜାଗା ଖଣ୍ଡିଏ ମିଳିଲା ନାହିଁ । ଏହିଭଳି ସେ ସୁନ୍ଦର ସୁଖର ପାରିଜାତଟି ଯେମିତି ଆମ ସମସ୍ତଙ୍କର ହାତ ପାଆନ୍ତାରୁ ବହୁ ଉର୍ଦ୍ଧ୍ୱରେ ରହିଗଲା । ଡେଣା ଲଗେଇ ଉଡି ଗଲେ ସୁଖର ସେ ଅମୂଲ୍ୟ ଦିନ ସବୁ ।

ଏକାଥରେ ଚିଙ୍ଗୁଡି ଭଳି ଛୁଆଙ୍କର ଭଲ ଭାବରେ ଯତ୍ନ ନେବ ବୋଲି ବୋଉ ଏକା ଏକା ବାହାରିଲା ହାର୍ଟ ଅପରେସନ ପାଇଁ । ହାର୍ଟ ଅପରେସନ ତ' ସରିଗଲା କିନ୍ତୁ ସକସେସଫୁଲ ହେଲା ନାହିଁ । ବୋଉ ଅପରେସନ ଥିଏଟରରୁ ଫେରି ଟିକେ ସାଷ୍ଟାମ ହେଲାପରେ ଠାକୁରଙ୍କୁ ପ୍ରଣାମ କରି ନନାଙ୍କୁ କହିଲା ଅପରେସନ ତ ସରିଗଲା ଏବେ ଏଠୁ ଗଲେ ଆଗ ଘର ପାଇଁ ଜାଗା କିଣି ଘର ତିଆରି କରିବା । ଅଥଚ ସେ ସ୍ୱପ୍ନ ପୂରଣ ହେଲା ନାହିଁ । ବୋଉ ଅକାଳରେ ଚାଲିଗଲା ଓ ତାରି ଭିତରେ ମରିଗଲା ସ୍ୱପ୍ନ ଏବଂ ମଉଳିଗଲା ଫୁଲ ବଗିଚାର ସୁରଭିତ ପାଖୁଡା । ବୋଉ ମୁହଁରେ ଯେପରି ମୃତ୍ୟୁ ଶୀତଳ ସ୍ନିଗ୍ଧତାର ପୁଲକବୋଳି ଦେଇଥିଲା । ବହୁ ବର୍ଷ ତଳର ସେ କଥା, ଅଥଚ ଏବେ ବି' ଘର ପାଇଁ କେହି ଏମିତି ସ୍ୱପ୍ନ ଦେଖିଲେ ଛାତି ଧଡ ଧଡ ହୁଏ । ମନ ବିଷାଦରେ ଭାରାକ୍ରାନ୍ତ ହୋଇଯାଏ ।

ପୁଣି ସେ ସ୍ୱପ୍ନର ପୁନରାବୃତ୍ତି ଘଟେ ମୋ ସାଙ୍ଗ ଈପସିତା ପାଖରେ । ଈପସିତା ଥିଲା ଅସମ୍ଭବ ସୁନ୍ଦରୀ, କିଛି ଅହଂକାରୀ ଏବଂ କିଛି ସ୍ୱାଭିମାନୀ ମଧ୍ୟ । ଖୁବ୍ ଅଳ୍ପ ବୟସରେ କଲେଜରେ ପାଦ ନଦଉଣୁ ବାହା ହୋଇଗଲା । ସ୍ୱାମୀଙ୍କ ସଙ୍ଗରେ ବିଦେଶ ଯାଇ ବେଶ୍ କିଛି ବର୍ଷ କଟାଇ ଫେରିଲା । ଫେରିଲା ବେଳକୁ ନିଜ ଲଗେଜର ଅର୍ଦ୍ଧେକ ଜିନିଷ ଘର ସଜାଇବା ପାଇଁ କିଣିଥିଲା ଏବଂ କୌଣସିଟି ଜିନିଷରେ ସେ ପୁଅ, ଝିଅଙ୍କୁ ହାତ ମାରିବାକୁ ଦେଉନଥିଲା, କାଳେ ଭାଙ୍ଗିଯିବ, କାଳେ ଧୂଳିମଳି ଲାଗିଯିବ କେଉଁଠି ? ସେଥିପାଇଁ ଘରର ପ୍ଲାନିଂ ଓ ନକ୍‌ସା ନିଜେ ତିଆରି କଲା । ବାସ୍ତୁଶାସ୍ତ୍ର ଡିଜାଇନ ନେଇ ସ୍ୱପ୍ନର ସେ ମହଲ ତିଆରି ହେଲା ତାରି ନିର୍ଦ୍ଦେଶରେ । ଗୋଟିଏ ପରେ ଗୋଟିଏ ସୋପାନ, ଗୋଟିଏ ପରେ ଗୋଟିଏ ମହଲା । ଇଚ୍ଛାଥିଲା ଘର ତିଆରି ସରିଲାପରେ ନୂଆ ଜିନିଷ ଖୋଲି ସେ ଘର ସଜାଇବ । ଘର ଛାତ ପଡିବା ପୂର୍ବରୁ ତାଜିଆ ତିଆରି ଚାଲିଥିଲା । ଈପସିତା ଅତି ତରତରରେ ଉଠିଗଲା ଛାତ ଉପରକୁ ଏବଂ ଦେଖୁ ଦେଖୁ ତାଜିଆ ବଙ୍କା ହୋଇଛି କହି ପୁରା ଦାଢକୁ ଚାଲି ଆସିଲା । ପାଦ ଦେଉ ଦେଉ ସଦ୍ୟ ଗୋଳା ହୋଇ ତିଆରି ହୋଇଥିବା ସିମେଣ୍ଟ ଓ ବାଲିର ତାଜିଆ ଭାଙ୍ଗିଗଲା । ଛାତ ଉପରୁ ଖସିପଡି ଈପସିତା ତଳେ ଏବଂ ତା ଉପରେ ଛାତରୁ ଖସି ପଡିଥିବା ଇଟା , ସିମେଣ୍ଟ ଓ ବାଲିର ବିରାଟ ସ୍ତୁପ । ବାଲି ତଳେ ପୋତି ହୋଇପଡିଥିବା ଈପସିତାକୁ ଟାଣି ଟାଣି ବାହାର କରାଗଲା । କିନ୍ତୁ ହସପିଟାଲ ରେ ପହଞ୍ଚିଲା ବେଳକୁ ତାର ଜୀବନ ଆଉ ନ ଥିଲା । କାଜୁଆଲଟିରେ ସଙ୍ଗେ ସଙ୍ଗେ ତା' ଛାତି ଚିରି ହାର୍ଟକୁ ଇଣ୍ଟ୍ରାକାର୍ଡିଆକ୍ ମାସାଜ କଲେ ମଧ୍ୟ ହୃତପିଣ୍ଡ ଅଚଳ ହୋଇଗଲା ଏବଂ ତାକୁ ମୃତ ବୋଲି ଘୋଷଣା କରାହେଲା ।

କେଉଁଠି ଥାଏ ଘରଟିଏ ? ଘର କରିବାର ସ୍ୱପ୍ନଟିଏ ? ସ୍ୱପ୍ନର କଣ୍ଟେଇଟିଏ ଏବଂ ଉଡିଯିବା ପାଇଁ ଜହ୍ନରେ ବନ୍ଧା ହୋଇଥିବା ରିବନଟିଏ ? ସବୁ ସ୍ୱପ୍ନ ଭାଙ୍ଗିଗଲା ଓ ପ୍ରାଣପକ୍ଷୀ ପଂଜୁରୀ ଛାଡି ମୁକ୍ତ ବିହଙ୍ଗ ପରି ଉଡିଗଲା । ଉଜ୍ଜ୍ୱଳ ଦୁଇଟି ଦୀପ୍ତ ଆଖି, ଦୃପ୍ତ ଚାହାଣୀ, ଶାଣିତ ବକ୍ତବ୍ୟ ଆଉ ଓଠ ତଳର ସ୍ମିତ ହସ ସବୁକିଛି ଆସ୍ତେ ଆସ୍ତେ ହଜିଗଲା ସମୟର ନିଃଶବ୍ଦ ଢେଉରେ । ସଂପର୍କର ମଧୁର ସ୍ପନ୍ଦନ ପାଲଟି ଗଲା ମୁଠାଏ ପାଉଁଶ । ଘର କରିବାର ସ୍ୱପ୍ନ ଏତେ ଭୟଂକର ହୋଇପାରେ ? ସ୍ୱପ୍ନ ପୁଣି ଏମିତି ଭାଙ୍ଗିଯାଇ ଜୀବନକୁ ମାଟିରେ ମିଶାଇଦିଏ ? ଏବେ ମଧ୍ୟ କେହି ସୁନ୍ଦର ଘରଟିଏର ସ୍ୱପ୍ନ ଦେଖିଲେ ଭୟରେ ଦୁଇ ଆଖି ମୋର ବୁଜି ହୋଇ ଆସେ । କହିବାକୁ ଇଚ୍ଛା ହୁଏ ଘର ଗଢିବା ପାଇଁ ଆଦୌ ସ୍ୱପ୍ନ ଦେଖ ନାହିଁ ।

(କ୍ରମଶଃ)

ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୨୬)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ



ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

## ।। ତିନି ବନ୍ଧୁ ।।

ଏ ଘଟଣାରେ ମୁଁ ଏତେ ପ୍ରଭାବିତ ଥିଲି କି ଏ ବିଷୟରେ ମୁଁ ମୋ ସାଙ୍ଗମାନଙ୍କୁ କିଛି ବି କହିଲିନି । କାରଣ ମୁଁ ଭାରତମାତାଙ୍କ ରାଣ ଖାଇକରି ପ୍ରତିଜ୍ଞା କରିଥିଲି । ଯଦି କାହା ଆଗରେ କିଛି କହିବି ମୁଁ କୃତଘ୍ନରେ ଗଣାହେବି । ଏ କଥା ମୁଁ ଭଲ ଭାବେ ବୁଝି ସାରିଥିଲି । ଏଥିରେ ମୋ ସାଙ୍ଗମାନଙ୍କ ଠାରୁ ମୁଁ ଶ୍ରେଷ୍ଠତର ପ୍ରତୀତ ହେଲା । ଏବେ ମୁଁ ଭଗତ ସିଂ ତଥା 'ଆଜାଦ' ପର୍ଯ୍ୟାୟରେ ସହଜରେ ଆସି ପାରିବି । କାହିଁକି ନା ମୁଁ କୌଣସି ଭ୍ରଷ୍ଟାଚାରୀ ଫରଙ୍ଗୀକୁ ସହଜରେ ହତ୍ୟା କରି ପାରିବି । ମୁଁ ଏଥିପାଇଁ ଯୋଗ୍ୟ ଓ ସମର୍ଥ ବୋଲି କ୍ରାନ୍ତିକାରୀମାନେ ବୁଝିଥିଲେ । ମୁଁ ସେହିଦିନକୁ ପ୍ରତୀକ୍ଷା କରି ରହିଲି, କେବେ ମୋତେ ବଳରାମ ତିୱାରୀ ଡାକି କରି ପିସ୍ତଲ ହେବ ଆଉ କହିବ, 'ଯା' ଭୋଲା ସିଂ ନହେଲେ ଖାଁ ସାହେବ ମଂଜୁର ଅଲୀକୁ ହତ୍ୟ କରି ଆସ ।'

କିନ୍ତୁ, କିଛି ଦିନ ପରେ ମନୋହର ଗୋଟେ ସମସ୍ୟା ପ୍ରସ୍ତୁତ କରିଦେଲା । ସେଦିନ ସନ୍ଧ୍ୟାବେଳେ ମନୋହର ସହ ଯେତେବେଳେ ଦେଖାହେଲା, ସେ ବହୁତ ଉଦାସ ଓ ଗମ୍ଭୀର ଥିଲା । ତୋ ଭଳିଆ ଗପୁଡ଼ା, ଚଞ୍ଚଳପିଲା ପାଇଁ ଏ ମୁଦ୍ର ଭଲ ଦିଶୁ ନଥାଏ । ତଥା ଗୋଟେ ଅସାଧାରଣ ଅସ୍ୱାଭାବିକ କଥା ଥିଲା ।

ମୁଁ ପଚାରିଲି, 'କଣ ହେଲା ମନୋହର ଭାଇ ?'

ସେ ଭାରି ଉଦାସ ସ୍ୱରରେ ଉତ୍ତର ଦେଲା, 'ଭାଇ ମୁଁ ଭାବୁଛି ସଂଗଠନର ପ୍ରଚାର ପାଇଁ ବାହାରକୁ ଯିବି । ଏବେ ଆମକୁ ଦେଶର ବଡ଼ ବଡ଼ କ୍ରାନ୍ତିକାରୀଙ୍କ ସହ ସଂପର୍କ ରଖିବାକୁ ପଡ଼ିବ । ଯଶପାଲଜୀ, ଭଗତସିଂ ଏବଂ ଆଜବ ଏମାନେ ସବୁ ସାଥୀ । ସେମାନେ ଆଜିକାଲି ଲକ୍ଷ୍ନୌରେ ରହୁଛନ୍ତି । ସେମାନେ କ'ଣ ଚୁପ୍‌ଚାପ୍ ବସିଥିବେ ? ମୁଁ ଭାବୁଛି ତାଙ୍କରି ସହ ଯାଇ ଭେଟ କରିବାକୁ । ଆମ ସଂଗଠନ ବିଷୟରେ ତାଙ୍କୁ ଅବଗତ କରେଇବି । ସେମାନେ ଆମ କାମ ବିଷୟରେ ଜାଣି ବହୁତ ଖୁସି ହେବେ । ଏଥିରେ କାହାର ଦ୍ୱିମତ ନଥିବ । ମୁଁ ଭାବୁଛି ସେ ଆମ କ୍ରାନ୍ତିକାରୀ ସଂଗଠନକୁ ଖୁସି ହୋଇ ତାଙ୍କୁ ସଂଗଠନରେ ମିଶେଇ ଦେବେ । ତା' ଦ୍ୱାରା ଆମେ ପିସ୍ତଲ ବି ସହଜରେ ପାଇ ପାରିବା । କଉ କୃଷ୍ଟ ଠିକ୍ କହୁଛି ନା ?'

ଏହାଠାରୁ ଆଉ ବଡ଼ କଥା ଆଉ କ'ଣ ହୋଇପାରେ ? ସେ ସମୟରେ ଆମେ ଅନ୍ୟ କୌଣସି ବଡ଼ କ୍ରାନ୍ତିକାରୀ ସଂଗଠନର ଠିକଣା କି, ତା' ବିଷୟରେ କିଛି ଜାଣି ପାରୁନଥିଲୁ । କେବଳ ଆମେ ଜସପାଲଜୀଙ୍କ ବିଷୟରେ ଏତିକି ଜାଣିଥିଲୁ କି ସେ ଲକ୍ଷ୍ନୌରେ ରହୁଥିଲେ




ଏବଂ 'ବିପ୍ଳବ' ନାମକ ଏକ ମାସିକ ପତ୍ରିକା ପ୍ରକାଶିତ କରୁଛନ୍ତି । ଦୁଇ ତିନିଟା ପୁରୁଣା ସଂଖ୍ୟା 'ବିପ୍ଳବ' ପତ୍ରିକା ପଢ଼ିବାକୁ ମିଳିଥିଲା । ତେଣୁ ତାଙ୍କ ବିଷୟରେ ଏତିକି ଜାଣିଥିଲି । କିନ୍ତୁ ମୁଁ ଦୃଢ଼ ନିଶ୍ଚିତ ଥିଲି ଯେ ଯଶପାଲଜୀ ପତ୍ରିକା ପ୍ରକାଶନର ଦାୟିତ୍ୱ ସିନା ନେଇଛନ୍ତି । କିନ୍ତୁ ଭଗତସିଂ ଓ ଆଜାଦଙ୍କ ପ୍ରଚ୍ଛନ୍ନ ହାତ ରହିଛି । ତାଙ୍କର ପତ୍ରିକା ପଛରେ ଗୁପ୍ତ କ୍ରାନ୍ତିକାରୀ ସଂଗଠନ ଚାଲିଛି । ଯଦି ଯାଙ୍କ ସଂଗଠନରେ ଆମ ସଂପର୍କ ସ୍ଥାପିତ ହୋଇଯିବ ଏବଂ ସେ ଆମକୁ ତାଙ୍କ ସଂଗଠନରେ ମିଶେଇଦେବେ । ତାହେଲେ ବଳରାମ ତିୱାରି ସଂଗଠନରେ ମିଶିବାଠୁ ଅଧିକ ଲାଭଦାୟକ ଏଠାରେ ମିଶିବ । ଆମ କ୍ରାନ୍ତିକାରୀ ଜୀବନର ଏହା ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ହେବ ।

'ମୁଁ ମନୋହର ପ୍ରସ୍ତାବରେ ତୁରନ୍ତ ରାଜି ହୋଇଗଲି ।' ମନୋହର ମୋ ସମର୍ଥନରେ ଉତ୍ସାହିତ କହିଲା ଭାବୁଛି ମୁଁ ଛଦ୍ମବେଶରେ ଯିବି । ଛଦ୍ମ ଦେଶରେ ଗଲେ ପୋଲିସ ମୋତେ ଚିହ୍ନି ପାରିବନି । ଏଥିରେ ଯଶପାଲଜୀଙ୍କ ସହ ସାକ୍ଷାତ କରିବା ସହଜ ହେବ । ତାଙ୍କ ମାନଙ୍କ ପଛରେ ବି ପୋଲିସ ପଡ଼ିଥିବ ନା । ବସ୍ତା ବିକ୍ରୀ କରି ଯେଉଁ ପଇସା ମିଳିଥିଲା ସେଇଥିରେ ଗୋଟେ ଲମ୍ବା କମିଜ ବନେଇ ଦେବି । କମିଜକୁ ଗେରୁଆ ରଙ୍ଗରେ ରଙ୍ଗେଇ ଦେବି । ଗୋଟେ କୌପିନ ବା କାଛା ଆଉ ନକଲି ନିଶ, ଦାଢ଼ି, ଜଟା କିଣିବାକୁ ପଡ଼ିବ । ଯସପାଲଜୀଙ୍କ ଉପରେ ଏହା ପ୍ରଭାବ ପକାଇବ । ଯେଉଁ ପଇସା ବଞ୍ଚିବ ତା' ଦେହରେ ଲକ୍ଷ୍ନୌ ପର୍ଯ୍ୟନ୍ତ ଭଡ଼ା ହୋଇଯିବ । ମୁଁ ଭାବୁଛି କାଲି ସକାଳୁ ବାହାରିଯିବି । ଦାଢ଼ି ନିଶ ସବୁ ଲକ୍ଷ୍ନୌରେ କିଣିବି ।

ମୁଁ ସ୍ୱୀକୃତି ଦେଇ ଦେଲି । ମନୋହର ମୁହଁରୁ ଗମ୍ଭୀରତା ଆଉ ଉଦାସୀନତା ଉଭାନ ହୋଇଗଲା । ମୁଁ ଜାଣିନଥିଲି ମନୋହର ଏତେ ମହାନ ଓ ତ୍ୟାଗୀ ସିଦ୍ଧ ହେବ । ଦେଶପାଇଁ ଘରଦ୍ୱାର ଛାଡ଼ି ଯାଉଛି । ଏହାଠୁ ଆଉ ଅଧିକ କଣ ହୋଇପାରେ । ଓହୋଃ ସେ କେତେ ଚିନ୍ତିତ ଥିଲା । ନିଃସନ୍ଦେହ ତାକୁ ଦେଶ କଲ୍ୟାଣ ଚିନ୍ତା ହିଁ ଚିନ୍ତାରେ ପକାଇଥିଲା । ଯେତେ ଠିକ୍ ହେଲା କି ତାକୁ କ୍ରାନ୍ତି ପାଇଁ ବାହାରକୁ ଯିବାକୁ ପଡ଼ିବ, ସେତେବେଳେ ତା'ର ସାରା ଚିନ୍ତା ଉଭାନ ହୋଇଗଲା । ଏଥିରେ ମୁଁ ବହୁତ ପ୍ରଭାବିତ ହେଲି ।

ଦ୍ୱିତୀୟ ଦିନ ମନୋହରକୁ ବିଦା କରିବା ପାଇଁ ମୁଁ ଷ୍ଟେସନ ଯାଇଥିଲି, ମୁଁ ଉନ୍ମାଦିତ ଥିଲି । ମୋର ମନୋହର ପ୍ରତି ଇର୍ଷା ହେଉଥିଲା । ତା'ର ଏକା ଏକା ଯଶପାଲଜୀଙ୍କ ସହ ସାକ୍ଷାତ କରିବା ସୌଭାଗ୍ୟ ପ୍ରାପ୍ତ ହେବ । ମନରେ ସନ୍ତୋଷ ଥିଲା କି ଯଶପାଲ ମୋତେ ନିଶ୍ଚୟ ଡରେଇବେ । ଯେତେବେଳେ ଗାଡ଼ି ଷ୍ଟେସନ ଛାଡ଼ିଲା ମୁଁ 'ଜୟ ଭାରତ ମାତା' କହିକରି ମନୋହରକୁ ବିଦାୟ ଦେଲି ।

ସେହିଦିନ ସନ୍ଧ୍ୟାବେଳର କଥା । ମନୋହରର ସାନଭାଇ ଆମ ଘରକୁ ଆସି ମୋତେ ଡାକିଲା, 'ଚାଲ ଭାଇ ମାଆ ଡାକୁଛି ।'

ମୋ ଘରଠୁ ତାଙ୍କ ଘର ଅଳ୍ପବାଟ । ଗୋଟେ ଅଣଓସାରିଆ, ସନ୍ତସନ୍ତିଆ ରାସ୍ତା ଥିଲା ମନୋହର ଘର ପର୍ଯ୍ୟନ୍ତ । ମୁଁ ବୁଝିଗଲି ତାଙ୍କ ପୁଅ ବିଷୟରେ ପଚାରିବାକୁ ମନୋହର ମାଆ ଡାକିଛନ୍ତି । ମନୋହର ଗଲାବେଳେ ପୁରା ମନା କରିଥିଲା ତା' ବିଷୟରେ କାହାକୁ କିଛି ନ କହିବା ପାଇଁ । ମୁଁ ବି ନିଶ୍ଚୟ କରି ଦେଇଥିଲି କି ଯାହା ବି ହେଉ ମୁଁ କାହାକୁ କିଛି କହିବି ନାହିଁ ।

ଯେତେବେଳେ ମୁଁ ମନୋହର ମାଆ ସାମ୍ନାରେ ଠିଆ ହୋଇଥିଲି, ମୁଁ ଖୁବ୍ ଗମ୍ଭୀର ଥିଲି । ସେ କାନ୍ଦୁଥିଲେ । ସେ ନେହୁରା ହୋଇ ପଚାରୁଥିଲେ, 'ପୁଅ ସତ କହ, ତୁ ମନୋହର ବିଷୟରେ ଜାଣିଛୁ ନା ? ତୋ ସହ ତ ସେ ଚବିଶ ଘଣ୍ଟା ରହୁଥିଲା । ତୋତେ ତ କିଛି କହିଥିବ ମନୋହର ?'

'ମୋତେ ତ କିଛି ଜଣା ନାହିଁ । ମନୋହର କଣ ଘରେ ନାହିଁ ?'

'ପୁଅ ତୁ ବିଲକୁଲ ମିଛ କହିବୁନି । ମାଆର ହୃଦୟକୁ ତୁ ଜାଣିନୁ, ଟିକେ ବି ମିଛ କହିବୁ ବହୁତ ବଡ଼ ପାପ ହେବ । ମନୋହର ସାନ ଭାଇ ଠିଆ ହୋଇଥିଲା । ଆଚ୍ଛା ଏ ପିଲାର ମଥାର ହାତ ରଖି କହ କି ତୁ କିଛି ବି ଜାଣିନୁ । ମୁଁ ତୋ ପାଦତଳେ ପଡୁଛି ପୁଅ ଯଦି ଜାଣିଛୁ କହିଦେ । ତୋର ବହୁତ ଉପକାର ହେବ ।'

ମୁଁ କିଛି ବି କହିବି ନାହିଁ ବୋଲି ଦୃଢ଼ ସଂକଳ୍ପ କରି ସାରିଥିଲି । ମୁଁ ତାଙ୍କ ଚାରିବର୍ଷର ପୁଅ ମୁଣ୍ଡ ଉପରେ ହାତ ରଖି କହିଲି, 'ମୁଁ ରାଣ ଖାଉଛି କି ମୁଁ କିଛି ଜାଣିନି ।'

ଦେଶପାଇଁ ମିଛ କହି ମୋତେ ଖୁସି ଲାଗୁଥିଲା । କିନ୍ତୁ ମୋ କଥା ଶୁଣି ମନୋହର ମାଆ ଜୋର ଜୋର କାନ୍ଦି କାନ୍ଦି କହୁଥିଲେ, 'କହତ ଏମିତି କି ରାଗେ ରଷେ ? କାଲି ରାତିରେ ଡେରିରେ ଆସିଲା ବୋଲି ତା' ବାପା ତାକୁ ରାଗି କରି କହିଥିଲେ ତୁ କଣ କିଏ ଘର ଛାଡ଼ି ପଳେଇବ ? ତା' ବାପା ରାଗି କରି କହିଥିଲେ ତୁ ରାତିଦିନ ବହୁତ ବାହାରେ ବୁଲୁଛୁ, ଯଦି ଏତେ ତୋର ବାହାରେ ବୁଲିବାକୁ ଇଚ୍ଛା, ଘରୁ ବାହାରିଯା, ବୁଲୁଥା । ଏତିକି କଥାରେ ପୁଅ ଘର ଛାଡ଼ି ପଳେଇଲା । ହେ ଭଗବାନ ମୋ ପୁଅ କୋଉଠି ଥିବ ? କେମିତି ଥିବ ?'

ସେ ଏମିତି ବିଳାପ କରିବାକୁ ଲାଗିଲେ । ଅଳ୍ପ ସମୟ ଭିତରେ ମୁଁ ଧିରେ ଧିରେ ସେଠୁ ପଳେଇ ଆସିଲି । ମୁଁ ଖୁବ୍ ଉଦାସସ ଓ ନିରାଶ ହୋଇଯାଇଥିଲି । ମୁଁ ସ୍ୱପ୍ନରେ ବି ଭାବିନଥିଲି ମନୋହର ତା' ବାପାମାଆଙ୍କ ଉପରେ ରାଗିକରି ଘରୁ ପଳେଇବ । ପୁଣି ଯଶପାଲଜୀଙ୍କୁ ସାକ୍ଷାତ କରିବା ବାହାନାରେ । ମୋର ସାରା ଉତ୍ସାହ ନଷ୍ଟ ହୋଇଗଲା । ଗୋଟେ ଦୁଃସହ ପୀଡ଼ା ମୋ ହୃଦୟକୁ ଘାରିଲା ।

ମନୋହରକୁ ଘରୁଯିବା ସପ୍ତାହେ ହୋଇନଥିଲା, ଅଚାନକ ଆମେ ସବୁ ଗିରଫଦାର ହୋଇଗଲୁ ।

ଗିରଫଦାରୀ କାରଣ ବି ସାଙ୍ଗେ ସାଙ୍ଗେ ଜଣା ପଡ଼ିଗଲା । ଗୋଟେ ଦିନ ଆଗରୁ ଜରୀନା ନାମ୍ନୀ ବେଶ୍ୟା ଘରେ ଦଳେ ନବଯୁବକ ଜବରଦସ୍ତି ପଶିଯାଇଥିଲେ । ଜରୀନା ଏବଂ ତା' ଘର ଲୋକକୁ ବାନ୍ଧି ତାଙ୍କ ଘରୁ ପାଞ୍ଚଶହଟଙ୍କା ନେଇ ଚମ୍ପଟ ମାରିଥିଲେ । ସହରର ପୋଲିସ ଏଠିକା କ୍ରାନ୍ତିକାରୀଙ୍କଠାରୁ କମ ବୁଦ୍ଧିମାନ ନଥିଲା । ସେ ଭାବିଲା ଏହା ଡକାୟତି । ଯେଉଁଠି ଏକରୁ ଏକ ବଳି ସହର ରଇସୀ ଟଙ୍କା ଦଉଛନ୍ତି ତା'ଠୁ ବଳି ଗୁଣ୍ଡାମାନେ ପଇସା ଦଉଛନ୍ତି ସେଠୁ ନେବ କିଏ ? ଏଇ କ୍ରାନ୍ତିକାରୀ ଦଳ ହିଁ ପଇସା ଉଠାଇ ଥିବେ । କ୍ରାନ୍ତିକାରୀଙ୍କ ଛଡ଼ା ପଇସା ନେଇ ଦୌଡ଼ିବା କାମ କେହି କହିପାରିବେନି । ଫଳ ସ୍ୱରୂପ ସହରର କିଛି ନବଯୁବକଙ୍କୁ ଗିରଫଦାର କଲା ପୋଲିସ । କ୍ରାନ୍ତିକାରୀ ହିସାବରେ ମୁଁ, ଦୀନେଶ୍ୱର, ଦୀନାନାଥ, ବଳରାମ ତିୱାରୀ ଏବଂ ଅଜିବୁଦ୍ଦିନ ଗିରଫ ହେଲୁ ।

ସନ୍ଧ୍ୟା ଗଡ଼ିଗଲା ପରେ ଆମ ଘରେ ପୋଲିସର ଛାପା ପଡ଼ିଲା । ଥାନାରୁ ଚାରିଟା ପୋଲିସ କନେଷ୍ଟବଳ, ଇନିସ୍‌ପେକ୍ଟର ତଥା ଗୁପ୍ତଚର ବିଭାଗରୁ ଦୁଇଜଣ କର୍ମଚାରୀ ଅଚାନକ ଆମ ଘରକୁ ଆସିଲେ । ଆମ ଘରେ ଆତଙ୍କ ଖେଳିଗଲା । ମୁଁ ଭିତରେ କ୍ଷୀର ଖଇ ଖାଉଥିଲି । ପୋଲିସ ଆସିଛି ଶୁଣି ସାରା ଦେହରୁ ରକ୍ତ ଶୁଖିଗଲା । ସାରା ଶରୀରରେ ଅଦଭୂତ ଭୟର ଶିହରଣ ଥିଲା । ମୋ ଖାଇବା ବନ୍ଦ ହୋଇଗଲା । ସ୍ତ୍ରୀ ଲୋକ ସବୁ ଏଡ଼େ ଯୋରରେ କାନ୍ଦୁଥିଲେ ଯେ ସତେକି ଦୁଃଖ ଭାଙ୍ଗି ପଡ଼ିଛି ଉପରେ ।

କିଛି ସମୟ ଭିତରେ ବାପା ଘର ଭିତରକୁ ଆସି ସ୍ତ୍ରୀ ଲୋକମାନଙ୍କ ଉପରେ ବିଗିଡ଼ି ଗଲେ । କ'ଣ ଚାଲିଛି ଏଠି ?' କିଏ ଚାଲିଗଲା ଯେ ତୁମେମାନେ ଏତେ ଜୋରରେ କାନ୍ଦୁଛ ? ଆରେ ପୁଅ ପିଲା । କାନ୍ଦ ବୋବାଳି ବନ୍ଦ କର । ଉଠପୁଅ, ହାତ ମୁହଁ ଧୋ, ଲୁଗା ବଦଳେଇ ଦେ ।' (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ଗାନ୍ଧୀ ଓ ଅହିଂସା...

(ପୃଷ୍ଠା ୬ର ଅବଶିଷ୍ଟାଂଶ) ଆମେ ସମସ୍ତେ ସମବତଃ ମୂଳରୁ ପଶୁଥିଲୁ ଏବଂ ଧିରେ ଧିରେ ଆମର ବିକାଶ ହୋଇ ଆମେ ମଣିଷ ହୋଇଛୁ ବୋଲି ମୋର ବିଶ୍ୱାସ । ଅର୍ଥାତ୍ ଆମ୍ଭର ପଶୁବଳ ନେଇ ଜନ୍ତୁ ହୋଇଥାଉ ସତ, କିନ୍ତୁ ସଙ୍ଗେ ସଙ୍ଗେ ଆମଭିତରର ଭଗବାନଙ୍କୁ ଉପଲବ୍ଧି କରିବାକୁ ବି ଜନ୍ମ ହୋଇଥାଉ । ତାହାହିଁ ପୁରୁଷାର୍ଥ ଏବଂ ତାହାହିଁ ପଶୁ ଜାତିଠାରୁ ମଣିଷକୁ ଅଲଗା କରିଦେଉଛି । ଭଗବାନଙ୍କୁ ଜାଣିବା ଅର୍ଥ ଜୀବଜଗତରେ ସବୁଥିରେ ତାଙ୍କୁ ଦେଖିବା-ଅର୍ଥାଥ ସମସ୍ତ ସୃଷ୍ଟିସାଙ୍ଗେ ନିଜର ଐକ୍ୟ ଉପଲବ୍ଧି କରିବା । ଆମେ ସ୍ୱେଚ୍ଛାରେ ଶରୀର ବଳକୁ ଛାଡ଼ି, ଆମଭିତରେ ଲୁଚିଥିବା ଅହିଂସାକୁ ବାହାର ନକଲେ, ଆମେ ଐକ୍ୟକୁ ଅନୁଭବ କରିପାରିବା ନାହିଁ । ଏହା କେବଳ ଶକ୍ତିରୁ ଜନ୍ମିପାରେ । ଆମର ଏହି ସବଳର ଅହିଂସା ଅଛିକି ? ଆମେ ତାକୁ ଅସମ୍ଭବ ଆଦର୍ଶ ବୋଲି ଛାଡ଼ି ଦେଇପାରୁ ଏବଂ ତା ବଦଳରେ ହିଂସାକୁ ଆଶ୍ରା କରିପାରୁ । ଅହିଂସା ଯଦି ସବଳର ଅସ୍ତ୍ର, ତାହାର କିଛି ପରିଣାମ ଭୋଗିବାକୁ ହେବହିଁ ହେବ ।"

ଭଗବାନ ସର୍ବମୟ । ସେ ସବୁ ସତ୍ତାରେ ବିଦ୍ୟମାନ । ସେ ସବୁ ଜୀବ ବିଶେଷଙ୍କର ଆତ୍ମାରୂପେ ବିରାଜମାନ । ଏଣୁ ଅହିଂସାର ପ୍ରୟୋଗ ସବୁ ଜୀବ ବିଶେଷଙ୍କଠାରେ ହେବା ଉଚିତ୍ । ଗାନ୍ଧୀ ତାଙ୍କ ଜୀବନରେ ବିଷଧର ସର୍ପଠାରୁ ଆରମ୍ଭକରି ଇଂରେଜଙ୍କ ପରି ଶତ୍ରୁଠାରେ ଯେପରି ଅହିଂସା ପ୍ରୟୋଗ କରିଛନ୍ତି, ସେମିତି ନିରୀହ ବଳିପଡ଼ିବାକୁ ଯାଉଥିବା ଛେଳିଟି ପ୍ରତି ପ୍ରୟୋଗ କରନ୍ତି ଏବଂ ଜିତିଛନ୍ତି । ତାଙ୍କ ମତରେ ଅହିଂସାହିଁ ପରମ ଧର୍ମ, ପରମ ପନ୍ଥା ଏବଂ ଯୁଦ୍ଧକ୍ଷେତ୍ରରେ ପରମ ଅସ୍ତ୍ର । କେବଳ ତାର ସଫଳ ପ୍ରୟୋଗ କରି ପାରିଲେ ହେଲା ।

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ., ୯୯୩୮୩୪୪୧୩୮

# ଗାନ୍ଧିଛକରେ ୫ଫୁଟ ତଳକୁ ଖସିଲା ପିକଅପ : ଚାଳକ ଆହତ



ବସ୍ତା, ୦୧/୯(ନି.ପ୍ର):ବସ୍ତା ଥାନା ଅଧୀନ ଗାନ୍ଧିଛକ ଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ପିକଅପ ପୋଲ ତଳକୁ ୫୦ ଫୁଟ ଗଭୀରକୁ ଖସପଡି ଏହାର ଚାଳକ ବାହାର୍ଦ୍ଦା ଗ୍ରାମନିବାସୀ ସେକ ବାତୁଲ ଆହତ ହୋଇଛି ଏବଂ ଏହାର ଖଲାସୀ ଅଳ୍ପକେ ବର୍ତ୍ତିଯାଇଛି ।ଏହି ଗାଡ଼ିରେ ଗୋରୁ ବୁହାଯାଏ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।ତେବେ ବେପରୁଆ ଡ୍ରାଇଭିଂ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି ।ଏହି ଗାଡି ମାଲିକ ହେଉଛନ୍ତି ବାହାର୍ଦ୍ଦା ଗ୍ରାମନିବାସୀ ସେକ ମୈମୁଦ୍ଦିନଙ୍କ ପୁଅ ରାଜୁ ।ଖବର ଲେଖା ପର୍ଯ୍ୟନ୍ତ ଥାନାରେ ଏ ସଂପର୍କରେ କୌଣସି ଏତାଲା ହୋଇନଥିବା ପ୍ରକାଶ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଷଷ୍ଠୀରେ ମା'ଙ୍କର....

ସନ୍ଧିପୂଜା ସହ ବିଭିନ୍ନ ମଣ୍ଡପରେ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ କରାଯିବାର ବ୍ୟବସ୍ଥା ରହିଛି । ମଙ୍ଗଳବାର ମହାନବମୀ ପୂଜା ଥିବା ବେଳେ ବୁଧବାର ବିଜୟ ଦଶମୀ ପଡୁଛି । ଦୁଇବର୍ଷ କରୋନା କଟକଣା ହଟିଥିବାରୁ ଆଜି ଠାରୁ ପୂଜା ମଣ୍ଡପରେ ଦେଖିବାକୁ ମିଳିବ ଭିଡ଼ । ରାଜଧାନୀର ବିଭିନ୍ନ ମଣ୍ଡପରେ ଆକର୍ଷଣୀୟ ତୋରଣ ମନ ମୋହିବ । ସେହିପରି କଟକରେ ସୁନା, ଚାନ୍ଦିରେ ଝଟକିବେ ମା' । ତେବେ ଭିଡ଼ ନିୟନ୍ତ୍ରଣ ପାଇଁ ଟୁଇନ ସିଟିରେ ଟ୍ରାଫିକ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ଆଗକୁ ମଧ୍ୟ ଜାରି ରହିବ....

ନିର୍ଦ୍ଦେଶ ଆସିନାହିଁ । ତେଣୁ ରାଜ୍ୟରେ ଯେତିକି ଟୀକା ମହଜୁଦ ଅଛି ସେଗୁଡିକ ନସରିବା ଯାଏଁ ମାଗଣା ଟିକାକରଣ ଚାଲୁରହିବ । ସାଢ଼େ ତିନି ଲକ୍ଷ ଟିକା ରାଜ୍ୟରେ ଏବେ ମହଜୁଦ ଅଛି । ଆଜି କିମ୍ବା କାଲି ଭିତରେ ଆଉ କିଛି ଟୀକା ଆସିବାର ଅଛି । ପ୍ରଥମ ଡୋଜ ୯୭ ପ୍ରତିଶତ ଲୋକ ନେଇଥିବା ବେଳେ ଦ୍ୱିତୀୟ ଡୋଜ ୯୧ ପ୍ରତିଶତ ଲୋକ ନେଇ ସାରିଲେଣି । ପ୍ରିକସନ ଡୋଜ ନେବାରେ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ଅନେକ ଆଗରେ ଅଛି । ଓଡ଼ିଶାରେ ଏକ କୋଟି ୨୧ ଲକ୍ଷ ୫୦ ହଜାର ୨୪୩ ଜଣ ଲୋକ ପ୍ରିକସନ ଡୋଜ ନେଇ ସାରିଛନ୍ତି । ବର୍ତ୍ତମାନ ୧୧୫୦ ଟୀକା କେନ୍ଦ୍ରରେ ଟିକାକରଣ ପ୍ରକ୍ରିୟା ଚାଲୁ ରହିଛି । ପାର୍ବଣ ଋତୁରେ ଗହଳି ହେବ । କିନ୍ତୁ ତା ପୂର୍ବରୁ ଲୋକ ଦୁଇଟି ଡୋଜ ନେଇସାରିଛନ୍ତି । ତେଣୁ ବିଶେଷ କିଛି ଅସୁବିଧା ହେବନି ।

# ଛାତ୍ରଛାତ୍ରୀଙ୍କ ମନରେ ପ୍ରତିଦ୍ୱନ୍ଦ୍ୱୀ ମନୋଭାବ ସୃଷ୍ଟି କରିବାର ଅଭିନବ ପ୍ରୟାସ



ବାରିପଦା, ୦୧/୯(ନି.ପ୍ର): ସାଧାରଣତଃ ବିଦ୍ୟାଳୟ ମାନଙ୍କରେ ଗୋଟିଏ ଶିକ୍ଷା ବର୍ଷରେ ଥରେ ବାର୍ଷିକ ଉତ୍ସବ ପାଳନ କରାଯାଏ ମାତ୍ର ୧୬ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁର୍ଗାପୂଜା ଛୁଟି ପୂର୍ବରୁ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଛି । ତିନିଦିନ ଧରି ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତାକୁ ମାପିବା ପାଇଁ ବେସ ଲାଇନ ପରୀକ୍ଷା ସରିବା ପରେ ଆଜି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଛି । ଚିତ୍ରାଙ୍କନ, ସ୍କିପିଙ୍ଗ, ଚେସ, କେରମର କୃତୀ ପ୍ରତିଯୋଗୀଙ୍କ ସହ ଶ୍ରେଷ୍ଠ ଶୃଙ୍ଖଳିତ ଓ ନେତୃତ୍ୱ ନେଉଥିବା ମୋଟ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ଏହା ଦ୍ୱାରା ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀ ମନୋଭାବ ସୃଷ୍ଟି ହେବ ବୋଲି ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଆଶାବାଦୀ ଅଛନ୍ତି । ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରଭାତୀ ପଟ୍ଟନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଚୁମୁକି ବେହେରା ଉପସ୍ଥିତ ରହି ପୁରସ୍କାର ବିତରଣ କରିବା ସହ ବିଦ୍ୟାଳୟର ଏହି ପ୍ରୟାସକୁ ପ୍ରଶଂସା କରିଛନ୍ତି । ପରବର୍ତ୍ତୀ ସମୟରେ ମାସକୁ ଥରେ ଏବଂ ଶିକ୍ଷାବର୍ଷ ଶେଷରେ ବାର୍ଷିକ ଉତ୍ସବ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରାଯିବ ବୋଲି ପ୍ରଧାନ ଶିକ୍ଷକ ଜଣାଇଛନ୍ତି ଓ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କ୍ରୀଡା ଶିକ୍ଷକ ଅଭିଷେକ ବେହେରା, କଳା ଶିକ୍ଷକ ମହେଶ୍ୱର ମାରାଣ୍ଡି, ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ସୌମ୍ୟ ଦାଶ, ସୁମିତ୍ରା ରାଉତ, ସାଗରୀକା ପାତ୍ର, ମମତା ଦାସ, ଉର୍ମିଳା ଦତ, ଗାର୍ଗୀ ଶତପଥି ତଥା ୱାର୍ଡେନ ସରୋଜ କୁମାର ସାବତ ସହଯୋଗ କରିଥିଲେ ଓ ଶିକ୍ଷକ ଗଣେଶ ବେହେରା ମଂଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାମୀ-ସ୍ତ୍ରୀଙ୍କ ମରଣାନ୍ତକ ଆକ୍ରମଣ : ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ନୀଳଗିରି, ୦୧/୯(ନି.ପ୍ର): ଏକ କୁକୁର କାମୁଡ଼ା ଘଟଣାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ସମେତ ଜଣେ ଶିଶୁ ମନ୍ଦିର ଶିକ୍ଷୟିତ୍ରୀଙ୍କ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲୋଜ କରିବା ସହିତ ସ୍ୱାମୀ-ସ୍ତ୍ରୀଙ୍କ ଏକ ଟାୟାର କଟା ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଘଟଣା ନିମପାଳ (ଦୁର୍ଗାପୁର) ଠାରେ ଦେଖିବାକୁ ମିଳିଛି । ସୂଚନା ଅନୁଯାଇ ନୀଳଗିରି ଥାନା ଦୁର୍ଗାପୁର ଗ୍ରାମର ଶ୍ରୀମତୀ ଭଗବତୀ ଦାସ , ସ୍ୱାମୀ-ମାନସ ରଂଜନ ଦାସଙ୍କ ଘର ବାରଣ୍ଡାରେ ଏକ ଶିଶୁ ମନ୍ଦିରର ପିଲାମାନଙ୍କୁ ଶିକ୍ଷୟିତ୍ରୀ ନମିତା ଦାସ ପ୍ରତିଦିନ ଟିଉସନ କରିଥାଆନ୍ତି । ଉକ୍ତ ଗାଁର ଭଗବାନ ଦାସ (ମକରା)ଙ୍କ ଏକ ଦେଶୀ କୁକୁର ଟିଉସନ ପଢୁଥିବା ଜଣେ ଆଦିବାସୀ ପିଲାଙ୍କୁ କାମୁଡ଼ିଥିଲା । ଏ ବିଷୟରେ ଘର ମାଲିକାଣୀ ଶ୍ରୀମତୀ ଭଗବତୀ ଦାସ ଘଟଣା ସମ୍ପର୍କରେ ଶିକ୍ଷୟିତ୍ରୀଙ୍କୁ ପଚାରୁଥିବା ବେଳେ ଭଗବାନ ଦାସ ଏକଥା ଶୁଣି ଭଗବତୀଙ୍କୁ ନାନାଦି ଅଶ୍ରାବ୍ୟ ଭାଷାରେ ଗାଳିଗୁଲୋଜ କରୁଥିବା ବେଳେ ତାଙ୍କ ସ୍ୱାମୀ ଏକଥା ଶୁଣି ବାରଣ କରନ୍ତେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ନାନାଦି ଅଶ୍ରାବ୍ୟ ଭାଷା କହି ଗାଳି କରିବା ସହିତ ଏକ ଧାରୁଆ କଟୁରୀରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ବେକ, ମୁଣ୍ଡ ସହିତ ବିଭିନ୍ନ ସ୍ଥାନରେ ଆଘାତ କରିଥିବା ଯୋଗୁଁ ସେମାନେ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଉକ୍ତ ଗାଁର କିଛି ଲୋକ ଘଟଣା ସ୍ଥଳରେ ପହଂଚି ଉଭୟଙ୍କୁ ଉଦ୍ଧାର କରି ନୀଳଗିରିକୁ ଆଣି ଚିକିତ୍ସା କରିଥିବା ଜଣାପଡ଼ିଛି । ଏନେଇ ନୀଳଗିରି ଥାନାରେ ଅଭିଯୋଗ ହେଲା ପରେ ଘଟଣାର ତଦନ୍ତ ଚାଲିଥିବା ଜଣାପଡ଼ିଛି ।

# ରାଜ୍ୟରେ ନୂଆ ୧୪୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୧/୯(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୪୨୩୬ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୧୪୬ ଆକ୍ରାନ୍ତଙ୍କ ମଧ୍ୟରୁ ୮୬ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୬୦ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୦୯ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୩୬୪୬ ରେ ପହଂଚିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୩୪୩ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୧୪୬ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧୪, ବରଗଡ଼ ଜିଲ୍ଲାରେ ୩, ଭଦ୍ରକ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୭, ଦେବଗଡ଼ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୪, ଗଞ୍ଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୬, କନ୍ଧମାଳ ଜିଲ୍ଲାରେ ୨, କେନ୍ଦ୍ରାପଡ଼ା ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧, ମୟୂରଭଞ୍ଜ ଜିଲ୍ଲାରେ ୪, ନବରଙ୍ଗପୁର ଜିଲ୍ଲାରେ ୪, ନୟାଗଡ ଜିଲ୍ଲାରେ ୬, ପୁରୀ ଜିଲ୍ଲାରେ ୨୨, ସମ୍ବଲପୁର ଜିଲ୍ଲାରେ ୬, ସୋନପୁର ଜିଲ୍ଲାରେ ୬, ସୁନ୍ଦରଗଡ ଜିଲ୍ଲାରେ ୧୩ ଓ ଷ୍ଟେଟ ପୁଲରେ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଆତିଥ୍ୟ ପ୍ରଦାନରେ ଉଦଳା ରୋଟାରୀ କ୍ଲବ ଓଡ଼ିଶାରେ ପ୍ରଥମ : ହରେନ ପଟ୍ଟନାୟକ



ଉଦଳା, ୦୧/୯(ନି.ପ୍ର): ସମଗ୍ର ପୃଥିବୀକୁ ଗୋଟିଏ ପରିବାର କରି ଗଢ଼ି ତୋଳିବାର ସ୍ୱପ୍ନ ଦେଖିଥିବା ରୋଟାରୀ କ୍ଲବ ବର୍ଷ ତମାମ ବିଭିନ୍ନ ପ୍ରକାର ଗଠନ ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାଏ । ସେହିପରି ସେପ୍ଟେମ୍ବର ମାସ ୨୯ ତାରିଖରେ ବିଶ୍ୱ ହୃତ୍ ଦିବସ ପଡୁଥିବାରୁ ଚଳିତ ବର୍ଷ ସେପ୍ଟେମ୍ବର ମାସ ପହିଲା ଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ୨୧ ଗୋଟି ରୋଟାରୀ କ୍ଲବ ଆନୁକୁଲ୍ୟରେ ଭିନ୍ନ ଭିନ୍ନ ଦିବସ ମାନଙ୍କରେ ଆପୋଲ ହସପିଟାଲ, ଭୁବନେଶ୍ୱରର ସହାୟତାରେ ମାଗଣା ହୃତ୍‌ରୋଗ ଚିକିତ୍ସା ଶିବିର ମାନ ଆୟୋଜନ କରାଯାଇଥିଲା । ପ୍ରକାଶ ଥାଉକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କହିବା ଅନୁସାରେ ହୃଦଘାତ ଓ ପକ୍ଷାଘାତ ଦ୍ୱାରା ବିଶ୍ୱର ସବୁଠାରୁ ଅଧିକ ଲୋକ ମୃତ୍ୟୁବରଣ କରିଥାନ୍ତି । ସେହିପରି ଭାରତରେ ସମସ୍ତ ମୃତ୍ୟୁର ପ୍ରାୟ ଏକ ପଞ୍ଚମାଂଶ ମୃତ୍ୟୁ କେବଳ ହୃଦଘାତ ଓ ପକ୍ଷାଘାତ ଯୋଗୁଁ ହୋଇଥାଏ । ବର୍ଷକୁ ବର୍ଷ ଭାରତରେ ଏହାର ମାତ୍ରା ବଢ଼ି ବଢ଼ି ଚାଲିଛି । ସେଥିମଧ୍ୟରୁ ସେପ୍ଟେମ୍ବର ମାସ ୧୨ ତାରିଖ ସୋମବାର ଦିନ ଉଦଳା ଠାରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା । ଜୋନାଲ ୱାନ ଚେୟାର ରୋଟାରିଆନ ସୁରେଶ ଚନ୍ଦ୍ର ସାହୁ ସମଗ୍ର ଓଡ଼ିଶାରେ ଏହି ଶିବିର ଆୟୋଜନର ନେତୃତ୍ୱ ନେଇଥିଲେ । ସେପ୍ଟେମ୍ବର ୨୯ ତାରିଖ ଦିନ ଭୁବନେଶ୍ୱର ଠାରେ ବିଶ୍ୱ ହୃତ୍ ଦିବସ ପାଳନ ଅବସରରେ ଏହି ଶିବିର ଉଦ୍‌ଯାପିତ ହୋଇଯାଇଛି । ତେବେ ସମଗ୍ର ଓଡ଼ିଶାରେ ଅନୁଷ୍ଠିତ ଏହି ଶିବିରରେ ଆତିଥ୍ୟ ପ୍ରଦାନ ଓ ଶୃଙ୍ଖଳା ପାଇଁ ଉଦଳା ରୋଟାରୀ କ୍ଲବ ପ୍ରଥମ ସ୍ଥାନ ଅଧିକାର କରିଥିବା କଥା କ୍ଲବର ସଭାପତି ରୋଟାରିଆନ ହରେନ ପଟ୍ଟନାୟକ ଜଣାଇଛନ୍ତି । ସେ ଆହୁରି କହିଛନ୍ତି, ମୁଁ କୌଣସି ପ୍ରତିଯୋଗିତା ମନୋଭାବ ନେଇ ଏ କଥା କହୁନାହିଁ, ଉଦଳା ରୋଟାରୀ କ୍ଲବର ସମସ୍ତ ସଦସ୍ୟଙ୍କର ସହଯୋଗ, ଇନରହ୍ୱିଲ କ୍ଲବର ସଦସ୍ୟା ମାନଙ୍କର ଅକ୍ଲାନ୍ତ ପରିଶ୍ରମ ଓ ଉଦଳାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ସମର୍ଥନ ଯୋଗୁଁ ଆଜି ଏହା ସମ୍ଭବ ହୋଇ ପାରିଛି । ସେଥିପାଇଁ ମୁଁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି ବୋଲି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ବ୍ୟକ୍ତ କରିଛନ୍ତି । ଆଗାମୀ ଦିନରେ ଆମକୁ ଆହୁରି ଅନେକ କିଛି କାମ କରିବାର ଅଛି ବୋଲି କହିଛନ୍ତି ।

# ପାଣିରେ ବୁଡି ଶିଶୁ ପୁତ୍ର ମୃତ

ଜଳେଶ୍ୱର,୦୧/୧୦(ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବରଘଟା ପଂଚାୟତର ବୈରାଟଆଡି ଗ୍ରାମରେ ଏକ ଅଘଟଣ ଘଟିଛି । ରାଜୀବ ପାଳଙ୍କ ପୁଅ ତପୁ ପାଳ (୪) ଘର ନିକଟରେ ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଲକ୍ଷ୍ୟରେ ନିକଟସ୍ଥ ପୋଖରୀରେ ବୁଡି ଯାଇଥିଲା । ପରେ ପରିବାର ଲୋକେ ଖୋଜାଖୋ କରି ନ ପାଇବାରୁ ସଂଦେହ କରି ନିକଟସ୍ଥ ପୋଖରୀରେ ଖୋଜାଖୋଜି କରିଥିଲେ । ତପୁକୁ ପାଣି ଭିତରୁ ପାଇ ଜିକେ ଭଞ୍ଜ ହସ୍‌ପିଟାଲକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫଳରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ବିଲରୁ ଫେରୁଥିବା ବେଳେ ବଜ୍ରାଘାତ ଘଟି ମହିଳା ମୃତ



ବାଲିଆପାଳ, ୦୧/୯(ନି.ପ୍ର): ଆଜି ଅପରାହ୍ନରେ ବାଲିଆପାଳ ବ୍ଲକ ସମେତ ଆଖ ପାଖ ଅଂଚଳରେ ପ୍ରବଳ ଘଡଘଡି ଓ ବଜ୍ରାଘାତ ସହ ବର୍ଷା ଅନୁଭୂତ ହୋଇଥିଲା । ଏହି ସମୟରେ ବିଲରୁ ଘାସକାଟି ଘରକୁ ଫେରୁଥିବା ବେଳେ ପାଳଜାମକୁଣ୍ଡା ଗ୍ରାମର ପ୍ରଶାନ୍ତ ସାହୁଙ୍କ ପତ୍ନୀ ହେମାଙ୍ଗିନୀ ସାହୁ(୩୫)ଉପରେ ବଜ୍ରାଘାତ ଘଟିଥିଲା । ଘଟଣାସ୍ଥଳରେ ସେ ଚେତାଶୂନ୍ୟ ହୋଇପଡିଯାଇଥିବା ବେଳେ ତାଙ୍କ କାନରୁ ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ପରିବାରଲୋକେ ତାଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତା ମହିଳାଙ୍କର ଜଣେ ପୁଅ ଓ ଜଣେ ଝିଅ ଅଛନ୍ତି ।ଏହି ଖବର ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସରରେ ଶୋକର ଛାୟା ଖେଳିଯାଇଛି ।

# ସାଇକେଲ ଓ ମୋବାଇଲ ଚୋରି ଅଭିଯୋଗରେ ଯୁବକକୁ ଉତ୍ତମ ମଧ୍ୟମ ଦେଲେ ଗ୍ରାମବାସୀ



ବସ୍ତା, ୦୧/୯(ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ବାଉଁଶମୁଖା ଗ୍ରାମର ମିର୍ଜା ମୁର୍ମୁଙ୍କ ପୁଅ ରାମ ମୁର୍ମୁ (୧୯) କୁ ସାଇକେଲ ଚୋରି ଅଭିଯୋଗରେ ଧରି ଉତ୍ତମ ମଧମ ଗ୍ରାମବାସୀ ଦେଇଥିବାର ଦେଖିବାକୁ ମିଳିଛି । ସୂଚନା ରୁ ପ୍ରକାଶ ଯେ ଦୁଇ ଦିନ ପୂର୍ବରେ ସଦାନନ୍ଦପରୁ ଗ୍ରାମର ଗୋକୁଳାନନ୍ଦ ବେହେରାଙ୍କ ସାଇକେଲ ଚୋରି ହୋଇଯାଇଥିବା ବେଳେ ଶନିବାର ବାଉଁଶମୁଖା ଗ୍ରାମର ଜଣକ ଘରୁ ମୋବାଇଲ ଚୋରି କରିଥିବା ବେଳେ ଧରା ପଡ଼ିଥିଲେ ଯୁବକ । ଯୁବକକୁ ବାନ୍ଧି ଉତ୍ତମ ମଧମ ଦେଇଥିଲେ ଗ୍ରାମବାସୀ । ପରେ ଚୋର ଜଣକ ପୂର୍ବରୁ ସାଇକେଲ ଚୋରି କରିଥିବା ମାନି ଥିଲେ । ଖବର ପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଂଚି ଯୁବକକୁ ଉଦ୍ଧାର କରି ବସ୍ତା ହସ୍ପିଟାଲ ରେ ଚିକିତ୍ସା ପାଇଁ ଛାଡ଼ି ଅଧିକ ତଦନ୍ତ ଜାରି ରଖିଛି ।

# ଓଡିଶା ଉଠା ଜଳସେଚନ ନିଗମ ୫୦ ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୦୧/୯(ନି.ପ୍ର): ୫୦ ବର୍ଷ ଧରି ଚାଷୀଙ୍କ ହିତରେ କାମ କରୁଛି ଓଡିଶା ଉଠା ଜଳସେଚନ ନିଗମ । ଓଏଲଆଇସି ରାଜ୍ୟର ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇପାରିଛି । କୃଷକମାନଙ୍କୁ ଜଳର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯୋଗାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ରାଜ୍ୟ ଲୋକ ସେବା ଭବନରେ ଆୟୋଜିତ ଉଠା ଜଳସେଚନ ନିଗମର ୫୦ ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଗତ ପଚାଶ ବର୍ଷ ମଧ୍ୟରେ ଓଏଲଆଇସି ୧୩ ଲକ୍ଷ ୫୦ ହଜାର ହେକ୍ଟରରୁ ଅଧିକ ଚାଷଜମିରେ ଜଳସେଚନ କରିଛି । ସେହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ୧ ଲକ୍ଷ ନୂଆ ଗଭୀର ନଳକୂପ ଖୋଳାଯାଇଛି । ଆଗାମୀ ୫ ବର୍ଷରେ ଆଉ ୫ ଲକ୍ଷ ଗଭୀର ନଳକୂପ ଖୋଳିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ଏକାଧିକ ଥର ଓଡ଼ିଶା କୃଷି କର୍ମଣ ପୁରସ୍କାର ପାଇଛି । ସମାରୋହରେ ଉଦବୋଧନ ଦେଇ ଏହି ସୂଚନା ଦେଇଛନ୍ତି ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ।

# ରୂପସାରେ ମୁନି ସମାଜର ଜନ୍ମଦିନ ପାଳନ ସହିତ ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ପାଳନ



ରୂପ୍ସା, ୦୧/୯(ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମୁନିଙ୍କ ରୂପସା ବାସଭବନରେ,ତାଙ୍କ ସୁପୁତ୍ର ମୁନି ସାନ୍ତନୁ କୁମାର-ମୁନିମତୀ ମୋନାଲିଶାଙ୍କର ଏକମାତ୍ର ସୁପୁତ୍ର ମୁନି କୁମାର ତ୍ରିଶାନର ଶୁଭ ଚତୁର୍ଥ ଜନ୍ମଦିନ ପାଳନ ସହିତ ତାଙ୍କର ବିଦ୍ୟାରମ୍ଭ,ମୁନିସମାଜରଜ୍ୟୋତି ଜିଲ୍ଲା ସମ୍ପାଦକ ରାଜ୍ୟ ପ୍ରଚାର୍ ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଅନନ୍ତ ମୁନିଜୀ ମହୋଦୟଙ୍କ ସଭାପତିତ୍ୱରେ,ବହୁ ସାଧକ-ସାଧିକା ମାନଙ୍କ ଗହଣରେ, ମହାସମାରୋହରେ ପାଳିତ ହୋଇଯାଇଛି ।ଆଚାର୍ଯ୍ୟ ଆସନ ଅଳଙ୍କୃତ କରିଥିଲେ, ବ୍ରହ୍ମଜ୍ଞାନୀ ବିଦ୍ୱାନ ଯୋଗୀ ମନ୍ମଥ ଆଇଚ ମହୋଦୟ ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ,ସହଦେବ ଖୁଣ୍ଟା ଯୋଗାଶ୍ରମରୁ ଆସିଥିବା, ମୁନି ରତ୍ନ , ବ୍ରହ୍ମଜ୍ଞାନୀ ଯୋଗୀ ତ୍ରିଲୋଚନ ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ,ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ।ସମ୍ମାନୀତ ବକ୍ତା ହିସାବରେ, ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି, ଯୋଗୀ ଶଙ୍କର ପାଲ, ଯୋଗୀ ହରିଶ୍ଚନ୍ଦ୍ର ମୁନି,ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ ଶାନ୍ତୀଲତା ବେହେରା, ଆତ୍ମଜ୍ଞାନୀ କନକଲତା ଆଇଚ, ଶାନ୍ତିଲତା ମହାନ୍ତି, ସୁବାସିନୀ ମହାନ୍ତି, ଯୋଗୀ ଚନ୍ଦ୍ରମୋହନ ମହାନ୍ତି ଇତ୍ୟାଦି ।ଅତିଥି ପରିଚୟ ପ୍ରଦାନ କରିଥିଲେ, ସ୍ୱୟଂ ଜେଜେ ଭିକାରି ଚରଣ ମିସ୍ତ୍ରୀ ମହୋଦୟ ।ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ମୁନି କୁମାରୀ ଜାଜ୍ଞସେନୀ ବେହେରା ।ଆବାହନୀ ସଙ୍ଗୀତ,ମୁନି ସଙ୍ଗୀତ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ଯୋଗଶିକ୍ଷୟତ୍ରୀ କମଳିନୀ ଦେବୀ ।ମଞ୍ଚରେ ପୂର୍ଣସହଯୋଗ କରିଥିଲେ ମୁନି ରାଜ ଅମୂଲ୍ୟମୁନିଜୀ ମହୋଦୟ । ଉପସ୍ଥିତ ଥିଲେ,ମୁନିରାଜ୍ଞୀ ବିମଳା ଲେଙ୍କା, ବାସନ୍ତୀ ମହାଳିକ, ମୁନିରାଜ୍ଞୀ ବିଣାପାଣୀ ସାହୁ, ଶକୁନ୍ତଳା ପରିଡ଼ା, ସରସ୍ୱତୀ ନନ୍ଦ, ସିନ୍ଧୁ ସିଂ, ସାଧନ ସିଂ, ମୁନି ରଘୁନାଥ ବେହେରା, ଅଜା-ବଶୀଧର ରଣା,ଆଈ -ଗୀତାଞ୍ଜଳୀ ରଣା, ଦାଦା-ମୁନି ବିଶ୍ୱଜିତ୍, ଖୁଡୀ-ମୁନିମତୀ ସୁକାନ୍ତୀ, ଶ୍ରୀଯୁକ୍ତ ସୁବଲ କାମିଳା ଏବଂଶ୍ରୀଯୁକ୍ତ ସନ୍ତୋଷ ରଣା ଇତ୍ୟାଦି ବନ୍ଧୁମାନେ ।ପ୍ରଥମେ ସମୂହ ପ୍ରଣବ ଶୁଭ ଭାବନା, ବେଦ ପାଠ, ଶାନ୍ତିପାଠ କରାଯାଇ ତ୍ରିଶାନଙ୍କୁ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ କାମନା କରାଯାଇ ଥିଲା ।

# ବିଏସଏନଏଲ ଓଡିଶା ପରିମଣ୍ଡଳରର ହିନ୍ଦୀ ପକ୍ଷ-୨୦୨୨ ଉଦ୍‌ଯାପିତ



ଭୁବନେଶ୍ୱର, ୦୧/୯(ନି.ପ୍ର): ଭାରତ ସଞ୍ଚାର ନିଗମ ଲିମିଟେଡ, ଓଡିଶା ପରିମଣ୍ଡଳ, ଭୁବନେଶ୍ୱର ତରଫରୁ ହିନ୍ଦୀ ପକ୍ଷ-୨୦୨୨ ସମାପନ ଏବଂ ପୁରସ୍କାର ପ୍ରଦାନ ସମାରୋହ ତା ୨୯.୦୯.୨୦୨୨ ଦିନ ଉଦଯାପିତ ହୋଇଯାଇଛି । ବିଏସଲନ୍‌ଏଲ ଓଡିଶା ପରିମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ରୁଦ୍ରନାରାୟଣ ପଲାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ରାଷ୍ଟ୍ରୀୟ କାଯ୍ୟକ୍ରମରେ ବିଶିଷ୍ଟ ଭାଷାବିଦ୍ ଏବଂ ଓଡିଶା ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷ ଡା.ସଂଗ୍ରାମ ଜେନା ମୁଖ୍ୟ ଅତିଥି ଏବଂ କେନ୍ଦ୍ରୀୟ ଉଚ୍ଚତର ଶିକ୍ଷା ମନ୍ତ୍ରାଳୟର ପ୍ରାଧାପକ ଡା. ଦେବାଶୀଷ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ । ରାଜଭାଷା ହିନ୍ଦୀର ପ୍ରସାର ଓ ପ୍ରଚାର ଉନେର ପର୍ଯ୍ୟବେଶିତ ଏହି କାର୍ଯ୍ୟକ୍ରମର ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ବହୁଳ ଜନତାଙ୍କର ଭାଷା ହିନ୍ଦୀ କେବଳ ଆଦାନ ପ୍ରଦାନର ଭାଷା ନୁହେଁ ବରଂ ଯୋଗାଯୋଗର ଏକ ପ୍ରଭାବଶାଳୀ ମାଧ୍ୟମ ବୋଲି ଦର୍ଶାଇଥିଲେ । ମାତୃଭାଷା ସହିତ ହିନ୍ଦୀ ଭାଷାର ଉନ୍ନତି ପାଇଁ ପ୍ରତ୍ୟେକ ଭାରତୀୟ ନାଗରିକ ଯତ୍ନବାନ ହେବା ସହ ଅତୀତ ବର୍ତ୍ତମାନ ଓ ଭବିଷ୍ୟତରେ ରାଜଭାଷା ହିନ୍ଦୀର ଉନ୍ନତି ଦିନେର ତତ୍ପରତା ପ୍ରକାଶ ପାଇବା ଉନେର ମୁଖ୍ୟବକ୍ତା ଡା.ମହାପାତ୍ର ମତ ରଖିଥିଲେ । ସରକାରୀ ଇ-ଅଫିସ କାର୍ଯ୍ୟ ସହିତ ସାରା ବର୍ଷ ସରକାରୀ କାଯ୍ୟରେ ଅଧିକରୁ ଅଧିକ ହିନ୍ଦୀର ପ୍ରୟୋଗ କରିବା ଏବଂ କାର୍ମଚାରୀ ମାନେ ସେମାନଙ୍କ ପିଲାଙ୍କୁ ହିନ୍ଦୀ ଭାଷା ପ୍ରତି ଉତ୍ସାହିତ କରିବାକୁ ସମାରୋହରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ପଲାଇ ନିବେଦନ କରିଥିଲେ । ହିନ୍ଦୀ ଗୃହ ପତ୍ରିକା-ଉତ୍କଳ ସଂଚାର (ହିନ୍ଦୀ ପକ୍ଷ ବିଶେଷାଂକ)-୨୨ ଉନ୍ମୋଚନ ସହିତ ପିଲାମାନଙ୍କ ପାଇଁ ଆୟୋଜିତ ନିବନ୍ଧ, ଅନୁବାଦ ପ୍ରତିଯୋଗିତା ଓ କାର୍ମିକ ମାନଙ୍କ ପାଇଁ ହିନ୍ଦୀ ଟିପ୍ପଣୀ-ମସୌଦା ଲିଖଦ, ତକ୍, ସ୍ୱରଚିତ କବିତାବୃତ୍ତି, ପ୍ରଶ୍ନ-ମଞ୍ଚ ଏବଂ ସଂଗୀତ ପ୍ରତିଯୋଗିତା ଇତ୍ୟାଦିର ବିଜେତା ମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହିତ ସମାରୋହର ଅତିଥିମାନେ ପ୍ରୋତ୍ସାହିତ କରିଥିଲେ । ବରିଷ୍ଠ ମହାପ୍ରବନ୍ଧକ, ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର ଏହି ସମାରୋହକୁ ସ୍ୱାଗତ କରିବା ସହ ପୁରସ୍କାର ବିଜେତା ମାନଙ୍କର ହିନ୍ଦୀ ପ୍ରତି ଆଗ୍ରହକୁ ଅଭିନନ୍ଦନ କରିଥିଲେ । ଏହି ଅବସରରେ ଶାଖା ମହାପ୍ରବନ୍ଧକ ଶ୍ରୀ ଦୁଷ୍ମନ୍ତ କୁମାର ବେହେରା, ମନୋଜ କୁମାର ପଟେଲ, ଗୁପ୍ତ ଚନ୍ଦ୍ର ବିଡିକା, ଶଶୀ ଦେବ ଦୁର୍ଗା, ଗୁରୁଦାସ ମେହେର, ଜି.କେ. ଯାଦବ(ଇଲେକ୍ଟ୍ରିକାଲ), ହମ୍ବେ ହେମ୍ବ୍ରମ୍(ବିତ୍ତ) ପ୍ରଭୃତି ବରିଷ୍ଠ ଅଧିକାରୀ ମାନେ ହିନ୍ଦୀର ଗୌରବ ବିଷୟକ ଚର୍ଚ୍ଚାରେ ନିଜନିଜର ବକ୍ତବ୍ୟ ରଖିଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ଭଦ୍ରକ, ୦୧/୯(ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଯୋଜନା ବିଭାଗ ଦ୍ୱାରା ଆଜି ଜିଲ୍ଲା ସ୍କୁଲ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ନାଥ ଗମାଙ୍ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାର ଏ.ଡ଼ି.ପି.ଏଚ୍.ଓ. ଡ଼ା ଭାରତୀ ରାଉତ, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ବୟସ୍କ ନାଗରିକ ବା ବୃଦ୍ଧବୃଦ୍ଧାମାନେ ନିଜ ପରିବାର ପାଇଁ ବା ସମାଜ ପାଇଁ କେବେ ବି ଅଲୋଡ଼ା ନୁହଁନ୍ତି ବରଂ ସେମାନଙ୍କର ଅଭିଜ୍ଞତା ଅନୁଭୂତି ସମାଜ ପାଇଁ ସବୁବେଳେ ଆଶୀର୍ବାଦ ହୋଇଥାଏ । ଆଜିର ଜଗତିକରଣ ଓ ବସ୍ତୁବାଦୀ ଦୁନିଆରେ ସେମାନଙ୍କ ପ୍ରତି ଅତ୍ୟାଚାର, ନିର୍ଯ୍ୟାତନା, ଅବହେଳା ଜନିତ ଦୃଷ୍ଟିଗୋଚର ହେଉଥିବା ଘଟଣା ସମାଜ ପାଇଁ ଆଦୌ ଶୁଭଙ୍କର ନୁହଁ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ଯାବତୀୟ ସମସ୍ୟା ଭିତରେ ଥାଇ ବି ଆତ୍ମ ନିର୍ଭରଶୀଳତାର ସହିତ ବୟସର ଅପରାହ୍ନରେ ବି ନିୟମିତ, ସ୍ୱାସ୍ଥ୍ୟପ୍ରଦ ଜୀବନ ଶୈଳୀକୁ ଆପଣେଇ ପାରିଲେ ଶେଷ ଜୀବନ ପର୍ଯ୍ୟନ୍ତ ସମାଜରେ ସୁଖି ମଣିଷଟିଏ ହୋଇ ବଞ୍ଚିପାରିବ ବୋଲି ମଧ ଅତିଥିମାନେ ଉତ୍ସବରେ ଉପସ୍ଥିତ ବୟସ୍କ ନାଗରିକ ମାନଙ୍କୁ ଉତ୍ସାହିତ କରିଥିଲେ । ଦେଢ଼ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏଥିରେ ଉପସ୍ଥିତ ଥିଲେ । ଏହି ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ର ଆୟୋଜନ କରାଯାଇଥିଲା । ଭେଷଜ, ହୃଦ୍‌ରୋଗ, ଚକ୍ଷୁ, ଅସ୍ଥିଶଲ୍ୟ ଆଦି ବିଭିନ୍ନ ବିଭାଗୀୟ ଅଭିଜ୍ଞ ଡ଼ାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

## ଆମ ବ୍ୟଙ୍ଗ ପସରାର ସାରଦିଆ ସଂଖ୍ୟା ଉନ୍ମୋଚନ



ଭଦ୍ରକ, ୦୧/୯(ନି.ପ୍ର): ସଭାପତି ଗୋଲକ ବିହାରୀ ସାହୁଙ୍କ ଅଧକ୍ଷତାରେ ଶ୍ରୀମତୀ ବସନ୍ତ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶିତ 'ଆମ ବ୍ୟଙ୍ଗ ପସରା'ର ସାରଦିଆ ସଂଖ୍ୟା ଓ ଶ୍ରୀମତୀ ମିଶ୍ରଙ୍କ ଏକପଦୀ ଭକ୍ତି ସଂକଳନ 'କୈବଲ୍ୟ କଣିକା' ଏବଂ ଶିଶୁ ଗଳ୍ପ ପୁସ୍ତକ 'ଗପଟିଏ ସେ ତ ତାରାଟିଏ'ର ଉନ୍ମୋଚନ ସାବନ ବଜାର ସ୍ଥିତ 'ସାବିତ୍ରୀ ଭବନ' ପରିସରରେ ହୋଇଥିଲା। ମୁଖ୍ୟଅତିଥି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ହାସ୍ୟ ଲେଖା ମଣିଷକୁ ଦୀର୍ଘାୟୁ କରେ ଓ କବିତା ସାରସ୍ୱତ ଜଗତ ମା' ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଡଃ ପ୍ରଭାତ ନଳିନୀ ମହାପାତ୍ର ବ୍ୟଙ୍ଗଲେଖା ସମାଜରେ ସଂସ୍କାର ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ରଶ୍ମିତା ଦାଶ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ଆଣିଥିଲା ବେଳେ ଅତିଥିମାନଙ୍କୁ ବ୍ୟାଜ୍ ଓ ଫୁଲତୋଡ଼ା ପ୍ରଦାନ କରିଥିଲେ ଚୈତାଳୀ ଖିଲାର ଓ ଦୀପ୍ତିମୟୀ ସାହୁ। ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ବେଳେ ବେଦପାଠ କରିଥିଲେ ବିଜୟ କୁମାର ବହଳୀ। 'କୈବଲ୍ୟ କଣିକା'ର ସମୀକ୍ଷକ ଡ. ସୁକାନ୍ତୀ ମହାପାତ୍ର ଭକ୍ତି କବିତା ଭକ୍ତର ଅନ୍ତରରୁ ଝରି ଆସିଥାଏ ଓ ତାହା ଭକ୍ତ ଓ ଭଗବାନଙ୍କୁ ଏକାକାର କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। 'ଗପଟିଏ ସେ ତ ତାରାଟିଏ'ର ସମୀକ୍ଷକ ଗୀତା ରାଣୀ ଆଇଚ ଶିଶୁ ଗଳ୍ପ ବହିଟିର ପ୍ରତ୍ୟେକ ଗଳ୍ପ ଶିଶୁମାନଙ୍କ ପାଇଁ ଶିକ୍ଷଣୀୟ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଆସରରେ ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା ଓ ତାଙ୍କ ମାନପତ୍ର ପାଠ କରିଥିଲେ ମିନତୀ ନାୟକ। ବ୍ୟଙ୍ଗ ଚିତ୍ରକର ଚୂଡାମଣି ଦାସଙ୍କୁ ମଧ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ତାଙ୍କ ମାନପତ୍ର ପାଠ କରିଥିଲେ ମନୋରମା ରାୟ। ଗଙ୍ଗାଧର ପତି, ଗୌରାଙ୍ଗ ବିଶ୍ୱାଳ, ସଞ୍ଜୟ ଦାସ, ରମେଶ ଚନ୍ଦ୍ର ଦାସ, ବାବୁଲାଲ ଦାସ ପ୍ରମୁଖ ସଭାଟିକୁ ପରିଚାଳନା କରିଥିଲା ବେଳେ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରାଇଥିଲେ। ସଭାଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଗୟାଧର ପଣ୍ଡା।

## ହତ୍ୟା ଘଟଣାର ପର୍ଦ୍ଦାଫାସ, ୭ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



ବାରିପଦା, ୦୧/୯(ନି.ପ୍ର): ମୟୂରଭଂଜ ଜିଲ୍ଲାର ଚାନ୍ଦୁଆ ଥାନା ଅଂଚଳର ସୁବର୍ଣ୍ଣରେଖା ମୁଖ୍ୟ କେନାଲରୁ ଅଖା ବସ୍ତାରୁ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ । ଉକ୍ତ ଘଟଣାରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବାରିପଦା ଠାରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ପ୍ରଦାନ କରିଛନ୍ତି ବାରିପଦା ସଦର ଏସ. ଡି.ପି.ଓ. ପ୍ରକାଶ ଜେମସ ଟୋପ । ଅଭିଯୁକ୍ତ ମାନେ ହେଲେ ନୋଧବୋଣୀ ଗ୍ରାମର ଶଙ୍ଖ ମୁର୍ମୁ(୪୫), ଟିବୁ ଟୁଡୁ(୪୦), କୁନା ମୁର୍ମୁ(୩୦), ଘନ ମୁର୍ମୁ(୪୦) , ବୃନ୍ଦାବନ ସୋରେନ(୪୫), ରଂଜନ ମୁର୍ମୁ(୬୦), ବସଲା ସୋରେନ(୪୫) ବୋଲି ଜଣା ଯାଇଛି । ସୂଚନା ଅନୁଯାୟୀ ଗତ ସେପ୍‌ଟେମ୍ବର ୨୧ତାରିଖରେ ଚାନ୍ଦୁଆ ଥାନା ଅନ୍ତର୍ଗତ ନୋଧବୋଣୀ ଗ୍ରାମ ପାଖରେ ଥିବା ସୁବର୍ଣ୍ଣରେଖା ମୁଖ୍ୟ କେନାଲର ୪ ନମ୍ବର ଗେଟରେ ଏକ ଧଳା ରଙ୍ଗର ମୁହଁ ବନ୍ଦ ଅଖା ଦୁଇ ତିନିଦିନ ହେବ ଭାସୁଥିବାର ଗ୍ରାମବାସୀ ମାନେ ଦେଖିଥିଲେ । ମାତ୍ର ସେଥିରୁ ଦୁର୍ଗନ୍ଧ ବାହାରିବାରୁ ସନ୍ଦେହ କରି ସ୍ଥାନୀୟ ଲୋକେ ଚାନ୍ଦୁଆ ପୁଲିସକୁ ଖବର ଦେଇଥିଲେ । ଥାନା ଅଧିକାରିଣୀ କୁନି ବେଶ୍ରା ଘଟଣା ସ୍ଥଳରେ ପହଂଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଉକ୍ତ ବସ୍ତାଟିକୁ ଉପରକୁ ଆଣି ଖୋଲିବାରୁ ଜଣେ ଅପରିଚିତ ବ୍ୟକ୍ତିଙ୍କର ଗଳିତ ମୃତଦେହ ଥିବାର ଜଣାପଡିଥିଲା । ପୋଲିସ ଶବ ଉଦ୍ଧାର କରିବା ସହ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ତେବେ ଚାନ୍ଦୁଆ ଥାନାକୁ ସେପ୍‌ଟେମ୍ବର ୨୭ ତାରିଖରେ ଏକ ମିସିଂ କେସ ଆସିବା ପରେ ପୋଲିସ ମୃତକଙ୍କ ଜବଦ ହୋଇଥିବା ପୋଷାକ ତାଙ୍କ ମାଆ ଏବଂ ସ୍ତ୍ରୀଙ୍କୁ ଦେଖାଇବାରୁ ସେମାନେ ଚିହ୍ନଟ କରିବା ପରେ ପୋଲିସ ସମ୍ପୂର୍ଣ୍ଣ ଘଟଣା ପର୍ଦ୍ଦାଫାସ କରିଥିଲା । ତେବେ ଉକ୍ତ ହତ୍ୟାକାଣ୍ଡ ଟି ଅନ୍ଧ ବିଶ୍ୱାସ ଓ ଗୁଣି ଗାରେଡି ସନ୍ଦେହରେ ହୋଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି । ସେହି ଗ୍ରାମର କିଛି ଲୋକ ମୃତକ ବ୍ୟକ୍ତିଙ୍କ ଗୁଣି ଗାରେଡି କରିବା କାରଣରୁ ତାଙ୍କ ଗ୍ରାମରେ ଲୋକଙ୍କ ଦେହପାଆ ଖରାପ ହେଉଥିବା ନେଇ ତାଙ୍କୁ ଦାୟୀ କରି ଗାଁରେ ଏକ ବୈଠକ ଡକାଯାଇଥିଲା । ତେବେ ମୃତକ ଫୁଟବଲ ଖେଳ ଦେଖିବାକୁ ଯାଇଥିବାରୁ ବୈଠକକୁ ଯାଇ ପାରି ନଥିଲେ । ସଂଧ୍ୟାରେ ଫୁଟବଲ ଖେଳ ଦେଖି ଫେରିବାରୁ ଆସାମୀ ମାନେ ତାଙ୍କୁ ଦେଖି ଉତ୍ୟକ୍ତ ହୋଇ ତା ବେକରେ ଥିବା ଗାମୁଛାରେ ବେକକୁ ଚିପି ହତ୍ୟା କରି ଶବକୁ ଲୁଚାଇବାକୁ ବସ୍ତାରେ ପୁରାଇ କେନାଲରେ ଫିଙ୍ଗି ଦେଇଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଛେଳିକୁ ଗିଳୁଥିବା ବେଳେ ୧୦ଫୁଟ ଲମ୍ବର ଅଜଗର ଉଦ୍ଧାର

ନୀଳଗିରି, ୦୧/୯(ନି.ପ୍ର): ନୀଳଗିରି ଏନ.ଏ.ସି. ଅନ୍ତର୍ଗତ ୪ନମ୍ବର ୱାର୍ଡର ମଧୁବନ ଗ୍ରାମର ଗୌରୀ ସିଂ ଙ୍କ ଏକ ଛେଳିକୁ ଅଜଗର ଗିଳୁଥିବା ବେଳେ ଛେଳିର ବୋବାଳି ଶୁଣି ଘର ଲୋକେ ପହଂଚି ଘଟଣା ସଂପର୍କରେ ଜାଣି ସାପ ଧରାଳିଙ୍କୁ ଖବର ଦେଇଥିଲେ । ସାପ ଧରାଳି ଜଗବନ୍ଧୁବେହେରା ଓ ହରେକୃଷ୍ଣ ରାଉତ ଘଟଣା ସ୍ଥଳରେ ପହଂଚି ବିରାଟ ୧୦ଫୁଟ ଲମ୍ବର ଅଜଗର କବଳରୁ ଛେଳିଟିକୁ ଉଦ୍ଧାର କରିଥିଲେ । ପରେ ସାପଟିକୁ ପାଖ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି ।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଜୟା ଦଶମୀ ଉତ୍ସବ ପାଳିତ

ଜଳେଶ୍ୱର, ୦୧/୯(ନି.ପ୍ର): ଆଜି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଜୟ ଦଶମୀ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ଜଳେଶ୍ୱର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ଗିରିଶ ପାଣିଗ୍ରାହୀ ସଭାପତିତ୍ୱ କରି ଥିଲେ । ଏଥିରେ ଜିଲା ସ୍ୱୟଂ ସେବକ ସଂଘର ସଂଚାଳକ ସୁଭ୍ରାଂଶୁ ଶେଖର ଦାସ ମହାପାତ୍ର ଯୋଗ ଦେଇ ସଂଘ ଦ୍ୱାରା ରାଷ୍ଟ୍ରିୟ ଭାବନା ଉଦ୍ରେକ ହୋଇଥାଏ ବୋଲି କହିଥାଏ । ମୁଖ୍ୟବକ୍ତାଭାବେ ରାଜ୍ୟ ବିଭାଗ କାର୍ଯ୍ୟକ୍ରମର କର୍ମକର୍ତ୍ତା ପାର୍ଥସାରଥି ଦାସ ଯୋଗ ଦେଇ କହିଲେ ରାଷ୍ଟ୍ରପାଇଁ ଆର୍‌ଏସ୍‌ଏସ୍ ସମର୍ପିତ, ରାଷ୍ଟ୍ର ଗଠନ ପାଇଁ ଏକତା ଉଦ୍ରେକ ହେବା ଉଚିତ୍ । ଭାରତମାତା ମା ଦୁର୍ଗାଙ୍କର ପ୍ରତୀକ, ଦୁଷ୍ଟ ବିନାଶିନୀ, ଶକ୍ତି ଉପାସନାର ବିଗ୍ରହ ବୋଲି କହିବା ସହିତ ସଂଗଠନ ହିଁ ଶକ୍ତି ଓ ଶକ୍ତି ବିନା ପ୍ରଗତି ଅସମ୍ଭବ ବୋଲି କହିଥିଲେ । ନଗର ସଂଘ ଚାଳକ ରାଧାଶ୍ୟାମ ଦାସ, ଚନ୍ଦନ ଦାସ, କପିଳେଶ୍ୱର ମହାନ୍ତି, ବିଦ୍ୟାଧର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରଭାତରେ ପଥସଞ୍ଚଳନ ସମେତ ବୈଦ୍ଧିକ କାର୍ଯ୍ୟକ୍ରମ, ଧ୍ୱଜାରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ରାଜଧାନୀରେ ୨୨ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୦୧/୯(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅଂଚଳରୁ ଶନିବାର ମୋଟ ୨୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୨୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୯୧୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୪ ହଜାର ୧୫୧ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୫୪୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

## ଗାନ୍ଧୀଜୟନ୍ତୀ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ



ବାରିପଦା, ୦୧/୯(ନି.ପ୍ର): ମହାତ୍ମାଗାନ୍ଧୀଙ୍କର ୧୫୩ ତମ ଜୟନ୍ତୀ ଉପଲକ୍ଷେ "ଭାରତ ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ଭୂମିକା" ଶୀର୍ଷକ ବିଷୟବସ୍ତୁ ଉପରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଭଞ୍ଜପୁର ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଜିଜ୍ଞାସା ମିଶ୍ର ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳର ଛାତ୍ର ଏମଡି ଦସ୍ତାଗୀର ହୁସେନ ଦ୍ୱିତୀୟ, ଏମକେସି ହାଇସ୍କୁଲର ଏସ୍ କେ ଫାରହାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ବିଭାଗରେ ଏମକେସି ହାଇସ୍କୁଲର ଛାତ୍ର ମାନସ କୁମାର ଜେନା ପ୍ରଥମ, ଶରତଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ଦେ ଦ୍ୱିତୀୟ ଓ କମଳାନେହେରୁ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ନିମିଶା ବେହେରା ତୃତୀୟ ସ୍ଥାନ ଅଧିକାର କରଛନ୍ତି। କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଳନା କରିଥିବାବେଳେ ଶିକ୍ଷକ ଅଜିତ କୁମାର ମହାନ୍ତି ସହଯୋଗ କରିଥିଲେ।

## ବାଲିଆପାଳରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



ବାଲିଆପାଳ, ୦୧/୯(ନି.ପ୍ର): ବାଲିଆପାଳରେ ଆନ୍ତଃଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ବାଲିଆପାଳ ବରିଷ୍ଠ ନାଗରିକ ସଭାଗୃହରେ ପରିଷଦର ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୌରହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକର ଆଦର୍ଶ,ସେବା ମନୋଭାବ ଓ ନିସ୍ୱାର୍ଥ କର୍ମ ସମାଜକୁ ଏକ ଦିଗ ଦର୍ଶନ ଦେଇଥାଏ ବୋଲି ଉପସ୍ଥିତ ଅତିଥି ମାନେ କହିଥିଲେ । ବିଦ୍ୟାଳୟ ମାନଙ୍କରେ ଗୁଣାତ୍ମକ ଶିକ୍ଷା ତଥା ନୈତିକ ଶିକ୍ଷା ଅତ୍ୟନ୍ତ ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା । ୫ଟି ଓ ଆର୍ଦଶ ବିଦ୍ୟାଳୟ ତଥା ଅନ୍ୟ ବିଦ୍ୟାଳୟ ମାନଙ୍କରେ ଶିକ୍ଷାରତ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ନୈତିକ ଶିକ୍ଷାରୁ ବଂଚିତ ହେଉଥିବାରୁ ବରିଷ୍ଠ ନାଗରିକ ମାନେ କ୍ଷୋଭ ପ୍ରକାଶ କରିଥିଲେ । ଏହି ବୈଠକରେ ଶିକ୍ଷାବିତ୍ ଚିତରଞ୍ଜନ ଦାସ, କୁଞ୍ଜକାନ୍ତ ପାତ୍ର, ପୂର୍ଣ୍ଣଚନ୍ଦ୍ର ରାଜ, ସନ୍ୟାସୀ ବେହେରା, ଶମ୍ଭୁନାଥ ଗିରି,ବିଜୟ କୁମାର ଦେ, ଶ୍ରୀହରି ମଣ୍ଡଳ, ଝାଡେଶ୍ୱର ପ୍ରଧାନ, ଝାଡେଶ୍ୱର ଦାସ, ବୀରମାଧବ ଦାସ, ବଙ୍କିମ ଜେନା, ବିଜୟ ପାତ୍ର, ଅଜିତ ପାତ୍ର ଆଦି ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ ।

## ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀରେ ମାଗଣା ଗୋ ଚିକିତ୍ସା ଶିବିର : ୪୩୭ ଚିକିତ୍ସିତ

ଜଳେଶ୍ୱର, ୦୧/୧୦(ନି.ପ୍ର): ଜଳେଶ୍ୱର ବ୍ଲକର ଛମୌଜ ରାଣୀ ପୋଖରୀ ଠାରେ ଦୁର୍ଗାପୂଜାର ୫୦ବର୍ଷ ପୁର୍ତ୍ତି ଅବସରରେ ଏକ ମେଗା ମାଗଣା ଗୋ ଚିକିତ୍ସା ଶିବର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ବାଲେଶ୍ୱର ଜିଲା ମୁଖ୍ୟ ପ୍ରାଣି ଚିକିତ୍ସାଧିକାରୀ ଡା. ବନମାଳି ସାହୁ ଉଦ୍‌ଘାଟନ କରି ଭାରତୀୟ ସଂସ୍କୃତିରେ ଗୋରୁ ଗାଈର ଭୂମୀକା ଗୁରୁତ୍ୱ ପୂର୍ଣ୍ଣ । ଚାଷ କରିବା, ଗୋରସ ପାଇବା, ଜୈବିକ ସାର ଇତ୍ୟାଦି ଲାଗି ଗୋ ସମ୍ପଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇ ଆସୁଛି । ତାର ଚିକିତ୍ସାଲାଗି ସମସ୍ତେ ଧ୍ୟାନ ଦେବା ଉଚିତ୍ ବୋଲି କହିଥିଲେ । ଜିଲା ଅତିରିକ୍ତ ପ୍ରାଣିଚିକିତ୍ସାଧିକାରୀ ଡା. ରଂଜନ କୁମାର ଦାସ, ଡା. ଶିବ ପ୍ରସାଦ ଦାସ, ଡା. ଅଜିତ୍ କୁମାର ସାମଲ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଜଳେଶ୍ୱର ଗୋଷ୍ଠୀ ପ୍ରାଣୀଚିକିତ୍ସାଧିକାରୀ ସୁନିଲ କୁମାର ଭୂୟାଁ ଓ ସହକାରୀ ପ୍ରାଣିଚିକିତ୍ସାଧିକାରୀ ଶୈଳେନ୍ଦ୍ରୀ ଗୁପ୍ତା ଅତିଥିଭାବେ ଯୋଗ ଦେଇ ଗୋ-ପାଳନର ଆବଶ୍ୟକତା ସଂପର୍କରେ କହିଥିଲେ । ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀର ସଭାପତି ଗୌରହରୀ ଜେନା ଏଥିରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଂଚ ସାଗରବାଳା ଜେନା, ସମିତି ସଦସ୍ୟ ଆରତୀ ଜେନା ବକ୍ତବ୍ୟ ରଖିଥିବା ବେଳେ ଯୁବକ ସଂଘର ସଭାପତି ପାର୍ଥସାରଥି ଦାସ ବକ୍ତବ୍ୟ ରଖିଥିଲେ । ମୋଟ ୪୩୭ ଗୋରୁ ଗାଈଙ୍କୁ ମାଗଣାରେ ଟିକାକରଣ ଓ ବିଭିନ୍ନ ଚିକିତ୍ସା କରାଯାଇଥିଲା । ପୂଜାକମିଟିର ସାଂଗଠନିକ ସଂପାଦକ ରବିନ୍ଦ୍ର ଜେନା, ଅସିତ୍ ଜେନା, ନିର୍ମଳ ରାଜ, ଭାଗବତ ମହାନ୍ତି, ନିର୍ମାଳ ଚାନ୍ଦ, ଭାଗବତ ଦାସ, ରାଧାଶ୍ୟମ ବାରିକ, ଜ୍ୟୋତିରଂଜନ ପରିଡା, ସତ୍ୟରଂଜନ ଦତ୍ତ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ଶାରଦୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ



ବାଲେଶ୍ୱର, ୦୧/୯(ନି.ପ୍ର): ଓଡ଼ିଶାର ବହୁପୁରାତନ ମାସିକ ମହିଳା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ଶାରଦୀୟ ସାରସ୍ୱତ ସମାରୋହ ସ୍ଥାନୀୟ ହୋଟେଲ ଫାନ୍‌ଟାସି ସଭାଗୃହରେ ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ରାଣୀ ଶ୍ରୀମତୀ ମନୋଜା ମଞ୍ଜରୀ ଦେବୀ, ନୀଳଗିରି ଯୋଗଦେଇ ମନର ସରଳତା ଓ ସଂଯମତା ଉପରେ ପିତା-ମାତାମାନେ ଗୁରୁତ୍ୱ ଦେଲେ ସମାଜ ପରିବର୍ତ୍ତିତ ହୋଇ ସମାଜରେ ସୁଖ ଓ ଶାନ୍ତି କିପରି ପ୍ରତିଷ୍ଠା ହୋଇପାରିବ ତାହାର ଉଦାହରଣ ଦେଇଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମଣୀନ୍ଦ୍ର କୁମାର ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁରୁଷମାନେ ନାରୀ ସୁରକ୍ଷାରେ ବ୍ରତୀ ହେଲେ ନାରୀତ୍ୱର ବିଜୟ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଓ ପତ୍ରିକା କିଣି ପାଠକମାନେ ସାମାଜିକ ଓ ଜାତୀୟ କର୍ତ୍ତବ୍ୟ ତୁଲାଇବାକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ନାରୀ ଶକ୍ତିକୁ ସଶକ୍ତ କରୁଥିବା ଏହି ପତ୍ରିକାର ପ୍ରକାଶନରେ ସଂପାଦିକାଙ୍କ ବଳିଷ୍ଠ ଭୂମିକା ଓ ଗୁଣାତ୍ମକ ଦିଗ ଉପରେ ଆଲୋଚନା କରି ସାରସ୍ୱତ ସମାରୋହକୁ ସ୍ୱାଗତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡ. ଶିରୀଶ ଚନ୍ଦ୍ର ଜେନା ଓ ଝରଣା ପଟ୍ଟନାୟକ ପତ୍ରିକାର ଗୁଣାତ୍ମକ ଦିଗ ଓ ପାଠକୀୟ ଆଦୃତି ଉପରେ ଆଲୋଚନା କରିଥିଲେ । ସଂପାଦିକା ମମତା ମହାପାତ୍ର ପତ୍ରିକାର ସାହିତ୍ୟିକମାନଙ୍କ ପରି ପତ୍ରିକାର ସଂପାଦିକାମାନଙ୍କୁ ପୁରସ୍କୃତ କରି ପ୍ରୋତ୍ସାହନ ଦେବାକୁ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ପତ୍ରିକାର ଅକ୍ଟୋବର ଶାରଦୀୟ ସଂଖ୍ୟା-୨୦୨୨ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅଧ୍ୟାପକ କମଳାକାନ୍ତ ଦାଶ ଅତିଥି ପରିଚୟ ଦେଇଥିବା ବେଳେ ସ୍ମୃତି ଦାସ ମଂଚ ଆହ୍ୱାନ କରିଥିଲେ । ଓଁ ସାଇକ୍ରୀଷ୍ଣ ମା'ଦୁର୍ଗାଙ୍କ ଆବାହନୀ ସଂଗୀତ ଗାନ କରିଥିଲେ । ଗୀତାଞ୍ଜଳି ସଂହ ସୁସ୍ମିତା ବାଗ୍‌ଚିଙ୍କ ସାକ୍ଷାତ୍‌କାର ଉପରେ ସୂଚନା ପ୍ରଦାନ କରିଥିଲେ । ଡ. ହରିଶ୍ଚନ୍ଦ୍ର ବେହେରା, ଜ୍ୟୋତ୍ସ୍ନା ରାୟ, ରାଧାରାଣୀ ମହାପାତ୍ର କବିତା ପାଠ କରିଥିଲେ। ସଭା ଆରମ୍ଭରେ ଶିଳ୍ପପତି ଓ ସମାଜସେବୀ ଅମିତ୍ ବେହେରାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା । ସଭା ପରିଚାଳନାରେ ବସନ୍ତ ପ୍ରଧାନ, ଚକ୍ରଧର ମହାନ୍ତି ସହାୟତା କରିଥିଲେ । ଏହି ସଭାରେ ସର୍ବଶ୍ରୀ ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ମାନସ ଦତ, ଗଙ୍ଗାଧର ବିଶ୍ୱାଳ, ଡ. କ୍ଷିତୀଶ୍ୱର ଦାଶ, ଅରୁଣା ରାୟ, ଅଞ୍ଜଳି ପଣ୍ଡା,ଣ୍ଡା, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଏହି ସାରସ୍ୱତ ସମାରୋହରେ ଶତାଧିକ ଶୁଭେଚ୍ଛୁଙ୍କ ସହଯୋଗ ଦେଇଥିଲେ । ଶ୍ରୀମତୀ ମୀନତି କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ନ୍ତଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ



ଜଳେଶ୍ୱର ୧/୧୦(ନି.ପ୍ର): ଆଜି ଆର୍ନ୍ତଜାତିକ ବରିଷ ନାଗରିକ ଦିବସ ପାଳନ ଅବସରରେ ଜଳେଶ୍ୱର ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଭଂଜଶ୍ରୀ ଭବନଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଡ. ରମାକାନ୍ତ ଭଂଜ ଅଧ୍ୟକ୍ଷତା କରି ସାମ୍ପ୍ରତିକ ସ୍ଥିତରେ ନୈତିକ ଅବକ୍ଷୟ ସଂପର୍କରେ ସୂଚନା ଦେଇଥିଲେ । ମୁଖ୍ୟ ଅତିଥିଭାବେ ନବନିଯୁକ୍ତ ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ ଯୋଗ ଦେଇ ନୈତିକ ଶିକ୍ଷା ସମାଜରେ କମୁଥିବା ବେଳେ ମୋବାଇଲର ବହୁଳ ବ୍ୟବହାର ପାରିବାରିକ ସମ୍ପର୍କକୁ ତିକ୍ତ କରୁଛି ବୋଲି କହିଥିଲେ । ମୁଖ୍ୟ ବକ୍ତାଭାବେ ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ଇନ୍ଦୁମାଧବ ମହାନ୍ତି, ଗବେଷକ ଡ. ଶ୍ରୀକାନ୍ତଚରଣ ପାତ୍ର, ଜିତାରାମ ଦେ ଯୋଗ ଦେଇ ଯୌଥ ଓ ଏକାନ୍ନବର୍ତ୍ତୀ ପରିବାର ଉତ୍ତର ପିଢିକୁ ଅତୀତ ପରି ଅଧିକ ନୈତିକତା ପ୍ରଦାନ କରିପାରୁ ନାହିଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅରୁଣ କୁମାର ବେଜ, ସୁନିଲ କୁମାର ନାୟକ, କପିଳେଶ୍ୱର ମହାନ୍ତି, ସିତାଂଶୁ ସେନାପତି, ଦିଲ୍ଲିପ ଗିରି, ଅପର୍ଣ୍ଣା ଚୌଧୁରୀ, ଭାସ୍କର ମିଶ୍ର, ସୁବ୍ରତ ବେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱର ଶ୍ରେଷ୍ଠ

ଭୁବନେଶ୍ୱର, ୦୧/୯(ନି.ପ୍ର): ସ୍ୱଚ୍ଛ ସର୍ବେକ୍ଷଣ ୨୦୨୨ରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି। ଭୁବନେଶ୍ୱର ମହାନଗର ନିଗମ ସିଟିଜେନ ଫିଡ୍‌ବ୍ୟାକ ବର୍ଗରେ ସମଗ୍ର ଦେଶରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ନୂଆଦିଲ୍ଲୀରେ ଆୟୋଜିତ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ପାଇବା ପରେ ଭୁବନେଶ୍ୱର ବାସୀଙ୍କୁ ପୁରସ୍କାର ଉତ୍ସର୍ଗ କରିଛନ୍ତି ମେୟର ଓ କମିଶନର।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo